# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ସୋମବାର ୧୬ ସେପ୍ଟେମ୍ବର ୨୦୨୪ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ MONDAY 16 September 2024 Vol.No. 35 ■ No.249 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019




# ହରଭଙ୍ଗା ଉଚ୍ଚ ପ୍ରାଥମିକ ସ୍କୁଲରେ ବିଶ୍ୱ ପ୍ରାଥମିକ ଚିକିତ୍ସା ଦିବସ ପାଳିତ

ବଲାଙ୍ଗିର, ୧୫/୦୯ (ନି.ପ୍ର): ବଲାଙ୍ଗୀର ଜିଲ୍ଲା ଆଗଲପୁର ବ୍ଲକ ଅନ୍ତର୍ଗତ ହରଭଙ୍ଗା ଉଚ୍ଚ ପ୍ରାଥମିକ ସ୍କୁଲରେ ବିଶ୍ୱ ପ୍ରାଥମିକ ଚିକିତ୍ସା ଦିବସ ପାଳିତ ହୋଇଯାଇଛି । ରାସ୍ତା ଘାଟ ଦୁର୍ଘଟଣା ଦିନକୁ ଦିନ ବଢ଼ିବାରେ ଲାଗିବା ସହିତ ତଦଜନିତ ମୃତ୍ୟୁ ସଂଖ୍ୟା ମଧ୍ୟ ବଢ଼ିବାରେ ଲାଗିଛି । ମୂଲ୍ୟବାନ ଜୀବନ ଚାଲିଗଲେ ପରିବାର ଲୋକେ ଶୋକ ସନ୍ତପ୍ତ ରେ ସମୟ ବିତାଇଥାନ୍ତି। ଆର୍ଥିକ ଦିଗରେ ବିଶେଷ ଭାବରେ ପରିବାର ଲୋକେ କ୍ଷତିଗ୍ରସ୍ତ ହୋଇଥାନ୍ତି। ପ୍ରାଥମିକ ଶିକ୍ଷା ତଥା ଆବଶ୍ୟକ ସମୟରେ ଉପଯୁକ୍ତ ପ୍ରାଥମିକ ସେବା ଯୋଗାଇଦେବା ପ୍ରତ୍ୟେକ ନାଗରିକର କର୍ତ୍ତବ୍ୟ ହେବା ଉଚିତ୍। ଏକଥାକୁ ଦୃଷ୍ଟିରେ ରଖି ରାଜ୍ୟ ରେଡ କ୍ରସ ଙ୍କ ଆହ୍ୱାନ କ୍ରମେ ଆଜି ସେପଟ୍ଟେମ୍ବର ଦ୍ୱିତୀୟ ଶନିବାରରେ ହରଭଙ୍ଗା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ତଥା ରେଡକ୍ରସ ସାଧନକର୍ମି ଦୁର୍ଯ୍ୟୋଧନ ପଶାୟତଙ୍କ ଅଧ୍ୟକ୍ଷତାରେ ବିଶ୍ୱ ପ୍ରାଥମିକ ସିକିତ୍ସା ଦିବସ ପାଳିତ ହୋଇଯାଇଛି । ଛାତ୍ରଛାତ୍ରୀ ମାନଙ୍କୁ ଡେମୋନେଷ୍ଟ୍ରେସନ ମାଧ୍ୟମରେ ଶ୍ରୀ ପଶାୟତ ପ୍ରାଥମିକ ଚିକିତ୍ସା ର ଡି ଆର ଏ ବି ସି, ମୂର୍ଚ୍ଛା ସକ୍, ଚୋକିଂ, ରିକୋଭାରି ପୋଜିସନ୍ ଭଳି ବିଭିନ୍ନ କୌଶଳ ବିଷୟରେ ତାଲିମ ଦେଇଥିଲେ । ଶିକ୍ଷକ, ଛାତ୍ରଛାତ୍ରୀ ଙ୍କ ଅଭିଭାବକ ମାନେ ସମସ୍ତେ ତାଲିମ ନେବା ସହିତ ଆଗାମୀ ଦିନରେ ଲୋକ ଙ୍କ ସେବା କରିବାକୁ ଆଗେଇ ଆସିବାକୁ ଅଙ୍ଗୀକାରବଦ୍ଧ ହୋଇଥିଲେ । କାର୍ଯ୍ୟକ୍ରମରେ ଶିକ୍ଷକ ଗୋବିନ୍ଦ ସାହୁ, ଦିଲ୍ଲୀପ କୁମାର ଥାନପତି, ରାଜକିଶୋର ମହାକୁର, ମଣ୍ଟେସ କୁମାର ସାହୁ, ସ୍କୁଲ କମିଟି ସଭାପତି ବିପିନ ସାହୁ, ସଦସ୍ୟା ବିମଳା ଠାକୁର, ଶବ୍ୟା ଥାନପତି ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ। ଶେଷରେ ଶିକ୍ଷୟିତ୍ରୀ ପୀଙ୍କି କର୍ଣ୍ଣ ଧନ୍ୟବାଦ ଅର୍ପଣ କରିଥିଲେ।

# ପଟାସ ସାରରେ ବାଲି ମିଶ୍ରଣ ଘଟଣା: ବ୍ଲକ କୃଷି ଅଧିକାରୀଙ୍କ ଯାଂଚ

କୋରେଇ, ୧୫/୦୯ (ନି.ପ୍ର): ପଟାସ ସାର ବସ୍ତାରେ ବାଲି ମିଶ୍ରଣ କରାଯାଇ ବିକ୍ରି ହେଉଥିବା ଖବର ଆଜି ଗଣ ମାଧ୍ୟମରେ ପ୍ରକାଶ ପାଇବା ପରେ କୋରେଇ ବ୍ଲକ କୃଷି ଅଧିକାରୀ କବିତା ବେହେରା ଓ ଉପ କୃଷି ଅଧିକାରୀ ଅରୁଣ କୁମାର ପତ୍ରୀ ଓ ତାଙ୍କ ଟିମ ସୋତି ସ୍ଥିତ ଚାଷୀଙ୍କ ଘରେ ପହଂଚି ସାର ନମୁନା ଯାଂଚ କରିଛନ୍ତି । ତଦନ୍ତ ପରେ ସେମାନେ ସାର ବେପାରୀ ନିକଟରେ ପହଂଚିଥିଲେ ମଧ୍ୟ ସେ ଅନୁପସ୍ଥିତ ଥିବାର କୁହାଯାଉଛି । ପ୍ରକାଶଯେ କୋରେଇ ବ୍ଲକ ଅନ୍ତର୍ଗତ ଗୋଳେଇପୁର ପଂଚାୟତ ସୋତି ଗ୍ରାମର ଚାଷୀ ସୁଶାନ୍ତ ମାଝୀ ଓ ଜଡା ମାଝୀ ଗୋଳେଇପୁର ଛକରୁ ବସ୍ତା ପ୍ରତି ୧୨୨୦ଟଙ୍କା ଦରରେ ପଟାସ ସାର କିଣିଥିଲେ । ଚାଷ ଜମିରେ ସାର ପକାଇବା ବେଳକୁ ଅର୍ଦ୍ଧାଧିକ ବାଲି ଦେଖିବାକୁ ପାଇଥିଲେ । ପାଣିରେ ରଂଗ ଧୋଇହୋଇଯିବା ପରେ କେବଳ ବାଲି ରହିଥିଲା । ଏହା ନକଲି ସାର ବୋଲି ଯାଣିବା ପରେ ଏନେଇ ବୋପରୀଙ୍କୁ ପାଚାରିବାରୁ ସେ କଥାକୁ ଏଡାଇ ଯାଇଥିଲେ । ଉକ୍ତ ବିଷୟରେ ଆଜି ଜିଲ୍ଲା କୃଷି ବିଭାଗ ଯାଣିବା ପରେ ନମୁନା ଯାଂଚ ନମନ୍ତେ ବ୍ଲକ ଅଧିକାରୀ ଚାଷୀଙ୍କ ଘରେ ପହଂଚି ନମୁନା ସଂଗ୍ରହ କରି ନେଇଥିଲେ । ହେଷଳ ବେପାରୀ ବିରୁଦ୍ଧ ଲିଖିତ ପାଇ ମଧ୍ୟ କାର୍ଯ୍ୟାନୁଷ୍ଠାନ ନେବାରେ କୃଷି ବିଭାଗ କୁନ୍ଥୁ କୁନ୍ଥୁ ହେଉଥିବା ଦେଖାଯାଇଥିଲା । ଉକ୍ତ ବେଆଇନ କାର୍ଯ୍ୟରେ ସଂପୃକ୍ତ ବ୍ୟକ୍ତି ବିଶେଷ ଓ ନକଲି ସାରର ମୁଖ୍ୟ ଉତ୍ସ କେଉଁଠି ତାହା ଜିଲ୍ଲା ପ୍ରଶାସନ ପାଇଁ ଏକ ବଡ ଚ୍ୟାଲେଂଜ ସୃଷ୍ଟି କରିଛି । ଆଗାମି ଦିନରେ ନକଲି ସାର ବିକ୍ରି ବନ୍ଦ କରିବା ସହ ଅସାଧୁ ବ୍ୟବସାୟୀଙ୍କ ଉପରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାଧାରଣରେ ଦାବି ହୋଇଛି । ନହେଲେ ଚାଷୀ ରାଜରାସ୍ତାକୁ ଓହ୍ଲାଇବାକୁ ଚେତାବନୀ ଦେଇଛନ୍ତି ।

# ଓଏଭି ପଥରଚେପାରେ ପ୍ରତିଷ୍ଠା ଦିବସ ପାଳିତ

ବଲାଙ୍ଗିର, ୧୫/୦୯ (ନି.ପ୍ର): ଓଡିଶା ଆଦର୍ଶ ବିଦ୍ୟାଳୟ ପଥର ଚେପା , ବଲାଙ୍ଗିର ଠାରେ ଓଡିଶା ଆଦର୍ଶ ବିଦ୍ୟାଳୟ ସଂଗଠନର ନବମତମ ପ୍ରତିଷ୍ଠା ଦିବସ ମହାସମାରୋହରେ ପାଳିତ ହୋଇ ଯାଇଛି। ଏହି ମହାସମାରୋହରେ ସ୍ଥାନୀୟ ବିଡିଓ ହୃଷିକେଶ ଗଣ୍ଡ ମୁଖ୍ୟ ଅତିଥି ,ସହକାରୀ ଯୋଜନା ଅଧିକାରୀ ସଞ୍ଜୟ କୁମାର ଦିପ ସମ୍ମାନିତ ଅତିଥି , ସ୍ୱତନ୍ତ୍ର ଅତିଥି ଭାବରେ ବିଦ୍ୟାଳୟ ପରିଚାଳନା କମିଟି ର ସଭ୍ୟ ନାଟ୍ୟ ଭୂଷଣ ଜଗଦାନନ୍ଦ ଛୁରିଆ ,ଡକ୍ଟର ପି.କେ ଦାଶ, ଶିକ୍ଷାବିଦ୍ ସନାତନ ଠାକୁର ଏବଂ ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ମୁକ୍ତେଶ୍ୱର କୁମ୍ଭାର ଯୋଗଦାନ କରିଥିଲେ । ବିଦ୍ୟାଳୟର ଅଧକ୍ଷ କ୍ଷମାନିଧି ଝାଙ୍କର ଙ୍କ ଅଧକ୍ଷତାରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ମା ସମଲେଇଶ୍ୱରୀ ଙ୍କ ଫଟୋଚିତ୍ର ରେ ମାଲ୍ୟାର୍ପଣ ଓ ଦୀପ ପ୍ରଜ୍ୱଳନ ପରେ ସ୍ୱାଗତ ସଙ୍ଗୀତ ସହିତ ଏହି କାର୍ଯ୍ୟକ୍ରମ ର ଶୁଭାରମ୍ଭ କରାଯାଇ ଥିଲା । ନିଜକୁ ଏବଂ ନିଜ କର୍ମକୁ ଭଲପାଇ ଆଗକୁ ବଢିବା ପାଇଁ ସମ୍ମାନିତ ଅତିଥି ସଞ୍ଜୟ କୁମାର ଦିପ ଛାତ୍ର ଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ । ଗ୍ରାମାଂଚଳର ମେଧାବୀ ଛାତ୍ରଛାତ୍ରୀଙ୍କ ସୁନେଲି ଭବିଷ୍ୟତ ପାଇଁ ଓଏଭି ଉତମ କାର୍ଯ୍ୟ ପନ୍ଥା ଗ୍ରହଣ କରୁଅଛି ବୋଲି ବିଡ଼ିଓ ହୃଷୀକେଶ ଗଣ୍ଡ ମତପୋଷଣ କରିଥିଲେ। ସମୟର ସଦୁପଯୋଗ ଛାତ୍ରଛାତ୍ରୀ ମାନେ କରିବା ଉଚିତ ବୋଲି ଶିକ୍ଷାବିଦ୍ ସନାତନ ଠାକୁର , କଠିନ ପରିଶ୍ରମର ମହତ୍ୱ ସମ୍ପର୍କରେ ଜଗଦାନନ୍ଦ ଛୁରିଆ କହିଥିଲେ। ନୋଡାଲ ପ୍ରିନ୍ସିପାଲ କ୍ଷମାନିଧୀ ଝାଙ୍କର ଅତିଥି ପରିଚୟ ସହ ସ୍ୱାଗତ ଭାଷଣ ରେ ବିଦ୍ୟାଳୟ ର ଅଗ୍ରଗତି ନିମନ୍ତେ ଦିଗ୍ ଦର୍ଶନ କରିଥିଲେ। ପରେ ବିଭିନ୍ନ ପ୍ରତିଯୋଗିତାରେ କୃତି ଛାତ୍ର ଛାତ୍ରୀଙ୍କୁ ପୁରସ୍କୃତ କରାଯାଇ ଥିଲା ।ଶିକ୍ଷୟିତ୍ରୀ ଅଲିଭା ଦିପ ମଂଚ ପରିଚାଳନା କରିଥିବା ବେଳେ ଶେଷଦେବ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ । ଗୀତାଞ୍ଜଳି ମେହେର, ନରୋତମ ପଟେଲ, ନବନୀତା ନାୟକ, ମାନସ ସାହୁ, ଅନ୍ନପୂର୍ଣ୍ଣା ପୁରୋହିତ, ଗଜମଣି ବାଗ , ଚିତରଞ୍ଜନ ମିଶ୍ର, ଅଙ୍କିତା ପାଣିଗ୍ରାହୀ, ଶୁଭମ ସାହୁ, ଅନୀଳ ପଧାନ ତଥା ଅନ୍ୟାନ୍ୟ ଶିକ୍ଷକ ଶିକ୍ଷୟିତ୍ରୀମାନେ ଏଥିରେ ସକ୍ରିୟ ସହଯୋଗ କରିଥିଲେ।

# ଡାଇରିଆରେ ଆକ୍ରାନ୍ତ ହୋଇ ଚିକିତ୍ସା ହେଉଥିବା ଜଣକ ମୃତ୍ୟୁ

ମାଲକାନଗିରି, ୧୫/୦୯ (ନି.ପ୍ର): ମାଥିଲିରେ ବଢ଼ିଲା ଝାଡାବାନ୍ତିରେ ମୃତକଙ୍କ ସଂଖ୍ୟା । ଡାଇରିଆରେ ଆକ୍ରାନ୍ତ ହୋଇ ମାଥିଲି ସବଡିଭିଜନ ଚିକିତ୍ସିତ ହେଉଥିବା ଲୁଲେର ଗାଁର ସୁବର୍ଣ୍ଣା ନାୟକଙ୍କ ଗତକାଲି ରାତ୍ରରେ ମୃତ୍ୟୁ ହୋଇଛି । ଏପର୍ଯ୍ୟନ୍ତ ଡାଇରିଆରେ ୬ଜଣଙ୍କର ମୃତ୍ୟୁ ହେଲାଣି । ଏବେ ବି ୨୦ ଆକ୍ରାନ୍ତଙ୍କୁ ମାଥିଲି ମେଡିକାଲରେ ଚିକିତ୍ସା କରାଯାଉଛି । ସଂକ୍ରମଣ ରୋକିବା ପାଇଁ ଉଦ୍ୟମ ଜାରି ରହିଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କୁହାଯାଇଛି ।

# ଜୟନ୍ତୀଗଡ଼ରେ ଗୁଳିକାଣ୍ଡ ଘଟାଇ ଦୁର୍ବୃତ୍ତ ଫେରାର

ଚମ୍ପୁଆ, ୧୫/୦୯ (ନି.ପ୍ର): ଚମ୍ପୁଆ ନିକଟସ୍ଥ ଝାରଖଣ୍ଡର ଜୟନ୍ତୀଗଡରେ ଗୁଳିକାଣ୍ଡ ଘଟାଇ ଦୁର୍ବୃତ୍ତ ଫେରାର ହୋଇଯାଇଥିବା ଜଣାପଡିଛି। ଏହି ଗୁଳିକାଣ୍ଡରେ ଜଣେ ଯୁବକ ଅଳ୍ପକେ ମୃତ୍ୟୁ ମୁଖରୁ ବର୍ତ୍ତି ଯାଇଛନ୍ତି। ତାଙ୍କୁ ଉଦ୍ଧାର କରାଯାଇ ଚମ୍ପୁଆ ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି । ଯୁବକ ଜଣଙ୍କ ହେଲେ ବାବୁ ସାହି ବାସିନ୍ଦା ସତ୍ୟଜିତ୍ କର ( ଡାକ ନାମ ଂଟୁ , ୪୦ ବର୍ଷ) । ଗତକାଲି ରାତି ପ୍ରାୟ ୯ ଘଟିକା ସମୟରେ ସେ ଜୟନ୍ତୀଗଡ ମୁଖ୍ୟ ବଜାରରେ ଥିବା ନିଜର ଦୋକାନ ବନ୍ଦ କରି ଘରକୁ ଫେରୁଥିବା ବେଳେ ୨୦ ନଂ ଜାତୀୟ ରାଜଥ ବାବୁ ସାହି ନିକଟରେ ଦୁଇ ଜଣ ଦୁର୍ବୃତ ତାଙ୍କ ଉପରେ ମରଣାନ୍ତକ ଗୁଳି ଚାଳନା କରିଥିଲେ । ଗୋଟିଏ ଗୁଳି ତାଙ୍କ ବାମ ହାତରେ ବାଜିଥିବାବେଳେ ଆଉ ଏକ ଗୁଳି କାନ୍ଧରେ ବାଜିଥିବା ଜଣାପଡିଛି। ଗୁଳିଚାଳନା ପରେ ଦୁଇ ଦୁର୍ବୃତ ପଲସର ବାଇକ ଯୋଗେ ଚମ୍ପୁଆ ଆଡକୁ ଫେରାର ହୋଇ ଯାଇଥିବା କୁହାଯାଉଛି । ସ୍ଥାନୀୟ ଲୋକେ ତାଙ୍କୁ ସଙ୍ଗେ ସଙ୍ଗେ ସେଠାରୁ ଉଦ୍ଧାର କରି ଚମ୍ପୁଆ ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେଠାରେ ତାଙ୍କର ପ୍ରାଥମିକ ଚିକିତ୍ସା କରାଯାଇଛି । ଖବର ପାଇବା ପରେ ଝାଡଖଣ୍ଡ ଜଗନ୍ନାଥପୁର ଥାନା ଅଧିକାରୀ ଶିବ ନାରାୟଣ ତିୱାରୀ ଚମ୍ପୁଆ ଉପଖଣ୍ଡ ଚିକିତ୍ସାଳୟରେ ପହଂଚି ଆହତ ପିଂଟୁଙ୍କୁ ପଚରା ଉଚରା କରିବା ସହ ତଦନ୍ତ ଆରମ୍ଭ କରିଛନ୍ତି।

# ପଥର ଖଣି ଉପରେ ରୋକ ଲଗାଇଲେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ

ପୁରୀ, ୧୫/୦୯ (ନି.ପ୍ର): ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଜମି ଉପରେ ଖୋର୍ଦ୍ଧା ଜିଲ୍ଲାରେ ଥିବା ପଥର ଖଣିଗୁଡିକରେ ଧାର୍ଯ୍ୟ ଅନୁମୋଦିତ ପରିମାଣ ଠାରୁ ଅଧିକ ପରିମାଣ ଉତୋଳନ ଏବଂ ବେଆଇନ୍ ଉତ୍ତୋଳନ ସଂକ୍ରାନ୍ତରେ ମାମଲା ରୁଜୁ କରିବାକୁ ଖୋର୍ଦ୍ଧା ଜିଲ୍ଲା ଆରକ୍ଷୀ ଅଧୀକ୍ଷକଙ୍କୁ ଚିଠି ଲେଖିଛନ୍ତି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ । ଖୋର୍ଦ୍ଧା ଜିଲ୍ଲାରେ ମହାପ୍ରଭୁଙ୍କ ଜମି ଉପରେ ଥିବା ନିର୍ମାଣ ପଥର ଏବଂ ମାଙ୍କଡ଼ା ପଥର ଖଣି ଲିଜଧାରୀମାନଙ୍କୁ ଧାର୍ଯ୍ୟ ପରିମାଣ ଠାରୁ ଅଧିକ ଅଧିକ ଉତୋଳନ ସଂକ୍ରାନ୍ତରେ ଏହା ପୂର୍ବରୁ ନୋଟିସ୍ କରାଯାଇଥିଲା । ହେଲେ ସେମାନଙ୍କ ମଧ୍ୟରୁ କେତେକ ଲିଜଧାରୀ ଜୋରିମାନା ଦାଖଲ କରିନାହାନ୍ତି । ଏଥିରୁ ଜଣାପଡୁଛି ଯେ, ସେମାନେ ସ୍ଥାନୀୟ ମାଫିଆଙ୍କ ସହ ହାତ ମିଳାଇ ବେଆଇନ୍ ଉତୋଳନ କରୁଥିବା ଏବଂ ଏହାଦ୍ୱାରା ମହାପ୍ରଭୁଙ୍କ ରାଜସ୍ୱ କ୍ଷତି ହେଉଥିବା ମୁଖ୍ୟ ପ୍ରଶାସକ ନିଜ ଚିଠିରେ ଉଲ୍ଲେଖ କରିଛନ୍ତି । ଏହା ଭିତରେ କ୍ଷମତା ସମ୍ପନ୍ନ ଅଧିକାରୀ, ସମ୍ପୃକ୍ତ ଖିଲାପି ଲିଜଧାରୀଙ୍କ ଲିଜ୍ ମଧ୍ୟ ରଦ୍ଦ କରିଛନ୍ତି ଏବଂ ଭବିଷ୍ୟତରେ କୌଣସି ନିଲାମରୁ ବାଦ୍ ଦେବା ପାଇଁ ସେମାନଙ୍କୁ କଳାତାଲିକା ଭୁକ୍ତ ମଧ୍ୟ କରିଛନ୍ତି । ଏହା ଉପରେ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସମ୍ପୃକ୍ତ ଖିଲାପି ଲିଜଧାରୀଙ୍କ ବିରୋଧରେ ଖୋର୍ଦ୍ଧା ସଦର ଥାନାରେ ଏତଲା ଦାୟର କରାଯାଇଛି। ତେଣୁ ସମ୍ପୃକ୍ତଙ୍କ ବିରୋଧରେ କଡା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଗଲେ, ମହାପ୍ରଭୁଙ୍କ ଜମି ଉପରେ ଆଖି ପକାଉଥିବା ଆଇନ୍ ଉଲ୍ଲଂଘନକାରୀ ଏବଂ ମାଫିଆଙ୍କ ମଧ୍ୟରେ ଭୟ ସଂଚାର ହେବା ସହ ବେଆଇନ୍ ଖଣି ଉତୋଳନକୁ ରୋକାଯାଇ ପାରିବ ଓ ରାଜସ୍ୱ ହାନି ହେବ ନାହିଁ ବୋଲି ମୁଖ୍ୟ ପ୍ରଶାସକ ନିଜ ଚିଠିରେ ଖୋର୍ଦ୍ଧା ଆରକ୍ଷୀ ଅଧୀକ୍ଷକଙ୍କୁ ଜଣାଇଛନ୍ତି ।

# କେଶଦୂରାପାଳ ଗ୍ରାମରେ ବିନା ଫଳକରେ ନିମ୍ନମାନର ରାସ୍ତା କାର୍ଯ୍ୟକୁ ବିରୋଧ

ଘଟଗାଁ, ୧୫/୦୯ (ନି.ପ୍ର): ଆନନ୍ଦପୁର ଉପଖଣ୍ଡ ଘସିପୁରା ବ୍ଲକ ଅନ୍ତର୍ଗତ କେଶଦୂରାପାଳ ଗ୍ରାମରେ ୧୪ ତାରିଖ ମଧ୍ୟାହ୍ନରେ ବିନା ଫଳକରେ ଏକ ସିସି ରାସ୍ତା ନିର୍ମାଣ କାର୍ଯ୍ୟ ଚାଲିଥିବା ବେଳେ ଗ୍ରାମବାସୀମାନେ ଖବର ପାଇ ରାସ୍ତା କାର୍ଯ୍ୟକୁ ସମ୍ପୂର୍ଣ ବନ୍ଦ କରିଥିବାର ଜଣାଯାଇଛି । ଏହି ରାସ୍ତା ୧୫ ମିଟର ହୋଇଥିବା ବେଳେ କାର୍ଯ୍ୟରେ ଇଂଚ ବାଲି ପକାଇବା ସହ ୧୧ଟି ଫେଟାଲ, ୧୧ଟି ବାଲି କାମ ହେବାକଥା । କିନ୍ତୁ ତାହା କରାନଯାଇ ଏକ ନିର୍ଦ୍ଦିଷ୍ଟ ରାଜନୈତିକ ଦଳର ଠିକାଦାର ଓ କର୍ମୀମାନଙ୍କ ସହଯୋଗରେ ରାସ୍ତା କାମ ଆଗେଇ ଚାଲିଥିବା ବେଳେ ଗ୍ରାମବାସୀମାନେ ଏହାକୁ ବିରୋଧ କରିଥିଲେ । ଏହି ରାସ୍ତା କାର୍ଯ୍ୟ ବିନା ଫଳକରେ କରାଯାଇଥିବା ବେଳେ ଘଟଣାସ୍ଥଳରେ ଜନୈକ ଯନ୍ତ୍ରୀ ଉପସ୍ଥିତ ନଥିବା ବେଳେ ଗ୍ରାମବାସୀଙ୍କ ପକ୍ଷରୁ ସ୍ଥାନୀୟ ବିଡିଓ, ସହକାରୀ ଯନ୍ତ୍ରୀ ଓ କନିଷ୍ଠ ଯନ୍ତ୍ରୀଙ୍କୁ ଫୋନ୍ ଯୋଗେ ଯୋଗାଯୋଗ କରାଯିବା ପରେ କୌଣସି ସନ୍ତୋଷଜନକ ଉତର ମିଳିନଥିଲା । ଏହାପରେ କୌଣସି ସୂତ୍ରରୁ ଖବର ପାଇ ଜଣେ କନିଷ୍ଠ ଯନ୍ତ୍ରୀ ଘଟଣାସ୍ଥଳରେ ପହଂଚି ଥିବାବେଳେ ଗ୍ରାମବାସୀମାନେ ରାସ୍ତା କାର୍ଯ୍ୟ ବର୍ଷା ଦିନରେ କରାନଯିବା ଏବଂ ଛୁଟି ଦିନରେ କିଭଳି ରାସ୍ତା କାର୍ଯ୍ୟ କରାଯାଇଛି ପ୍ରଶ୍ନ କରିବାରୁ ତାଙ୍କ ଅଜ୍ଞାତରେ ଏହି କାର୍ଯ୍ୟ ହୋଇଥିବାର ପ୍ରକାଶ କରିଥିଲେ ।

# ସରକାର ପିଆଜ ଉପରେ ରପ୍ତାନି ଶୁଳ୍କ ୪୦%ରୁ ୨୦%କୁ ହ୍ରାସ କରିଛନ୍ତି : ଶ୍ରୀ ଚୌହାନ

ନୂଆଦିଲ୍ଲୀ, ୧୫/୦୯ (ନି.ପ୍ର): କେନ୍ଦ୍ର କୃଷି ଓ କୃଷକ କଲ୍ୟାଣ ଏବଂ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ଶ୍ରୀ ଶିବରାଜ ସିଂହ ଚୌହାନ କହିଛନ୍ତି ଯେ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ହେଉଛନ୍ତି କୃଷକ ମାନଙ୍କର ବନ୍ଧୁ ଏବଂ କୃଷି ଓ କୃଷକ କଲ୍ୟାଣ ତାଙ୍କର ସର୍ବୋଚ୍ଚ ପ୍ରାଥମିକତା । କୃଷକ ମାନଙ୍କର ସ୍ୱାର୍ଥକୁ ଦୃଷ୍ଟିରେ ରଖି ମୋଦୀ ସରକାର କିଛି ବଡ ନିଷ୍ପତ୍ତି ନେଇଛନ୍ତି । ଶ୍ରୀ ଚୌହାନ କହିଛନ୍ତି ଯେ କୃଷକ ଅନୁକୂଳ ମୋଦୀ ସରକାର ଖାଇବା ତେଲ ଉପରେ ଆମଦାନୀ ଶୁଳ୍କ ୦%ରୁ ୨୦%କୁ ବୃଦ୍ଧି କରିବାକୁ ନିଷ୍ପତ୍ତି ନେଇଛନ୍ତି ଏବଂ ଅନ୍ୟାନ୍ୟ ଉପାଦାନକୁ ମିଶାଇଲେ ଏହାର ସମୁଦାୟ ପ୍ରଭାବୀ ଶୁଳ୍କ ୨୭.୫% ରହିବ । ଏହି ପଦକ୍ଷେପ ଦ୍ୱାରା ସମସ୍ତ ତୈଳବୀଜ ଚାଷୀ ବିଶେଷ କରି ସୋୟାବିନ୍ ଓ ସବୁଜ ଚଣା ଚାଷୀ, ଯେଉଁମାନଙ୍କ ଫସଲ ବଜାରକୁ ଆସିବାକୁ ଯାଉଛି, ସେମାନଙ୍କୁ ଭଲ ମୂଲ୍ୟ ମିଳିବ ବୋଲି କେନ୍ଦ୍ର ମନ୍ତ୍ରୀ କହିଛନ୍ତି । ଏହା ସହିତ ରବି ଋତୁରେ ତୈଳବୀଜ ବୁଣିବା ବୃଦ୍ଧି ପାଇବ ଏବଂ ସୋରିଷ ଫସଲକୁ ମଧ୍ୟ ଭଲ ମୂଲ୍ୟ ମିଳିବ । ଶ୍ରୀ ଚୌହାନ କହିଛନ୍ତି ଯେ ଏହି ନିଷ୍ପତ୍ତି ଦ୍ୱାରା ସୋୟା ଖଳିର ଉତ୍ପାଦନ ମଧ୍ୟ ବୃଦ୍ଧି ପାଇବ ଏବଂ ଏହା ରପ୍ତାନି ହେବ ଏବଂ ଏହା ସହିତ ସୋୟା ସହ ଜଡିତ ଅନ୍ୟାନ୍ୟ କ୍ଷେତ୍ର ମଧ୍ୟ ଲାଭବାନ ହେବେ । କୃଷକ ମାନଙ୍କର ସ୍ୱାର୍ଥ ଦୃଷ୍ଟିରୁ ଏହି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ପାଇଁ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କୁ କେନ୍ଦ୍ର ମନ୍ତ୍ରୀ ଧନ୍ୟବାଦ ଜଣାଇଛନ୍ତି ।ଶ୍ରୀ ଚୌହାନ କହିଛନ୍ତି ଯେ , ମୋଦୀ ସରକାର କୃଷକ ମାନଙ୍କର କଲ୍ୟାଣ ପ୍ରତି ବେଶ୍ ସମ୍ବେଦନଶୀଳ ଏବଂ ବାସମତୀ ଚାଉଳ ଉପରେ ସର୍ବନିମ୍ନ ରପ୍ତାନି ଶୁଳ୍କ ହଟାଇବାକୁ ମଧ୍ୟ ନିଷ୍ପତ୍ତି ନିଆଯାଇଛି । ରପ୍ତାନି ଶୁଳ୍କ ହଟିବା ଦ୍ୱାରା ବାସମତୀ ଚାଉଳ ଉତ୍ପାଦନକାରୀ କୃଷକମାନେ ସେମାନଙ୍କ ଉତ୍ପାଦିତ ଦ୍ରବ୍ୟର ଉଚିତ ମୂଲ୍ୟ ପାଇପାରିବେ ଏବଂ ନିଆଯାଇଥିବା ପଦକ୍ଷେପ ଫଳରେ ବାସମତୀ ଚାଉଳର ଚାହିଦା ବୃଦ୍ଧି ପାଇବ ଏବଂ ରପ୍ତାନି ମଧ୍ୟ ବୃଦ୍ଧି ପାଇବ ବୋଲି କେନ୍ଦ୍ରମନ୍ତ୍ରୀ ସୂଚନା ଦେଇଛନ୍ତି । ମୋଦୀ ସରକାର କୃଷକ ମାନଙ୍କର ବିକାଶ ପାଇଁ ପ୍ରତିଶ୍ରୁତିବଦ୍ଧ ଏବଂ ରିଫାଇନ୍ ତେଲ ଉପରେ ମୌଳିକ ଶୁଳ୍କକୁ ୩୨.୫% କୁ ବୃଦ୍ଧି କରିବାକୁ ମଧ୍ୟ ନିଷ୍ପତ୍ତି ନିଆଯାଇଛି ବୋଲି କେନ୍ଦ୍ରମନ୍ତ୍ରୀ କହିଛନ୍ତି । ଏହି ନିଷ୍ପତ୍ତି ଦ୍ୱାରା ସୋରିଷ, ସୂର୍ଯ୍ୟମୁଖୀ ଓ ଚିନାବାଦାମ ଫସଲର ଚାହିଦା ବୃଦ୍ଧି ପାଇବ ।ଶ୍ରୀ ଚୌହାନ କହିଛନ୍ତି ଯେ କୃଷକମାନେ ଏହି ଫସଲର ଉତ୍ତମ ମୂଲ୍ୟ ପାଇପାରିବେ ଏବଂ କ୍ଷୁଦ୍ର ଏବଂ ଗ୍ରାମାଂଚଳରେ ବିଶୋଧନାଗାର ବୃଦ୍ଧି ସହିତ ନିଯୁକ୍ତି ସୁଯୋଗ ମଧ୍ୟ ବୃଦ୍ଧି ପାଇବ । ମୋଦୀ ସରକାର କୃଷକଙ୍କ ପ୍ରଗତି ପାଇଁ ପ୍ରତିଶ୍ରୁତିବଦ୍ଧ ଏବଂ ପିଆଜ ଉପରେ ରପ୍ତାନି ଶୁଳ୍କ ୪୦%ରୁ ୨୦%କୁ ହ୍ରାସ କରିବାକୁ ନିଷ୍ପତ୍ତି ନିଆଯାଇଛି । ରପ୍ତାନି ଶୁଳ୍କ ହ୍ରାସ ପାଇଲେ ପିଆଜ ଉତ୍ପାଦନକାରୀ ଚାଷୀ ପିଆଜର ଭଲ ମୂଲ୍ୟ ପାଇବେ ଏବଂ ପିଆଜ ରପ୍ତାନି ମଧ୍ୟ ବୃଦ୍ଧି ପାଇବ । ସରକାରଙ୍କ ଏହି ନିଷ୍ପତ୍ତି ଦ୍ୱାରା ଚାଷୀ ତଥା ପିଆଜ ସହ ଜଡିତ ଅନ୍ୟାନ୍ୟ କ୍ଷେତ୍ର ସିଧାସଳଖ ଉପକୃତ ହେବ ।

# କେନ୍ଦ୍ରାପଡାରେ ରାଷ୍ଟ୍ରୀୟ ଲୋକ ଅଦାଲତ: ୪ କୋଟି ଟଙ୍କା ଆଦାୟ

କେନ୍ଦ୍ରାପଡ଼ା , ୧୫/୦୯ (ନି.ପ୍ର): କେନ୍ଦ୍ରାପଡା ଜିଲ୍ଲା ଆଇନ ସେବା ପ୍ରାଧିକରଣ ଆନୁକୂଲ୍ୟରେ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି । ମାନ୍ୟବର ଜିଲ୍ଲା ଓ ଦୌରାଜଜ ଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ରାଷ୍ଟ୍ରୀୟ ଲୋକ ଅଦାଲତ ରେ ମୋଟ୍ ୯୧୨୨ ମାମଲା ପଞ୍ଜିକରଣ ହୋଇଥିବା ବେଳେ ୩୮୦୨ଟି ମାମଲା ସମାଧାନ ହୋଇ ୪ କୋଟି ୩୬ ଲକ୍ଷ ୩୨ ହଜାର ୫୦୪ ଟଙ୍କା ଆଦାୟ ହୋଇଛି । ଏହି ମାମଲା ଗୁଡିକ ମଧ୍ୟରୁ ସମାଧାନ ହୋଇଥିବା ୩୯ଟି ଚେକ୍ ବାଉନ୍ସ, ଟଙ୍କା ପୁନଉଦ୍ଧାର ୩୨ଟି, ମଟର ଯାନ ଦୁର୍ଘଟଣା ୮ଟି, ବିଭିନ୍ନ ରାଜସ୍ୱ ମାମଲା ୨୦୨୨ଟି ଏବଂ ବ୍ୟାଙ୍କ ଋଣ ୧୨୩୮ ଟି, ଲୋକ ଉପଯୋଗୀ ସେବା ସମ୍ବନ୍ଧୀୟ ବିବାଦ ୩ଟି ଏହିଭଳି ମୋଟ୍ ୩୮୦୨ ଟି ମାମଲା ସମାଧାନ ହୋଇ ୪ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ଆଦାୟ କରାଯାଇଛି । ଜିଲ୍ଲା ଆଇନସେବା ପ୍ରାଧିକରଣ ସଚିବ ସୁମିତ୍ରା ସାହୁ ପରିଚାଳନା କରିଥିବା ବେଳେ ମାନ୍ୟବର ସମସ୍ତ ବିଚାରପତି ସହଯୋଗ କରିଥିଲେ ।

# ରାଷ୍ଟ୍ରୀୟ ଲୋକ ଅଦାଲତରେ ୮୩,୬୭୫ ମାମଲାର ଫଇସଲା

ଭୁବନେଶ୍ୱର, ୧୫/୦୯ (ନି.ପ୍ର):ଜାତୀୟ ଆଇନ ସେବା ପ୍ରାଧିକରଣ ଓ ଓଡ଼ିଶା ରାଜ୍ୟ ଆଇନ ସେବା ପ୍ରାଧିକରଣଙ୍କ ନିର୍ଦ୍ଦେଶ କ୍ରମେ ଆଜି ଖୋର୍ଦ୍ଧା ଜିଲ୍ଲା ଆଇନ ସେବା ପ୍ରାଧିକରଣଙ୍କ ପକ୍ଷରୁ ଜିଲ୍ଲାର ସମସ୍ତ ବିଚାର ବିଭାଗୀୟ ଅଦାଲତ ପରିସର ଯଥା-ଭୁବନେଶ୍ୱର, ଖୋର୍ଦ୍ଧା, ବାଣପୁର, ଜଟଣୀ, ଚିଲିକା ଓ ବେଗୁନିଆ ଏବଂ ଗ୍ରାମ୍ୟ ନ୍ୟାୟାଳୟ ଟାଙ୍ଗୀ ପରିସରରେ ଏକ ରାଷ୍ଟ୍ରୀୟ ଅଦାଲତ ମାନ୍ୟବର ଜିଲ୍ଲା ଓ ଦୌରାଜଜ୍ ତଥା ଅଧ୍ୟକ୍ଷ, ଜିଲ୍ଲା ଆଇନ ସେବା ପ୍ରାଧିକରଣ, ଖୋର୍ଦ୍ଧା, ଭୁବନେଶ୍ୱର ଶ୍ରୀ ନିଶିଥ୍ ନିଶାଙ୍କଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଚଳିତ ବର୍ଷର ଏହି ତୃତୀୟ ରାଷ୍ଟ୍ରୀୟ ଲୋକ ଅଦାଲତରେ ପ୍ରାୟ ସମସ୍ତ ପ୍ରକାରର ସାଲିସ୍‌ଯୋଗ୍ୟ ଫୌଜଦାରୀ ଓ ଦେୱାନି ମାମଲା, ଗାଡ଼ି ମୋଟର ଦୁର୍ଘଟଣାଜନିତ କ୍ଷତିପୂରଣ ମାମଲା, ବ୍ୟାଙ୍କ ଋଣ, ବିଦ୍ୟୁତ ଓ ଜଳଯୋଗାଣ, ପାରିବାରିକ ଓ ବୈବାହିକ ମାମଲା, ଜମି ଅଧିଗ୍ରହଣ, ଶ୍ରମ ବିବାଦ, ଚେକ୍ ବାଉନ୍ସ, ରାଜସ୍ୱ, ଖାଉଟି ବ୍ୟାପାର, ଟେଲିଫୋନ ଅନାଦେୟ ସର୍ବମୋଟ ୧,୧୭,୩୮୫ ମାମଲାମାନ ଜିଲ୍ଲାର ବିଭିନ୍ନ ଅଦାଲତମାନଙ୍କରେ ଆଗତ କରାଯାଇ ସେଥି ମଧ୍ୟରୁ ୮୩,୬୭୫ ଗୋଟି ମାମଲାର ଉଭୟ ପକ୍ଷଙ୍କ ଆପୋଷ ବୁଝାମଣା ଜରିଆରେ ଫଇସଲା କରାଯାଇ ସର୍ବମୋଟ ୩୦,୩୦,୩୨,୮୧୨ ଟଙ୍କା ଜୋରିମାନା ଏବଂ ରାଜିନାମା ଓ ରାଜସ୍ୱ ଆଦାୟ କରାଯାଇଥିଲା।

ଉକ୍ତ ଲୋକ ଅଦାଲତରେ ସମସ୍ତ ବିଚାର ବିଭାଗୀୟ ଅଧିକାରୀଗଣ, ଆଇନଜୀବୀ, ରାଜସ୍ୱ ଅଧିକାରୀ, ଆଂଚଳିକ ବ୍ୟାଙ୍କ ପଦାଧିକାରୀ, ବୀମା କମ୍ପାନିମାନଙ୍କର ଅଧିକାରୀବୃନ୍ଦ, ପ୍ରତିପକ୍ଷ ଓକିଲଙ୍କ କାର୍ଯ୍ୟାଳୟର ସମସ୍ତ ଆଇନଜୀବୀ, ଟେଲିକମ୍ ଅଧିକାରୀ, କୋର୍ଟ ମ୍ୟାନେଜର, ଅଦାଲତର ସମସ୍ତ କର୍ମଚାରୀ, ପୋଲିସ ପ୍ରଶାସନ ଉପସ୍ଥିତ ଥିଲେ । ଶେଷରେ ଉକ୍ତ ଲୋକ ଅଦାଲତର ସାମୁଦାୟିକ ସଫଳତା ପାଇଁ ପ୍ରାଧିକରଣଙ୍କ ପକ୍ଷରୁ ଏହାର ସଚିବ, ଶ୍ରୀମତୀ ସୌଦାମିନୀ ସିଂ ସମସ୍ତ ବିଚାର ବିଭାଗୀୟ ଅଧିକାରୀ, ଅନ୍ୟାନ୍ୟ ପ୍ରଶାସନିକ ଅଧିକାରୀ ଓ ସମସ୍ତ କର୍ମଚାରୀମାନଙ୍କୁ ଧନ୍ୟବାଦ ଦେବା ସହ ପରବର୍ତ୍ତୀ ଚତୁର୍ଥ ରାଷ୍ଟ୍ରୀୟ ଲୋକ ଅଦାଲତ ଆସନ୍ତା ୧୪/୧୧/୨୦୨୪ ପାଇଁ ଆଗୁଆ ପ୍ରସ୍ତୁତି ନିମନ୍ତେ ସମସ୍ତଙ୍କୁ ଅନୁରୋଧ

# ତହସିଲ କାର୍ଯ୍ୟାଳୟରେ ଜମି ମାଫିଆଙ୍କ ଭୋଜି


ଘଟଗାଁ, ୧୫/୦୯ (ନି.ପ୍ର): ଘସିପୁରା ତହସିଲ କାର୍ଯ୍ୟାଳୟରେ ପରିସରରେ ଜମି ମାଫିଆଙ୍କ ଭୋଜିଆସର ଜମିଥିବା ଦେଖିବାକୁ ମିଳିଛି । ଏପଟେ ଘସିପୁରା ତହସିଲ ଅଞ୍ଚଳରେ ସରକାରୀ ଜମିର ଖୋଲାଖୋଲି ଭାବେ ଜବର ଦଖଲ ଚାଲିଥିବା ବେଳେ କାର୍ଯ୍ୟାଳୟ ପରିସରରେ ଜମି ମାଫିଆଙ୍କ ଭୋଜି ଚର୍ଚ୍ଚାକୁ ଆସିଛି। ଏନେଇ ସୋସିଆଲ ମିଡ଼ିଆରେ ଭାଇରାଲ ହେବାପରେ ତଦନ୍ତ ପାଇଁ କେନ୍ଦୁଝର ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି। ଗତକାଲି ସରକାରୀ କାର୍ଯ୍ୟଦିବସରେ ତହସିଲ ପରିସରରେ ଏକ ବିରାଟ ଭୋଜିର ଆୟୋଜନ କରାଯାଇଥିଲା। ଭୋଜିରେ ବହୁ ପ୍ରକାର ଖାଦ୍ୟ ବ୍ୟବସ୍ଥା କରାଯାଇଥିବା ବେଳେ ତହସିଲର ସମସ୍ତ କର୍ମଚାରୀଙ୍କୁ ଆପ୍ୟାୟିତ କରାଯାଇଥିଲା। ସରକାରଙ୍କ ବିଭିନ୍ନ ଯୋଜନାରେ କର୍ମଚାରୀ ମାନେ ଜମି ଚିହ୍ନଟ, କବଲା ପରେ ପଟା ପାଇଁ ଦରଖାସ୍ତ, ଲିଗାଲ ହେୟାର ସାର୍ଟିଫିକେଟ, ଜାତି ପ୍ରମାଣପତ୍ର, ଆୟ ପ୍ରମାଣ ପତ୍ର ପାଇଁ ହିତାଧିକାରୀ ଦୀର୍ଘ ଦିନ ଧରି ଅପେକ୍ଷା କରିବାକୁ ପଡୁଥିବା ବେଳେ ତେବେ କେଉଁ ଖୁସିରେ କିଏ ତହସିଲ କର୍ମଚାରୀଙ୍କୁ କେଉଁ ଉଦ୍ଦେଶ୍ୟରେ ଭୋଜି ଦିଆଯାଉଥିଲା ଏହାକୁ ନେଇ ଚାରିଆଡେ ଚର୍ଚ୍ଚା ହେଉଛି। ଏକ ବଡ଼ ଧରଣର ଜମି କେଲେଙ୍କାରୀକୁ ଘୋଡାଇବା ପାଇଁ ଏଭଳି ଆୟୋଜନ ହୋଇଥିବା ଅଭିଯୋଗ ହୋଇଛି। ଏନେଇ ତହସିଲଦାର ନୀଳକଣ୍ଠ ବେହେରାଙ୍କୁ ପଚାରିବାରୁ ଏକଥାକୁ ସେ ଏଡାଇ ଯାଇଥିଲେ। ତହସିଲ କର୍ମଚାରୀଙ୍କ କହିବା ଅନୁସାରେ, ସେମାନେ ପହଂଚିବା ପୂର୍ବରୁ ରୋଷେଇ ଆରମ୍ଭ ହୋଇ ସାରିଥିଲା।

# ମୁଁ ମଧ୍ୟ ନିଜ ଆଖିକୁ ଦାନ କରିବାକୁ ପ୍ରସ୍ତୁତ : ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ

ଭୁବନେଶ୍ୱର , ୧୫/୦୯ (ନି.ପ୍ର): ଏଲ ଭି ପ୍ରସାଦ ଚକ୍ଷୁ ଚିକିତ୍ସାଳୟର ୧୪ ତମ ଚକ୍ଷୁ ବ୍ୟାଙ୍କ୍ ଓ ସ୍ୱଚ୍ଛ ପଟଳ ସମ୍ବନ୍ଧୀୟ ଜାତୀୟ ସମ୍ମିଳନୀ ଆଜି ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି । ଏହି ସମ୍ମିଳନୀରେ ଓଡ଼ିଶାର ଉପମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତିକରଣ ଏବଂ ଶକ୍ତି ମନ୍ତ୍ରୀ ଶ୍ରୀ କନକ ବର୍ଦ୍ଧନ ସିଂହଦେଓ ମୁଖ୍ୟଅତିଥି ରୂପେ ଯୋଗଦାନ କରି କହିଥିଲେ ଯେ, ଅଙ୍ଗଦାନ କରି ଯେପରି ଜଣେ ବ୍ୟକ୍ତିଙ୍କୁ ଆମେ ଜୀବନ ଦାନ ଦେଇପାରିବା ସେହିପରି ଚକ୍ଷୁଦାନ କରି ଆମେ ଜଣେ ବ୍ୟକ୍ତିଙ୍କୁ ନିଜ ଆଖିରେ ଦୁନିଆ ଦେଖେଇପାରିବା । ଅନୁରୂପଭାବେ, "ମୁଁ ମଧ୍ୟ ନିଜ ଆଖିକୁ ଦାନ କରିବାକୁ ପ୍ରସ୍ତୁତ ।"ଚ ଭାରତରେ ବାସ କରୁଥିବା ଜନସଂଖ୍ୟାର ୧% ଦୃଷ୍ଟିହୀନ ଥିବାବେଳେ ଚକ୍ଷୁ ଦାନ ଓ ପ୍ରତିରୋପଣ ଦ୍ୱାରା ଆମେ ପରସ୍ପରକୁ ସାହାଯ୍ୟ କରିପାରିବା ଓ ସେମାନଙ୍କୁ ନିଜ ଆଖିରେ ଦୁନିଆ ଦେଖେଇ ପାରିବା । ଜୀବନରେ ଏହାଠାରୁ ବଡ ଉପଲବ୍ଧି ଆଉ କିଛି ହେଇ ନ ପାରେ । ଓଡ଼ିଶାରେ 'ଦୃଷ୍ଟିଦାନ ଚକ୍ଷୁ ବ୍ୟାଙ୍କ୍' ୨୦୦୭ ମସିହାରେ ଏଲ୍ ଭି ପ୍ରସାଦ ଚକ୍ଷୁ ଚିକିତ୍ସାଳୟ ଦ୍ୱାରା ଖୋଲାଯାଇଥିଲା । ଯାହା ଆଜି ଦେଶର ପ୍ରମୁଖ ୧୦ ଚକ୍ଷୁ ବ୍ୟାଙ୍କ୍ ଭିତରେ ସ୍ଥାନିତ ହୋଇପାରିଛି ଏବଂ ବର୍ଷକୁ ୧୫୦୦ରୁ ଉର୍ଦ୍ଧ୍ୱ ଦାନ ଚକ୍ଷୁକୁ ସଂଗୃହିତ କରୁଛି । ଓଡ଼ିଶା ସରକାର ମଧ୍ୟ ଏହି ମହନୀୟ ପ୍ରୟାସକୁ ସହଯୋଗ କରି ସବୁ ଜିଲ୍ଲାସ୍ତରୀୟ ମେଡ଼ିକାଲ ଗୁଡ଼ିକରେ ଚକ୍ଷୁ ଦାନ ପାଇଁ ସହଜ ଓ ସରଳ ପ୍ରାବଧାନ କରିଛନ୍ତି। ଏହି ପରିପ୍ରେକ୍ଷୀରେ ସାଧାରଣ ଜନତାଙ୍କୁ ଚକ୍ଷୁ ଦାନ ଭଳି ମହତ୍ କାର୍ଯ୍ୟରେ ନିଜକୁ ଅଂଶୀଦାର ହେବା ପାଇଁ ଆହ୍ୱାନ ଦେଇଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ଚକ୍ଷୁ ବ୍ୟାଙ୍କ ଆସୋସିଏସନର ସଚିବ ଡ଼ ସୁଜାତା ଦାସ ସ୍ୱାଗତ ଭାଷଣ ଦେଇଥିବାବେଳେ ଉପସଭାପତି ଡ଼ ନମ୍ରତା ଶର୍ମା, ସଭାପତି ଡ଼ ପରିହାର, ଡ଼ ସୁବଳ କିଶୋର କର, ଡ଼ ପ୍ରଶାନ୍ତ ଗର୍ଗ, ନଳିନୀ ଶର୍ମା ପ୍ରମୁଖ ଉଦବୋଧନ ଦେଇଥିଲେ। ଡ଼ ଶ୍ରୀକାନ୍ତ କୁମାର ସାହୁ ଧନ୍ୟବାଦ ଜଣାଇଥିଲେ ।

# ଭବିଷ୍ୟତ ପାଇଁ ଅଭିନବତ୍ୱ: ଆଇଆଇଟି ଭୁବନେଶ୍ୱରରେ ଓପନ୍ ଇନୋଭେସନ୍ କର୍ମଶାଳା

ଭୁବନେଶ୍ୱର , ୧୫/୦୯ (ନି.ପ୍ର): ଭାରତୀୟ ପ୍ରଯୁକ୍ତିବିଦ୍ୟା ପ୍ରତିଷ୍ଠାନ (ଆଇଆଇଟି) ଭୁବନେଶ୍ୱରର ଅନୁସନ୍ଧାନ ଏବଂ ଉଦ୍ୟୋଗ ପାର୍କ ପକ୍ଷରୁ ୧୩ ଏବଂ ୧୪ ସେପଟ୍ଟେମ୍ବର ୨୦୨୪ ରେ ଦୁଇ ଦିନିଆ ଓପନ୍ ଇନୋଭେସନ୍ କର୍ମଶାଳା ଆୟୋଜିତ ହୋଇଛି। କର୍ମଶାଳାର ଉଦ୍ଦେଶ୍ୟ ଥିଲା କର୍ପୋରେଟ୍ ନେତାମାନଙ୍କୁ ପ୍ରଭାବଶାଳୀ ଭାବରେ ସହଯୋଗ କରିବା ଏବଂ ଉଦୀୟମାନ ଧାରା, ବୈଷୟିକ ସଫଳତା ଏବଂ ବିଭିନ୍ନ ଔଦ୍ୟୋଗିକ କୌଶଳ ବିଷୟରେ ଜ୍ଞାନ ଆହରଣ କରିବା ଯାହାକି ଅଭିନବତ୍ୱକୁ ନୂତନ ରୂପ ପ୍ରଦାନ କରିପାରେ। ଇଣ୍ଡିଆ ଆକ୍ସିଲେଟର ସହିତ ମିଳିତ ଭାବରେ ଆୟୋଜିତ ଏହି କର୍ମଶାଳାରେ କର୍ପୋରେଟ୍ ଏବଂ ଉଦ୍ୟୋଗୀମାନଙ୍କୁ ଓପନ୍ ଇନୋଭେସନ୍ ପ୍ରଣାଳୀ ସହିତ ସମୃଦ୍ଧ କରି ସେମାନଙ୍କୁ ବାହ୍ୟ ଚିନ୍ତାଧାରା ଏବଂ ଷ୍ଟାର୍ଟଅପଗୁଡିକର ସାମୂହିକ ବୁଦ୍ଧିମତାକୁ ଆଗୁଆ ଚିନ୍ତାଧାରାର ସମାଧାନ ତଥା ସାମ୍ପ୍ରତିକ ଶିଳ୍ପ ଆହ୍ୱାନର ସମାଧାନ କରିବାକୁ ସକ୍ଷମ କରାଯାଇଛି । ଏହି କାର୍ଯ୍ୟକ୍ରମରେ ଏନଟିପିସି, ଟାଟା ଷ୍ଟିଲ୍, ଗ୍ରୀଡ୍ କଂଟ୍ରୋଲର୍ ଅଫ୍ ଇଣ୍ଡିଆ ଏବଂ ବଜାଜ୍ ଇଲେକ୍ଟ୍ରିକାଲ୍ସ ଭଳି ଅଗ୍ରଣୀ କମ୍ପାନୀଗୁଡିକର କର୍ପୋରେଟ୍ ନେତା, ଅଭିନବ ପରିଚାଳକ ଏବଂ ଗବେଷଣା ଓ ବିକାଶ ଦଳ ଏକତ୍ରିତ ହୋଇଥିଲେ ।ଆଇଆଇଟି ଭୁବନେଶ୍ୱରର ନିର୍ଦ୍ଦେଶକ ପ୍ରଫେସର ଶ୍ରୀପଦ୍ କର୍ମାଲକର ଅଂଶଗ୍ରହଣକାରୀଙ୍କୁ ସମ୍ବୋଧିତ କରି କହିଥିଲେ ଯେ ଆଧୁନିକ ପ୍ରସଙ୍ଗରେ ଦକ୍ଷତା ବିକାଶର ସଂକଳ୍ପରେ ଦକ୍ଷତା ବିକାଶ, ଗବେଷଣା କ୍ଷମତା ଏବଂ ଉଦ୍ୟୋଗୀତା ଅନ୍ତର୍ଭୁକ୍ତ ହେବା ଉଚିତ୍। ସେ ଜୋର ଦେଇଛନ୍ତି: "ଯେତେବେଳେ ଆମର ଦୃଷ୍ଟିକୋଣ ଅତୀତର ଅନୁଭୂତି ଦ୍ୱାରା ସମୃଦ୍ଧ ହୁଏ କିନ୍ତୁ ଏହା ଦ୍ୱାରା ସୀମିତ ନୁହେଁ, ସେତେବେଳେ ଅଭିନବତ୍ୱ ଘଟେ । ଚାରି ଦଶନ୍ଧି ପୂର୍ବରୁ କେବଳ ଟଙ୍କା ରୋଜଗାର ଭଳି ବିବେଚନା କରାଯାଏ, ଉଦ୍ୟୋଗୀତା ଆଜି ଏକ ଉଚ୍ଚ ଧନ ଶିକ୍ଷା ସମୟରେ ଛାତ୍ରମାନଙ୍କ ସହିତ ପରିଚିତ ହେବା ପାଇଁ ଏକ ଧନ ଉତ୍ପାଦନ କୌଶଳ ଭାବରେ ପରିଗଣିତ। ବିକଶିତ ଦେଶମାନଙ୍କରେ ପାଠ୍ୟକ୍ରମ ଉପରେ ପର୍ଯ୍ୟବେକ୍ଷଣରୁ ଏହା ଅନୁସରଣ କରାଯାଇଛି।" ଉଦ୍ୟୋଗୀ ମାନସିକତାର ବିକାଶ ଲକ୍ଷ୍ୟ ହାସଲ କରିବା ପାଇଁ ଅନୁଷ୍ଠାନ ଦ୍ୱାରା ନିଆଯାଇଥିବା ପଦକ୍ଷେପକୁ ଆଲୋକିତ କରି ସେ କହିଛନ୍ତି: "ଆଇଆଇଟି ଭୁବନେଶ୍ୱର ଏହାର ଅନୁସନ୍ଧାନ ଏବଂ ଉଦ୍ୟୋଗୀ ପାର୍କ ମାଧ୍ୟମରେ ଦୂରଦୃଷ୍ଟି ସମ୍ପନ୍ନ ଉଦ୍ୟୋଗୀ, ଶିଳ୍ପପତି ଏବଂ ଅନୁସନ୍ଧାନକାରୀଙ୍କୁ ଉତ୍ସ ଏବଂ ପରାମର୍ଶ ପ୍ରଦାନ କରି ସଶକ୍ତ କରିବାର ଲକ୍ଷ୍ୟ ରଖିଛି । ଏହି ଲକ୍ଷ୍ୟ ହାସଲ କରିବା ପାଇଁ, ଆମେ ସ୍କୁଲ ଛାତ୍ରଛାତ୍ରୀ, କଲେଜ ଛାତ୍ରଛାତ୍ରୀ ଏବଂ ଶିକ୍ଷକମାନଙ୍କ ମଧ୍ୟରେ ଉଦ୍ୟୋଗର ଚିନ୍ତାଧାରା ସଂଚାରିତ କରୁଛୁ।


ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ସୋମବାର ୧୬ ସେପ୍ଟେମ୍ବର ୨୦୨୪ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ MONDAY 16 September 2024

Vol.No. 35 ■ No.249 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ଅସରନ୍ତି ଶୁଭେଚ୍ଛା ସହ...

ସାଗରିକା

ଯୋଗାଯୋଗ କରନ୍ତୁ :

ମୁଖ୍ୟ ସମ୍ପାଦକ ସାଗରିକା

ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


## ମୁଖ୍ୟମନ୍ତ୍ରୀ ପଦ ଛାଡ଼ିବେ କେଜରିୱାଲ

ନୂଆଦିଲ୍ଲୀ, ୧୫/୯ : ଜେଲ୍‌ରୁ ବେଲ୍‌ରେ ଆସିବା ପରେ କେଜ୍ରିୱାଲଙ୍କ ବଡ଼ ଘୋଷଣା । ଦୁଇ ଦିନ ଭିତରେ ଛାଡ଼ିବି ମୁଖ୍ୟମନ୍ତ୍ରୀ ପଦ । ୪୮ ଘଣ୍ଟା ଭିତରେ ଇସ୍ତଫା ଦେବାକୁ ଘୋଷଣା କରିବା ସହ ଆସନ୍ତା ନଭେମ୍ବରରେ ମହାରାଷ୍ଟ୍ର ସହ ଏକାଠି ଦିଲ୍ଲୀ ବିଧାନସଭା ନିର୍ବାଚନ କରିବାକୁ ଦାବି କରିଛନ୍ତି । ତେବେ କେଜରିୱାଲଙ୍କ ଏହି ଘୋଷଣାକୁ ପିଆର୍ ଷ୍ଟଣ୍ଟ ବୋଲି କହିଛି ବିଜେପି । ଦଳ କହିଛି, ସୁପ୍ରିମକୋର୍ଟଙ୍କ କଡ଼ା ସର୍ତ୍ତମୂଳକ ଜାମିନ ପରେ କେଜରିୱାଲଙ୍କ ନିକଟରେ ଇସ୍ତଫା ଛଡ଼ା ଆଉ କିଛି



ବିକଳ୍ପ ହିଁ ନଥିଲା । ମୁଖ୍ୟମନ୍ତ୍ରୀ ପଦ ଛାଡ଼ିବେ କେଜରିୱାଲ । ଦୁଇ ଦିନ ଭିତରେ ଇସ୍ତଫା ଦେବାକୁ ଘୋଷଣା । ଜାମିନରେ ଜେଲରୁ ମୁକୁଳିବା ପରେ ପଦ ଛାଡ଼ିବାକୁ ଦିଲ୍ଲୀ ମୁଖ୍ୟମନ୍ତ୍ରୀଙ୍କ ଘୋଷଣା । ଆଉ ଏହି ଘୋଷଣା ଭିତରେ ଦିଲ୍ଲୀବାସୀଙ୍କୁ ପରୋକ୍ଷରେ ଭୋଟ୍ ମାଗିଛନ୍ତି କେଜରିୱାଲ । କହିଛନ୍ତି, ଦୁଇ ଦିନ ଭିତରେ ସେ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା ଦେବେ । ସିଏମ୍ ସିଟରେ ଆଉ ବସିବେନି । ଆଗକୁ ଦିଲ୍ଲୀ ବିଧାନସଭା ନିର୍ବାଚନ । ଯଦି କେଜରିୱାଲ ସ୍ୱଚ୍ଛ ତେବେ ଦିଲ୍ଲୀ ବାସୀ ଭୋଟ୍ କରନ୍ତୁ, ନଚେତ୍ ଭୋଟ୍ ଦିଅନ୍ତୁନି । ଆସନ୍ତା ଫେବ୍ରୁଆରୀରେ ଦିଲ୍ଲୀ ବିଧାନସଭା ନିର୍ବାଚନ । ହାତରେ ଆଉ ମାତ୍ର ୪ ମାସ । ତେବେ ଏହା ପୂର୍ବରୁ ଏଇ ନଭେମ୍ବରରେ ମହାରାଷ୍ଟ୍ର ସହ ଦିଲ୍ଲୀ ବିଧାନସଭା ନିର୍ବାଚନ ଆଗୁଆ କରିବାକୁ ଦାବି କରିଛନ୍ତି କେଜରିୱାଲ । ଏଥିସହ ସ୍ପଷ୍ଟ କରିଛନ୍ତି, ସେ ଇସ୍ତଫା ଦେବା ପରେ ମନୀଷ ସିସୋଦିଆ ମଧ ମୁଖ୍ୟମନ୍ତ୍ରୀ ହେବେନି । ନିର୍ବାଚନ ଯାଏଁ ଆପ୍ ର ଅନ୍ୟ ଜଣେ ନେତା କାର୍ଯ୍ୟକାରୀ ମୁଖ୍ୟମନ୍ତ୍ରୀ ରହିବେ । ତେବେ କେଜରିୱାଲଙ୍କ ଘୋଷଣାକୁ ପିଆର୍ ଷ୍ଟଣ୍ଟ କହିଛି ବିଜେପି । ଦଳ କହିଛି, କେଜରିୱାଲ ବହୁ ପୂର୍ବରୁ ପଦ ଛାଡ଼ିବା କଥା । ଏହି ୪୮ ଘଣ୍ଟାର ସମୟ ଭିତରେ ପତ୍ନୀ ସୁନୀତା ▶▶ପୃଷ୍ଠା ୭

## ରାଜ୍ୟରେ ଗଡ଼ିଲା ଆଉ ଦୁଇଟି ବନ୍ଦେ ଭାରତ ଏକ୍ସପ୍ରେସ୍: ଶୁଭାରମ୍ଭ କଲେ ପ୍ରଧାନମନ୍ତ୍ରୀ



ଭୁବନେଶ୍ୱର, ୧୫/୯ (ନି.ପ୍ର): ଓଡ଼ିଶାକୁ ମୋଦି ସରକାରଙ୍କ ଆଉ ଏକ ବଡ଼ ଭେଟି । ଆଜିଠୁ ଗଡ଼ିଲା ବ୍ରହ୍ମପୁର-ଟାଟାନଗର ଓ ରାଉରକେଲା-ହାଓ୍ୱଡା ବନ୍ଦେ ଭାରତ ଏକ୍ସପ୍ରେସ୍ । ଏ ଦୁଇ ଟ୍ରେନ୍ ସହ ମୋଟ୍ ୬ଟି ନୂଆ ବନ୍ଦେ ଭାରତର ଆଜି ଶୁଭାରମ୍ଭ କରିଛନ୍ତି ପ୍ରଧାନମନ୍ତ୍ରୀ । ଆଗାମୀ ଦିନରେ ରାଜ୍ୟର ସବୁ ଜିଲ୍ଲା ମୁଖ୍ୟାଳୟ ଏବଂ ସବ୍ ଡିଭିଜନ୍ କୁ ବି ରେଳ ସଂଯୋଗ ହେବ ବୋଲି ଏହି ଅବସରରେ କହିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ମାଝୀ । ଆଜି ଗଡ଼ିଲା ବ୍ରହ୍ମପୁର-ଟାଟାନଗର ଓ ରାଉରକେଲା-ହାଓ୍ୱଡା ବନ୍ଦେ ଭାରତ । କାଲି ଗଡ଼ିବ ରାୟପୁର-ବିଶାଖାପାଟଣା । ପୂର୍ବରୁ ୩ଟି ଥିଲା, ଏହି ୩କୁ ମିଶାଇ ଓଡ଼ିଶା ଟ୍ରାକରେ ଯୋଡ଼ି ହେଲା ଆଉ ୩ ବନ୍ଦେ ଭାରତ ଏକ୍ସପ୍ରେସ । ଭିଡିଓ କନ୍ଫ୍ରେନ୍ସରେ ଏସବୁ ନୂଆ ଟ୍ରେନ୍ ର ଶୁଭାରମ୍ଭ କରିଛନ୍ତି ପ୍ରଧାନମନ୍ତ୍ରୀ ମୋଦି । ବ୍ରହ୍ମପୁର କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ମାଝୀ ଓ ରାଉରକେଲାରେ ରାଜ୍ୟପାଳ ରଘୁବର ଦାସ ▶▶ପୃଷ୍ଠା ୭

## ରାଜ୍ୟବ୍ୟାପୀ ସୁଭଦ୍ରା ଯୋଜନାର କ୍ରେଜ୍: ପରୀକ୍ଷାମୂଳକ ଭାବେ ହିତାଧିକାରୀଙ୍କ ଖାତାକୁ ଗଲା ଟଙ୍କାଏ

ଭୁବନେଶ୍ୱର, ୧୫/୯ (ନି.ପ୍ର): ସାରା ରାଜ୍ୟରେ ଏବେ 'ସୁଭଦ୍ରା' ମାନିଆ । ଦିନକ ପରେ ଖୋଦ୍ ପ୍ରଧାନମନ୍ତ୍ରୀ ଭୁବନେଶ୍ୱର ଆସି ଏହି ଯୋଜନାର ଶୁଭାରମ୍ଭ କରିବା ସହିତ ନିର୍ବାଚନ ବେଳେ ଦେଇଥିବା ମୋଦି ଗ୍ୟାରେଣ୍ଟି ପୂରଣ କରିବେ । ଯୋଜନା ଲଂଚ୍ ହେବା ପୂର୍ବରୁ ▶▶ପୃଷ୍ଠା ୭




## ୧୭ରେ ଓଡ଼ିଶା ଆସୁଛନ୍ତି ପ୍ରଧାନମନ୍ତ୍ରୀ: କଡ଼ା ସୁରକ୍ଷା ବଳୟରେ ରହିବ ଭୁବନେଶ୍ୱର


ଭୁବନେଶ୍ୱର, ୧୫/୯ (ନି.ପ୍ର): ଆସନ୍ତା ୧୭ ତାରିଖରେ ଓଡ଼ିଶା ଆସୁଛନ୍ତି ପ୍ରଧାନମନ୍ତ୍ରୀ ମୋଦି । ସୁରକ୍ଷା ପାଇଁ ମୁତୟନ ହେବେ ୮୧ ପ୍ଲାଟୁନ୍ ଫୋର୍ସ । ଜନତା ମଇଦାନରେ ଆୟୋଜିତ କାର୍ଯ୍ୟକ୍ରମରେ ସୁଭଦ୍ରା ଯୋଜନାର କରିବେ ଶୁଭାରମ୍ଭ । ଆସନ୍ତା ୧୭ ତାରିଖରେ ଓଡ଼ିଶା ଆସୁଛନ୍ତି ପ୍ରଧାନମନ୍ତ୍ରୀ ମୋଦି । ଜନତା ମଇଦାନରେ ଆୟୋଜିତ କାର୍ଯ୍ୟକ୍ରମରେ ଯୋଗଦେଇ ସୁଭଦ୍ରା ଯୋଜନାର ଶୁଭାରମ୍ଭ କରିବେ ପ୍ରଧାନମନ୍ତ୍ରୀ । ଏନେଇ କଡ଼ା ସୁରକ୍ଷା ବଳୟରେ ରହିବ ରାଜଧାନୀ ଭୁବନେଶ୍ୱର । ପ୍ରଧାନମନ୍ତ୍ରୀଙ୍କ ସୁରକ୍ଷା ପାଇଁ ମୁତୟନ ହେବେ ୮୧ ପ୍ଲାଟୁନ୍ ଫୋର୍ସ । ୧୧ ଡିସିପି ରାଙ୍କ ଅଧିକାରୀ, ୨୨ ଅତିରିକ୍ତ ଡିସିପି, ୬୬ ଏସିପି, ୧୦୦ ଆଇଆଇସି, ୩୦୦ ବରିଷ୍ଠ ପୋଲିସ ଅଧିକାରୀ ମୁତୟନ ରହିବେ । ବିମାନବନ୍ଦରଠୁ ଜନତା ମୈଦାନ ଓ ଗାଡ଼କଣ ପର୍ଯ୍ୟନ୍ତ ନୋ ଫ୍ଲାଇଂ ଜୋନ୍ ରହିବ । ବ୍ୟାପକ ମହିଳା ପୋଲିସ ସହ ସାଧା ପୋଷାକରେ ରହିବେ ପୋଲିସ ।

## ଓଡ଼ିଶା ସୀମାନ୍ତରେ ମାଓବାଦୀଙ୍କ ବର୍ବରତା: ଶିକ୍ଷା ଦୂତଙ୍କୁ ପିଟିପିଟି ହତ୍ୟା

ଛତିଶଗଡ଼, ୧୫/୯ (ନି.ପ୍ର): ପୁଣି ଓଡ଼ିଶା ସୀମାନ୍ତରେ ମାଓବାଦୀଙ୍କ ବର୍ବରତା । ଛତିଶଗଡ଼ ସୁକମାରେ ଶିକ୍ଷା ଦୂତଙ୍କୁ ହତ୍ୟା କରିଛନ୍ତି ନକ୍ସଲ । ଶିକ୍ଷାଦୂତ ଦୁଧି ଅର୍ଜୁନଙ୍କୁ ନକ୍ସଲ ମାନେ ପିଟିପିଟି ହତ୍ୟା କରିଥିବା ଅଭିଯୋଗ କରିଛନ୍ତି । ସ୍ଥାନୀୟ ଶିକ୍ଷିତ ଯୁବକଙ୍କୁ ଶିକ୍ଷା ଦୂତ ନିଯୁକ୍ତ କରିଛନ୍ତି ଛତିଶଗଡ଼ ▶▶ପୃଷ୍ଠା ୭



ଧ୍ୱନି ପ୍ରତିଧ୍ୱନି

ବାଲେଶ୍ୱର ୪

୧୬ ସେପ୍ଟେମ୍ବର ୨୦୨୪, ସୋମବାର

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ମଣିପୁର ପୀଡ଼ା...

ଗତବର୍ଷ ମେ’ ମାସରୁ ଲାଗିଥିବା ସଂରକ୍ଷଣ ବିରୋଧୀ ହିଂସାର ନିଆଁରେ ଜଳୁଥିବା ମଣିପୁର ଗତ କିଛିମାସ ଧରି ଶାନ୍ତ ହୋଇଯାଇଥିଲେ ହେଁ କୁହୁଳୁଥିବା ଧୂଆଁ ପୁଣିଥରେ ହିଂସାର ନିଆଁକୁ ଜନ୍ମ ଦେଇଛି। କାରଣ ଭିନ୍ନ ହେଲେ ମଧ ହିଂସାର ନିଆଁ ଓ ଧୂଆଁ ମଣିପୁର ସୀମା ଡେଇଁ ଅନ୍ୟ ରାଜ୍ୟକୁ ବ୍ୟାପୁଛି। ସୀମାପାର ଉଗ୍ରବାଦୀଙ୍କ ତୁହାକୁ ତୁହା ରକେଟ୍ ଓ ଡ୍ରୋନ୍ ଆକ୍ରମଣ ସେଠାକାର ଧନଜୀବନକୁ ବିପଦାପନ୍ନ କରିଛି ଏବଂ ଭାରତର ଆଭ୍ୟନ୍ତରୀଣ ସୁରକ୍ଷା, ଅଖଣ୍ଡତା ପ୍ରତି ବିରାଟ ଆହ୍ୱାନ ସୃଷ୍ଟି ହୋଇଛି। ଅପରପକ୍ଷରେ ଉଗ୍ରବାଦୀ କାର୍ଯ୍ୟକଳାପକୁ ପ୍ରତିହତ କରିବାରେ ପୁଲିସ ଓ କେନ୍ଦ୍ରୀୟ ସୁରକ୍ଷା ବଳର ଅପାରଗତା ଓ ବିଫଳତାକୁ ଦାୟୀ କରି ବିଶାଳ ଛାତ୍ର ଆନ୍ଦୋଳନ ମୁଣ୍ଡ ଟେକିଛି। ଛାତ୍ର ଆନ୍ଦୋଳନର ସ୍ୱରକୁ ଦବାଇବା ପାଇଁ ଆଇନ ଶୃଙ୍ଖଳା କାର୍ଯ୍ୟାନୁଷ୍ଠାନ ପରିସ୍ଥିତିକୁ ଆହୁରି ଅଣାୟତ୍ତ କରିଦେଇଛି। ବାଂଲାଦେଶରେ ମାତ୍ର କିଛିସପ୍ତାହ ତଳେ ସୃଷ୍ଟ ସଂରକ୍ଷଣ ବିରୋଧୀ ଛାତ୍ର ଆନ୍ଦୋଳନ ଏବଂ ତଦ୍‌ଜନିତ ହିଂସା, ଅରାଜକତା ସହିତ ମଣିପୁରର ବର୍ତ୍ତମାନର ସ୍ଥିତିକୁ ସୂକ୍ଷ୍ମ ଅନୁଶୀଳନ କଲେ ଏହା ଯେ ଆଦୌ କାକତାଳିକ ନୁହେଁ ତାହା ସ୍ପଷ୍ଟ ହେବ। ବାଂଲାଦେଶ ଓ ମଣିପୁର ଉଭୟର ହିଂସା ପଛର କାରଣ ଓ କାରକ ପ୍ରାୟ ସମାନ। ବାଂଲାଦେଶରେ ସରକାରୀ ଚାକିରିରେ ସଂରକ୍ଷଣ ହାର ବୃଦ୍ଧି ପାଇଁ ସେଠାକାର ଏକ ସୁପ୍ରିମକୋର୍ଟ ରାୟକୁ ବିରୋଧ କରି ଛାତ୍ର ଆନ୍ଦୋଳନ ଉଗ୍ର ରୂପ ନେଇଥିବା ବେଳେ ଗତବର୍ଷ ଫେବୃଆରୀ ମାସରେ ମଣିପୁର ହାଇକୋର୍ଟଙ୍କ ମୈତେୟୀ ସମ୍ପ୍ରଦାୟକୁ ସଂରକ୍ଷଣ ସୁବିଧା ପ୍ରଦାନ ପାଇଁ ଉଦ୍ଦିଷ୍ଟ ରାୟ କୁକି ସମ୍ପ୍ରଦାୟକୁ ଉତ୍‌କ୍ଷିପ୍ତ କରିଥିଲା, ଯେଉଁଥିରୁ ହତ୍ୟା, ଗୃହଦାହ, ମହିଳା ବିରୋଧୀ ହିଂସା ଆଦି ଜନ୍ମ ନେଇଥିଲା। ବାଂଲାଦେଶର ଛାତ୍ର ଆନ୍ଦୋଳନ ପଛରେ ବିଦେଶୀ ଶକ୍ତିର ପ୍ରଚ୍ଛନ୍ନ ହାତ ଥିବା ପ୍ରମାଣିତ ହୋଇଛି ଏବଂ ଏବେ ମଣିପୁରରେ ବିଦେଶୀ ଶକ୍ତି ସମର୍ଥିତ ଓ ପ୍ରୋତ୍ସାହିତ ଉଗ୍ରବାଦୀମାନେ ପ୍ରତ୍ୟକ୍ଷ ଆତଙ୍କ ସୃଷ୍ଟି କରି ଭାରତକୁ ଏକପ୍ରକାର ଯୁଦ୍ଧଂ ଦେହି ଡାକରା ଦେଇଛନ୍ତି। ଉଭୟ ଆନ୍ଦୋଳନ ଓ ହିଂସାରେ ଛାତ୍ରମାନଙ୍କୁ ମୋହରା କରାଯାଇଛି। ବାଂଲାଦେଶରେ ସଂରକ୍ଷଣ ବିରୋଧୀ ଛାତ୍ର ଆନ୍ଦୋଳନ ଓ ତଦ୍‌ଜନିତ ସୃଷ୍ଟ ହିଂସା, ଦଙ୍ଗାର ପ୍ରଭାବ ଭାରତ ଉପରେ ପଡ଼ିପାରେ ବୋଲି ଆମେ ଏହି ସ୍ତମ୍ଭରେ ପୂର୍ବରୁ ସୂଚାଇ ଦେଇଥିଲୁ। ବିଶେଷକରି ବାଂଲାଦେଶ ଛାତ୍ର ଆନ୍ଦୋଳନ ପଛରେ ଯେଉଁ ବିଦେଶୀ ଶକ୍ତି କାର୍ଯ୍ୟ କରୁଛି ଏବଂ ଆତଙ୍କବାଦୀ ଗୋଷ୍ଠୀ ସକ୍ରିୟ ହୋଇଛି ସେହି ପରିପ୍ରେକ୍ଷୀରେ ଭାରତ ପୂର୍ବାପେକ୍ଷା ଅଧିକ ସତର୍କ ରହିବା ଆବଶ୍ୟକ ବୋଲି ମତ ଦେଇଥିଲୁ। ବାଂଲାଦେଶରେ ଅରାଜକ ତତ୍ତ୍ୱମାନ ଉତ୍ତର-ପୂର୍ବ ରାଜ୍ୟ ଦେଇ ସମଗ୍ର ଭାରତକୁ ସଂକ୍ରମିତ ହେବାର ଆଶଙ୍କା ମଧ ପ୍ରକାଶ କରିଥିଲୁ। ଅବାଞ୍ଛିତ ଭାବେ ଏବେ ସେହି ଆଶଙ୍କା ବାସ୍ତବ ରୂପ ନେଇଛି। ପୃଷ୍ଠଭୂମି ଭିନ୍ନ ହେଲେ ମଧ ବାଂଲାଦେଶ ଢଙ୍ଗରେ ମଣିପୁରରେ ଛାତ୍ର ଆନ୍ଦୋଳନ ଏବଂ ଉଗ୍ରବାଦୀ କାର୍ଯ୍ୟକଳାପ ଅଧିକ ତୀବ୍ର ହେବାରେ ଲାଗିଛି। ବାଂଲାଦେଶ ସହିତ ଭାରତର ବିସ୍ତୀର୍ଣ୍ଣ ସୀମା ମଧ୍ୟରୁ ଅନେକାଂଶ ଉନ୍ମୁକ୍ତ। ତେଣୁ ଏହି ବାଟ ଦେଇ ସୀମାପାର ଆତଙ୍କବାଦ କାର୍ଯ୍ୟକଳାପ, ବେଆଇନ କାରବାର, ନିଶାଦ୍ରବ୍ୟ ଚାଲାଣ ଏକ ନିୟମିତ ବ୍ୟାପାରରେ ପରିଣତ ହୋଇସାରିଛି। ଏବେ ବାଂଲାଦେଶ ଅରାଜକତା ପରେ ଏହି କାର୍ଯ୍ୟକଳାପ ଆହୁରି ବଢ଼ିବା ବିଚିତ୍ର ନୁହେଁ। ବାଂଲାଦେଶରେ ଜାତିଆଣ ବା ଜାତିବାଦ ଭେଦଭାବ ଏତେ ତୀବ୍ର ନୁହେଁ। କିନ୍ତୁ ଭାରତରେ ଜାତିଆଣ ଉତ୍ତେଜନା ଓ ସାମ୍ପ୍ରଦାୟିକ ସଂଘର୍ଷର ଇତିହାସ ଅତି କ୍ରୁର। ତେଣୁ ଥରେ କୌଣସି କାରଣରୁ ହିଂସା କିମ୍ବା ଦଙ୍ଗା ସୃଷ୍ଟି ହେଲେ ତାହା ଇତିହାସର କଳା ଅଧାୟ ହୋଇ ରହିଯାଇଥିବାର ଉଦାହରଣ ବହୁଳ। ମଣିପୁରର ଜାତିଆଣ ବିଦ୍ୱେଷ ବ୍ରିଟିଶ୍ ଅମଳରୁ ଚାଲି ଆସିଛି। ସ୍ୱାଧୀନତା ପରବର୍ତ୍ତୀ ସମୟରେ କ୍ରମାଗତ ସରକାରୀ ଅବହେଳା ଏହି ବିଦ୍ୱେଷକୁ ଆହୁରି ଜଟିଳ କରିଛି। ମଣିପୁରରେ ମୋଟ୍ ଜନସଂଖ୍ୟା ୩୬ ଲକ୍ଷ। ସେଥିମଧ୍ୟରୁ ପ୍ରାୟ ୭୦ ଭାଗ ଲୋକ ଗ୍ରାମାଞ୍ଚଳରେ ବସବାସ କରୁଥିବାବେଳେ ଅଧିକାଂଶ କୃଷିଜୀବୀ। ଏହି ରାଜ୍ୟରେ ମୈତେଇମାନେ ସଂଖ୍ୟାଗରିଷ୍ଠ ଓ ମୋଟ ଜନସଂଖ୍ୟାରେ ଏମାନଙ୍କ ଅଂଶ ପ୍ରାୟ ୫୦ ଭାଗ। ସେମାନଙ୍କ ମଧ୍ୟରୁ ଅଧିକାଂଶ ହିନ୍ଦୁ ଓ ଅନ୍ୟମାନେ ଖ୍ରୀଷ୍ଟିୟାନ। ଧର୍ମ ଦୃଷ୍ଟିରୁ ଦେଖିଲେ ମଣିପୁରର ଅଧିକାଂଶ ଆଦିବାସୀ ଖ୍ରୀଷ୍ଟିୟାନ। ସେମାନଙ୍କ ମଧ୍ୟରେ କୁକିଙ୍କ ସଂଖ୍ୟା ସର୍ବାଧିକ। ଧର୍ମ ଅନୁସାରେ ଏହି ରାଜ୍ୟରେ ପ୍ରାୟ ୪୧.୩୯% ହିନ୍ଦୁ, ୪୧.୨୯% ଖ୍ରୀଷ୍ଟିୟାନ, ୮.୪୦% ଇସ୍‌ଲାମ ଓ ଅବଶିଷ୍ଟ ଅନ୍ୟାନ୍ୟ ଆଦିବାସୀ ଓ କ୍ଷୁଦ୍ରକ୍ଷୁଦ୍ର ଧର୍ମ ତଥା ମତପନ୍ଥର ଅବଲମ୍ବୀ। ଏହି କାରଣରୁ ଉତ୍ତର-ପୂର୍ବାଞ୍ଚଳର ସବୁ ରାଜ୍ୟ ଭଳି ମଣିପୁର ଜାତିଗତ ଓ ଭାଷାଗତ ଦୃଷ୍ଟିରୁ ଅତ୍ୟନ୍ତ ସମ୍ବେଦନଶୀଳ। ଏହି ରାଜ୍ୟରେ ଆଦିବାସୀ ଓ ଅଣ-ଆଦିବାସୀମାନଙ୍କ ମଧ୍ୟରେ ବିବାଦ ବହୁ ପୁରୁଣା। ଏହାର ମୁଖ୍ୟ କାରଣ ହେଲା ଭୂ ଅଧିକାର ଓ ବିଭିନ୍ନ ସୁବିଧା ସୁଯୋଗର ଉପଭୋଗ। ଅଣ-ଆଦିବାସୀଙ୍କ ଦ୍ୱାରା ଆଦିବାସୀଙ୍କ ଶୋଷଣ ଏବଂ ଧର୍ମାନ୍ତରିତ ଆଦିବାସୀଙ୍କ ଦ୍ୱାରା ହିନ୍ଦୁ ବିରୋଧୀ ମନୋଭାବ ଏଠାକାର ସମସ୍ୟାକୁ ଅଧିକ ସମ୍ବେଦନଶୀଳ କରି ରଖିଛି। ତେଣେ ସୀମାନ୍ତ ମିୟାଁମାରରୁ ବେଆଇନ ଭାବେ ପ୍ରବେଶ କରିଥିବା ଲକ୍ଷାଧିକ କୁକି-ନାଗାମାନେ ଆଦିବାସୀଙ୍କ ସ୍ୱାର୍ଥ ରକ୍ଷା ପାଇଁ କାମ କରିବା ଆଳରେ ରାଜ୍ୟର ସ୍ଥାୟୀ ଅଧିବାସୀ ମୈତେଇଙ୍କ ଜମିବାଡ଼ି ଜବରଦଖଲ କରି ରହିଛନ୍ତି।

# ‘ସ୍ୱାଧୀନ ବାଞ୍ଛାନିଧି ଚକଳା’ ଏକ ଅନନ୍ୟ ସମାନ୍ତରାଳ ସରକାର



### ଡ. ଶିଶିର କୁମାର କର

ଜନମୁକ୍ତିର ଗଡ଼ଖାଇ। ବଙ୍ଗୋପସାଗର, ଗମେଇ ନଦୀ, କାଂଶବାଂଶର ମିଳନ ସ୍ଥଳ। ଏହା ଏକ ଐତିହାସିକ ମୋଗଲବନ୍ଦୀ ଅଞ୍ଚଳ। ଯେଉଁଠି ଜନ୍ମ ନେଇଥିଲେ ଜାତୀୟ କବି, ଚାରଣ କବି, ଗଣ କବି ବାଞ୍ଛାନିଧି ମହାନ୍ତି। ଯାହାଙ୍କର ସଙ୍ଗୀତରେ ଉଠୁଥିଲା ଜନଜାଗରଣର ନିଆଁ, ସ୍ୱାଧୀନତାର ସ୍ୱପ୍ନିଳ ରାଗିଣୀ। ଯାହାଦ୍ୱାରା ଖଟିଖିଆ, ଶ୍ରମିକ, କୃଷକ, ସତ୍ୟାଗ୍ରହୀଙ୍କ ହୃଦୟରେ ସୃଷ୍ଟି ହୋଇଥିଲା ଦେଶପ୍ରେମର ଉତ୍ତାପ ଓ ଉତ୍ତେଜନା। ଅବିଭକ୍ତ ବାଲେଶ୍ୱର ଜିଲ୍ଲାରେ ଏହି ଜନଜାଗରଣ ସ୍ୱରାଜ୍ୟ ଚେତନାକୁ କରିଥିଲା ବଳବତ୍ତର।

ଇରମ ମୁକ୍ତି ତୀର୍ଥ। ୧୯୨୦ ମସିହା ଅସହଯୋଗ ଆନ୍ଦୋଳନର ସଫଳ ମାଟି। ଯେଉଁଠି ଜୁନ୍ ୧୪ ତାରିଖ ରଜସଂକ୍ରାନ୍ତି ଏକ ସଭାରେ ପଣ୍ଡିତ ଗୋପବନ୍ଧୁ ଦାଶ ଗାଇଥିଲେ -

“ଦେଶ ଜାତି ପ୍ରୀତି ସରସ୍ୱତୀ ନଦୀ,
ବହୁଛି ଇରମେ ଶତମାର୍ଗେ ଭେଦି,
ଅନ୍ତଃ ସଲିଳା ଏ ସାରା ଭାରତେ,
ଜାତୀୟତା ଧାରେ ବହିବ ନିରତେ,
ଦେଶାତ୍ମବୋଧର ଚାରୁ ଗନ୍ତାଘର,
ଇରମ ସୁରମ୍ୟ ଜାତୀୟ ନଗର।

ଏହି ସଭାରେ ଜୀବରାମ କଲ୍ୟାଣଜୀ, ଆଚାର୍ଯ୍ୟ ହରିହର, ରମାଦେବୀ, ନବକୃଷ୍ଣ ଚୌଧୁରୀ, ହରେକୃଷ୍ଣ ମହତାବ୍ ଯୋଗଦାନ କରି ଓଜସ୍ୱିନୀ ଭାଷଣ ଦ୍ୱାରା ଆବାଳ ବୃଦ୍ଧବନିତାଙ୍କୁ ତତେଇ ଦେଇଥିଲେ, ମତେଇ ଦେଇଥିଲେ। ସେହି ସଭାରେ ଉପସ୍ଥିତ ରହି ଉଦ୍ଦୀପ୍ତ ହୋଇଥିଲେ କବି ବାଞ୍ଛାନିଧି ମହାନ୍ତି। ସେ ୧୯୨୧ ମସିହା ମାର୍ଚ୍ଚ ତିନି ତାରିଖରୁ ଅହହଯୋଗ ଆନ୍ଦୋଳନରେ ପୂର୍ଣ୍ଣପ୍ରାଣରେ କରିଥିଲେ ଯୋଗଦାନ। ସ୍ୱରାଜ୍ୟ ପାଇଁ ସେ ଲେଖି ଗାଇଲେ -

“ଆସରେ ଆସରେ
ସ୍ୱରାଜ ସୈନିକ
ଆସ ବୀରମାନେ ମାତି
ଇଂରେଜ ରାଜତ୍ୱ ବିଲୁପ୍ତ କରିବା
ଆମେ ଗଜପତି ଜାତି।”

ଦୈବ ଯୋଗରୁ ୧୯୩୮ ମସିହାରେ କବି ବାଞ୍ଛାନିଧି ମହାନ୍ତିଙ୍କର ଅକାଳ ମୃତ୍ୟୁ ହୋଇଗଲା। ହେଲେ କବି କ’ଣ ମରିପାରେ ? ଜାତୀୟବାଦୀ ସଂଗ୍ରାମୀ କ’ଣ ହଜିଯାଇ ପାରେ ? ନାଁ - ତାଙ୍କ ରଚିତ ଅନେକ ଅଗ୍ନିବର୍ଷୀ ସଙ୍ଗୀତ ଯୁବଗୋଷ୍ଠୀଙ୍କୁ ଉତ୍ତେଜିତ କଲା ?

୧୯୪୭ ମସିହାରେ ନବଭାରତର ନିର୍ମାଣ ମହାତ୍ମାଗାନ୍ଧି ଭାରତ ଛାଡ଼ ଆନ୍ଦୋଳନର ଡାକରା ଦେଲେ। ହିମାଳୟ ଠାରୁ କୁମାରୀକା ଯାଏଁ ଗାନ୍ଧିଙ୍କ ଡାକରାର ପ୍ରତିଉତ୍ତର ଆସିଲା। ତା’ର ସ୍ୱର ଝଙ୍କାର ଶୁଭିଲା ବାସୁଦେବପୁରର ଇରମ ମାଟିରେ। ବହୁ ଦିନରୁ ଯେଉଁ ନିଆଁ କୁହୁଳୁଥିଲା, ତାହା ଭୁତ୍‌ଭୁତ୍ ହୋଇ ଜଳିବାରେ ଲାଗିଲା। ଯୁବକମାନେ ସତ୍ୟାଗ୍ରହୀ ସାଜିଲେ। ବୃଦ୍ଧମାନେ ମହାତ୍ମାଗାନ୍ଧିଙ୍କୁ ମୁକ୍ତିର ଦେବତା ଭାବରେ ମାନିଲେ। ଶିଶୁ ଓ କିଶୋରମାନେ ବାନର ସେନାରେ ଯୋଗ ଦେଲେ।

୧୯୪୨ ମସିହା ଅଗଷ୍ଟ ୨୭ ତାରିଖ ଠାରୁ ସତ୍ୟାଗ୍ରହୀମାନେ କଡାକଡି ଭାବେ ଆନ୍ଦୋଳନକୁ ପାଳନ କଲେ। ସେମାନେ ଚୌକିଦାର ଓ ଦଫାଦାରଙ୍କ ପୋଷାକ ପୋଡ଼ିବା, ହାଟ ଓ ଶିକ୍ଷାନୁଷ୍ଠାନରେ ହରତାଳ ପାଳନ କରିବା, ବାସୁଦେବପୁର ଥାନା ପୋଡ଼ିବା, ନାରାୟଣ ମାନ୍‌ଧାତାଙ୍କୁ ୟୁନିଅନ୍ ପ୍ରେସିଡେଣ୍ଟ୍ ପଦରୁ ଇସ୍ତଫା ଦେବାପାଇଁ ବାଧ କରିବା, ଜମିଦାର ରାଧାକାନ୍ତ ପାଢୀଙ୍କ ପଢୁଆଁସ୍ଥିତ ଧାନ ଅମାର ଭାଙ୍ଗି ଧାନ ବୋହି ଆଣି ଲୋକଙ୍କୁ ବାଣ୍ଟିବା କାର୍ଯ୍ୟ କରି ଜମିଦାର, ପୋଲିସ୍ ଓ ସରକାରଙ୍କ ରାଜରୋଷର ଶିକାର ହେଲେ। ତେଣୁ ସେଥିରୁ କେତେଜଣ ଜେଲ୍‌କୁ ଗଲେ। ପୋଲିସ୍ ଓ ସତ୍ୟାଗ୍ରହୀଙ୍କ ଛକାପଞ୍ଝା ଚାଲିଲା। ଏହି ଲୁଚକାଳି ଖେଳର ସାଗରମନ୍ଥନ ଭିତରୁ ଜନ୍ମ ହେଲା ନୂତନ ସରକାର ଗଠନର ଅମୃତ ଇଚ୍ଛା।

‘ସ୍ୱାଧୀନ ବାଞ୍ଛାନିଧି ଚକଳା’ ଏକ ସମାନ୍ତରାଳ ସରକାର :- ଯୁଗଦ୍ରଷ୍ଟା କବିର ସ୍ୱପ୍ନ ଅଧୁରା ରହେନାହିଁ। ତା’ର ଇଚ୍ଛା ଅନେକ ଇଚ୍ଛା ଶକ୍ତିକୁ ପ୍ରଭାବିତ କରେ। ସ୍ମୃତି ପାଉଁଶ ଭିତରୁ ଜନ୍ମ ନିଏ ବିପ୍ଳବର ପ୍ରଚଣ୍ଡ ଅଗ୍ନିଶିଖା। ଇରମ ମେଳନ ପଡ଼ିଆରେ ସତ୍ୟାଗ୍ରହୀ, ସ୍ୱାଧୀନତା ଆଶାୟୀ କିଛି ଉଦ୍ଦୀପ୍ତ ଜନତା ୧୯୪୨ ମସିହା ସେପ୍ଟେମ୍ବର ୧୭ ତାରିଖ ଗୁରୁବାର ଦିନ ବସି ଏକ ସମାନ୍ତରାଳ ସରକାର ଗଠନର ସିଦ୍ଧାନ୍ତ ନେଲେ।

ସେହି ଆହୂତ ସଭାରେ ୰ ଗୌରାଙ୍ଗ ଚନ୍ଦ୍ର ମହାନ୍ତି ପୌରୋହିତ୍ୟ କରିଥିଲେ। ସଭାରେ ବିଭିନ୍ନ ଦୃଷ୍ଟିରୁ ବିଚାର କରି ୰ କମଳା ପ୍ରସାଦ କର, ୰ ଅନିରୁଦ୍ଧ ମହାନ୍ତି, ୰ ଗଣେଶ ପ୍ରସାଦ ତ୍ରିପାଠୀ, ୰ ଶ୍ୟାମ ସୁନ୍ଦର ପାଣିଗ୍ରାହୀ ଓ ରାଧାଶ୍ୟାମ ନାୟକ ବକ୍ତୃତା ପ୍ରଦାନ କରିଥିଲେ। କର୍ମୀମାନଙ୍କ ଉପସ୍ଥିତିରେ ସ୍ୱାଧୀନ ସମାନ୍ତରାଳ ସରକାରର ନାମ ରଖାଗଲା “ସ୍ୱାଧୀନ ବାଞ୍ଛାନିଧି ଚକଳା”। ଜଣେ କବିଙ୍କ ନାମରେ ଏପରି ରାଷ୍ଟ୍ର ଗଠନ ହେବା ସମଗ୍ର ଭାରତ ବର୍ଷରେ ଅନନ୍ୟ ଓ ପ୍ରଥମ।

ଚକଳାର ସୀମା ଥିଲା ୧୯ ବର୍ଗ ମାଇଲ୍। ଏଥିରେ ଛଅଗୋଟି ପଞ୍ଚାୟତ ଏବଂ ୨୭ ଗୋଟି ଗ୍ରାମ ଥିଲା ସାମିଲ୍। ଉତ୍ତରରେ କାଂଶବାଂଶ ନଦୀ ଠାରୁ ଦକ୍ଷିଣରେ ଗମେଇ ନଦୀ ପର୍ଯ୍ୟନ୍ତ। ପୂର୍ବରେ ବଙ୍ଗୋପସାଗର ଠାରୁ ପଶ୍ଚିମରେ କାଂଶବାଂଶ ନଦୀ ପର୍ଯ୍ୟନ୍ତ ଥିଲା ଏହାର ଚତୁଃସୀମା।

ପରବର୍ତ୍ତୀ ପରିବର୍ତ୍ତିତ ସୀମା :- ୧୯୪୨ ମସିହା ସେପ୍ଟେମ୍ବର ୧୮ ତାରିଖ ଶୁକ୍ରବାର ଦିନ ଆଉ ଥରେ ମିଟିଙ୍ଗ୍ ବସି ଏହାର ଚତୁଃସୀମାକୁ ପରିବର୍ତ୍ତିତ କରାଗଲା। ବାସୁଦେବପୁର କ୍ଲବ୍ ପଡ଼ିଆରେ ଏହି ସଭାଟି ଅନୁଷ୍ଠିତ ହୋଇଥିଲା। ଏଥିରେ ବାସୁଦେବପୁର, ଇରମ, ବରଣ୍ଡୁଆ, ବ୍ରାହ୍ମଣୀଗାଁ, ବିଦେଇପୁର, ନାୟକାଣୀଡିହ, ବାଲିମେଦ, ଏଡ଼ତାଳ ଅଞ୍ଚଳକୁ ସାମିଲ୍ କରାଯାଇଥିଲା।

ନବଗଠିତ ସରକାରର କର୍ମକର୍ତ୍ତା :- ଏହି ‘ସ୍ୱାଧୀନ ବାଞ୍ଛାନିଧି ଚକଳା’ ର ନବ ଗଠିତ ସରକାରରେ ୰ ଗୌରାଙ୍ଗ ଚନ୍ଦ୍ର ମହାନ୍ତିଙ୍କୁ ରାଷ୍ଟ୍ରପତି ଏବଂ ୰ କମଳା ପ୍ରସାଦ କରଙ୍କୁ ପ୍ରଧାନମନ୍ତ୍ରୀ (ପ୍ରଧାନ ସେନାପତି) କ୍ଷମତା ପ୍ରଦାନ କରାଯାଇଥିଲା।

ଉକ୍ତ ସରକାରରେ ପ୍ରଧାନ ସକ୍ରିୟ ସଦସ୍ୟମାନେ ହେଲେ - ୰ ଅନିରୁଦ୍ଧ ମହାନ୍ତି, ୰ ପ୍ରଭାକର ତ୍ରିପାଠୀ, ୰ ଶ୍ୟାମସୁନ୍ଦର ପାଣିଗ୍ରାହୀ, ୰ ନିଶାକର ଦଳେଇ, ୰ ଭାସ୍କର ଚନ୍ଦ୍ର ପଲେଇ, ୰ ଭ୍ରମର ବର ବେହେରା, ୰ ଟିମା ବିଶ୍ୱାଳ, ୰ ମୁକୁନ୍ଦ ପ୍ରସାଦ ପାଢୀ ଓ ୰ ସଦାନନ୍ଦ ପାଢୀ।

କାର୍ଯ୍ୟାଳୟ ଭାବରେ ସଦେଇପଡାର ସତ୍ୟାଗ୍ରହ ଆଶ୍ରମ ୰ ଅର୍ଜୁନ ବିଶ୍ୱାଳଙ୍କ ବାସଗୃହକୁ ଗ୍ରହଣ କରାଯାଇଥିଲା। ବିଚାରାଳୟ ଭାବରେ ଇରମ ସତ୍ୟାଗ୍ରହ ବନ୍ଦୀଶାଳା ୰ କୃଷ୍ଣଚନ୍ଦ୍ର ପାଣିଙ୍କ ସିଦ୍ଧିହାଟ ଗୃହକୁ କରାଯାଇଥିଲା ମନୋନୀତ। ବନ୍ଦୀଶାଳା ରୂପେ ‘ସତ୍ୟାଗ୍ରହ ବନ୍ଦୀଶାଳା’ ୰ ବାଙ୍କ ବିହାରୀ ତ୍ରିପାଠୀଙ୍କ ବାସଗୃହକୁ ବଛା ଯାଇଥିଲା।

ବିଚାରପତି ଭାବରେ ୰ କୃଷ୍ଣଚନ୍ଦ୍ର ପାଣି ଓ ୰ ପାଣୁ ଦାସ ମନୋନୀତ ହୋଇଥିଲେ। ବାର୍ତ୍ତାବାହକ ଭାବରେ ୰ ରାମନାରାୟଣ ଦାସ ଏବଂ ୰ କୈଳାସ ଚନ୍ଦ୍ର ସାହୁଙ୍କୁ ନିଯୁକ୍ତି ଦେବାପାଇଁ ସିଦ୍ଧାନ୍ତ ହୋଇଥିଲା।

ସମ୍ପୂର୍ଣ୍ଣ ଭାବେ ସୈନ୍ୟ ବିଭାଗ ରାଷ୍ଟ୍ରପତି ଗୌରାଙ୍ଗ ଚନ୍ଦ୍ର ମହାନ୍ତିଙ୍କ ଅଧୀନରେ ଥିଲା। ସେଥିରୁ ଶାନ୍ତିସେନା, ସତ୍ୟାଗ୍ରହୀ ଓ ଅସହଯୋଗୀ କର୍ମୀଙ୍କ ସଂଖ୍ୟା ଥିଲା ୨୩୫। ଏହାର ସେନାପତି ଥିଲେ ୰ ଅନିରୁଦ୍ଧ ମହାନ୍ତି।

‘ମରଣ ସେନା’ ଯେଉଁମାନେ ‘କର ଅବା ମର’ ଆଦର୍ଶରେ ଦୀକ୍ଷିତ ହୋଇଥିଲେ, ତାହାର ସଂଖ୍ୟା ଥିଲା ୨୫୦। ଏହାର ନେତୃତ୍ୱ ନେଇଥିଲେ ୰ ଗଣେଶ ପ୍ରସାଦ ତ୍ରିପାଠୀ।

‘ମାରଣ ସେନା’ର ସଂଖ୍ୟା ଥିଲା ୩୯। ଏମାନେ ଇଂରେଜ ମାନଙ୍କ ବିରୁଦ୍ଧରେ ସତ୍ୟାଗ୍ରହ କରି ଲଢି ମରିବା ପାଇଁ ଥିଲେ ପ୍ରସ୍ତୁତ।

ରସଦ୍ ବିଭାଗ :- ଏଥିରେ ସର୍ବଶ୍ରୀ ରତ୍ନାକର ଦାସ ଥିଲେ ମୁଖ୍ୟ। ଅନ୍ୟମାନେ ହେଲେ ୰ ଲକ୍ଷ୍ମୀ ନାରାୟଣ ପାଢୀ, ୰ ବାଙ୍କ ବିହାରୀ ତ୍ରିପାଠୀ, ୰ ପଞ୍ଚାନନ ତ୍ରିପାଠୀ, ୰ ଦିବାକର ତ୍ରିପାଠୀ, ୰ ବିନୋଦ୍ ବିହାରୀ ତ୍ରିପାଠୀ, ୰ ବିବେକାନନ୍ଦ ମହାନ୍ତି, ୰ ପୁରୁଷୋତ୍ତମ ମହାନ୍ତି ଏବଂ କାଶୀନାଥ ଦାଶ। ଏମାନେ ଖାଦ୍ୟ ରନ୍ଧନ, ଖାଦ୍ୟ ଯୋଗାଣ କାର୍ଯ୍ୟରେ ଥିଲେ ନିୟୋଜିତ।

ଏତଦ୍ ଭିନ୍ନ ତିନୋଟି ନଦୀଘାଟ ପାଇଁ ତିନିଜଣ ଜଗୁଆଳଙ୍କୁ ନିଯୁକ୍ତି ଦିଆଯାଇଥିଲା। ଗୁପ୍ତ ଖବର ପାଇଁ ଗୁପ୍ତଚର ବାହିନୀ ମଧ ଗଠିତ ହେବା ଏହି ସରକାରର ଦୂରଦୃଷ୍ଟିର ପରିଚୟ ପ୍ରଦାନ କରେ।

ସେପ୍ଟେମ୍ବର ମାସ ୧୮ ତାରିଖ ସଭାରେ ନିମ୍ନୋକ୍ତ ପ୍ରସ୍ତାବ ଗୃହୀତ ଓ ଘୋଷିତ ହୋଇଥିଲା -

(୧) ୟୁନିଅନ୍ ପ୍ରେସିଡେଣ୍ଟ୍‌କୁ ଚୌକିଦାରୀ ଖଜଣା ଦିଆଯିବ ନାହିଁ।

(୨) ପୂଜା ବା ସନ୍ଧ୍ୟାବେଳେ ଶଙ୍ଖ ବାଜିବ ନାହିଁ। କେବଳ ପୋଲିସ୍ ଆମ ରାଷ୍ଟ୍ର ଭିତରକୁ ପ୍ରବେଶ କଲେ ଶଙ୍ଖ ତୁହାଇ ତୁହାଇ ବାଜିବ। ଶଙ୍ଖ ଧ୍ୱନି ଶୁଣି ପୁରୁଷମାନେ ଇରମର ମେଳନ ପଡ଼ିଆରେ ଏକତ୍ରିତ ହେବେ।

(୩) ଚୌକିଦାର ଓ ଦଫାଦାରଙ୍କୁ ବାଟ ଛାଡ଼ି ଦିଆଯିବ।

(୪) ମତ୍ସ୍ୟଜୀବୀମାନେ ଖଜଣା ଦେବେନାହିଁ।

(୫) ବିଦେଶୀ ବସ୍ତ୍ର ବର୍ଜନ କରାଯିବ।

(୬) ସମସ୍ତେ ନୂଆ ସରକାର ଓ ଜାତୀୟ କଂଗ୍ରେସର ସିଦ୍ଧାନ୍ତକୁ ପାଳନ କରିବେ। ଗୋରା ସିପାହୀଙ୍କୁ “ବାଞ୍ଛାନିଧି ଚକଳା” ଭିତରକୁ ଛଡ଼ାଯିବ ନାହିଁ।

(୭) ଶିକ୍ଷାନୁଷ୍ଠାନ ଓ ହାଟ ମାନଙ୍କରେ ହରତାଳ ହେବାର ସ୍ଥିର ହେଲା।

(୮) ଜମିଦାର ଓ ଧନୀ ଲୋକଙ୍କ ଠାରୁ ଧାନ ଜୋରଜବରଦସ୍ତି ଆଣି ଗରିବ ଲୋକଙ୍କୁ ବଣ୍ଟନ କରାଯିବ

(୯) ଜମିଦାର କିମ୍ବା ଗୋରା ସରକାରଙ୍କୁ କର ନଦେବା ପାଇଁ ସିଦ୍ଧାନ୍ତ ହେଲା।

ଜାତୀୟ କବି ବାଞ୍ଛାନିଧିଙ୍କ ନାମରେ ନବ ଗଠିତ ‘ସ୍ୱାଧୀନ ବାଞ୍ଛାନିଧି ଚକଳା’ ସରକାର ଥିଲା ଜମିଦାର, ସିପାହୀ ଓ ଗୋରା ସରକାରଙ୍କର ମୁଣ୍ଡ ବିନ୍ଧାର କାରଣ। ଏହି ସରକାର ଗଠନ ପରେ ପ୍ରାୟ ପ୍ରତିଦିନ ଇରମ ମେଳନ ପଡ଼ିଆରେ ମିଟିଙ୍ଗ୍ ବସୁଥିଲା। ଯାହା ଉପରେ ଚକ୍ରାନ୍ତକାରୀ ଗୋଷ୍ଠୀ ଓ ଇଂରେଜ ପ୍ରଶାସନର ରହିଥିଲା ତୀକ୍ଷ୍ଣ ଦୃଷ୍ଟି। ଉପରୋକ୍ତ କାରଣ ଗୁଡ଼ିକ ୧୯୪୨ ମସିହା ସେପ୍ଟେମ୍ବର ୨୮ ତାରିଖର ଗୁଳିକାଣ୍ଡ ଓ ନରସଂହାର ପାଇଁ ପ୍ରତ୍ୟକ୍ଷ ଭାବେ ଦାୟୀ। ମେଳନ ପଡ଼ିଆରେ ଉପସ୍ଥିତ ଛଅ ହଜାର ଅବରୁଦ୍ଧ ଉଦ୍ଦୀପ୍ତ ଜନତାଙ୍କୁ ୩୦୦ ରାଉଣ୍ଡ୍ ଗୁଳି ଚାଳନା କରାଯାଇଥିଲା। ଫଳରେ ୨୯ ଜଣ ମୃତ୍ୟୁବରଣ କରିବା ସହିତ ୫୬ ଜଣ ଆହତ ହୋଇଥିଲେ। ସବୁ ମୃତାହତଙ୍କ ଆଗ ପଟରୁ ହିଁ ଗୁଳି ବାଜିଥିଲା ପଛରୁ ନୁହେଁ। ତେଣୁ ଜୀବନ ବିକଳରେ ପଳାଇ ନଯାଇ ସ୍ୱରାଜ୍ୟପ୍ରେମୀ ଜନତା ବୁଲେଟ୍ ଆଗକୁ ଛାତି ଦେଖାଇ ଦେଇଥିଲେ। ଇରମର ଲାଲ୍ ମାଟି ଉପରେ ଲେଖା ହେଲା ଉଷମ୍ ରକ୍ତରେ ସ୍ୱାଧୀନତାର ଶ୍ୱେତପତ୍ର।

‘ଶ୍ରୀ’ ନିବାସ
ଶ୍ରୀକଣ୍ଠପୁର, ବାଲେଶ୍ୱର
ମୋ - ୯୭୭୮୫୪୩୮୯୭

# ବରଗଡ ଜିଲ୍ଲାପାଳ ରାଜ୍ୟ ପାଇଁ ଏକ ଦୃଷ୍ଟାନ୍ତ ହୋଇ ରହିଲେ



### ସୁବ୍ରତ କର

ଏହି ସମୟରେ ପ୍ରତିଦିନ କାଗଜ ଖୋଲିଲେ ପାଇବେ କେହି ନା କେହି ସରକାରୀ ଅଧିକାରୀ ଦୁର୍ନୀତି ନିବାରଣ ଅଫିସରଙ୍କ ଦ୍ୱାରା ଧରା ପଡନ୍ତି। ନୂଆ ସରକାର ଆସିଲା ପରେ ମନେ ହୁଏ ସରକାର ଭ୍ରଷ୍ଟାଚାରକୁ ପ୍ରଶୟ ଦେବାକୁ ଇଚ୍ଛା ନାହିଁ। ନିଶ୍ଚିତ ଏହା ଏକ ଭଲ ପଦକ୍ଷେପ। ଏ ପର୍ଯ୍ୟନ୍ତ ପାଖାପାଖି ୩୦ରୁ ବେଶି ସରକାରୀ ଅଧିକାରୀ ମାନେ ଦୁର୍ନୀତି ନିବାରଣ ବିଭାଗ ଦ୍ୱାରା ଧରା ପଡ଼ିଛନ୍ତି ଏବଂ ସେମାନଙ୍କୁ ସିଧାସଳଖ ଜେଲକୁ ପଠାଇ ଦିଆ ହେଉଛି। ଏମାନଙ୍କଠୁ ଧରା ପଡ଼ିଥିବା ଅର୍ଥରାଶି ମୁଁ ଭାବୁଛି ଖୁବ୍ କମରେ ୧୫୦ କୋଟି ଟଙ୍କାଠୁ ଅଧିକ ହେବ। ଏବେ ଆମେ ଚିନ୍ତା କରିବା ପ୍ରାୟ ୫ଲକ୍ଷରୁ ଉର୍ଦ୍ଧ୍ୱ ସରକାରୀ କର୍ମଚାରୀ କାର୍ଯ୍ୟରତ ଏବଂ ଏହି ଭାବରେ ଦୁର୍ନୀତି ବିଭାଗ ଧରପଗଡ଼ ଜାରି ରଖନ୍ତି ଏବଂ ସରକାର ଏଥିରେ ମଦତ୍ ଯୋଗାନ୍ତ ମୁଁ ଭାବୁଛି ଭ୍ରଷ୍ଟାଚାର ବେଶ୍ କିଛି ସରକାରୀ ସ୍ତରରେ କମି ଯିବ। ତେବେ ଏଟା ମଧ ଠିକ୍ ସରକାର ଏମାନଙ୍କୁ ଖାଲି ଜେଲ ପଠେଇଦେଲେ ହବ ନାହିଁ ପୁଣି ୨ ବା ୩ ବର୍ଷ ଜେଲରେ ରହରି ବାହାରି ଆସିଲା ପରେ ସିଧା ସଳଖ ଚାକିରୀରୁ ବିଦା କରିଦେବା ଦରକାର। କିନ୍ତୁ ଅନେକ ସମୟରେ ଦେଖା ଯାଇଛି ଜେଲରୁ ମୁକୁଳିବା ପରେ ପୁଣି ଚାକିରୀକୁ ଫେରିଛନ୍ତି ଏବଂ ପୁଣି ଭ୍ରଷ୍ଟାଚାରରେ ଲିପ୍ତ ରହିଛନ୍ତି। ଏବେ ଏବେ ଜଣେ ଯନ୍ତ୍ରୀଙ୍କଠୁ, ଦୁର୍ନୀତି ନିବାରଣ ଅଫିସର ମାନେ ଧରିଛନ୍ତି ଏବଂ ସେ ଜଣେ ସହକାରୀ ଯନ୍ତ୍ରୀ ଭଞ୍ଜନଗରରେ କାର୍ଯ୍ୟରତ। କଲେକ୍ଟର ସାହେବ ଦୁର୍ନୀତି ବିଭାଗର ଅଫିସରଙ୍କୁ ଡକାଇ ସିଧା ସେହି ଲୋକଙ୍କୁ ଜେଲକୁ ପଠାଇ ଦେଇଛନ୍ତି। ଏମିତି କେହି ହୋଇ ପାରିବ କି ? ଘର ମଧ ଭଞ୍ଜନଗର। ଏହି ଭଦ୍ର ଲୋକଟି ଏକ ସମସ୍ତଙ୍କ ପାଇଁ ଦୃଷ୍ଟାନ୍ତ ତିଆରି ତିଆରି କରିଛନ୍ତି କାରଣ ଏ ପର୍ଯ୍ୟନ୍ତ ଯେତେଜଣ ଧରା ପଡ଼ିଛନ୍ତି ତନ୍ମଧ୍ୟରୁ ଏହି ଭଦ୍ର ଲୋକଙ୍କ ଆୟ ତୁଳନାରେ ଭ୍ରଷ୍ଟାଚାର ସବୁଠୁ ବେଶୀ ପ୍ରାୟ ୧୧୦୦ ଗୁଣ ଅଧିକ। ବଡ଼ କଥା ହେଉଛି ଏମାନଙ୍କ ମଧ୍ୟରେ ମହିଳା ଅଧିକାରୀମାନେ ଅଛନ୍ତି। ଅ.ଏ.ଏସ ବି.ଡି.ଓଙ୍କ ଠୁ ଆରମ୍ଭ କରି ମହିଳା ଇଞ୍ଜିନିୟର ମଧ। ଡର, ଭୟ, ମାନ, ଅପମାନକୁ ଖାତିର ନାହିଁ। ଚାକିରୀରେ ଥିଲା ବେଳେ ବିଳାସପୂର୍ଣ୍ଣ ଜୀବନ ସହିତ ଜେଲ କୋଠରୀ କଥା ମଧ ଚିନ୍ତାକୁ ଆସିବା କଥା। ଅନ୍ତତ ଭବିଷ୍ୟତକୁ ଅନାଇ ପିଲା ଛୁଆଙ୍କ କଥାକୁ ଥରେ ଭାବିବା ଉଚିତ। ମୋ ପରେ ଏମାନଙ୍କ ଅବସ୍ଥା କଣ ହେବ ଏବଂ ଏମାନେ ଚଳିବେ କେମିତି ? ଥରେ ଅନ୍ତତ ପିଲାଙ୍କ କଥାକୁ ଚିନ୍ତା କରି ଏହି କାର୍ଯ୍ୟରୁ ନିବୃତ ରହିବା ପାଇଁ ଚେଷ୍ଟା କରିବା ଉଚିତ।

ଏବେ ଆସିବ ବରଗଡ଼ ଜିଲ୍ଲାରେ ଅବସ୍ଥାପିତ କଲେକ୍ଟର କଥାକୁ। ସତରେ ମାନିଗଲି ଏହି ଭଦ୍ର ଲୋକଙ୍କୁ। ଜଣେ ସିମେଣ୍ଟ କମ୍ପାନୀର ଉଚ୍ଚ ପଦସ୍ଥ କର୍ମଚାରୀ। କଲେକ୍ଟରଙ୍କୁ ଦେଖା କରିବାକୁ ଆସିଥିଲେ। କାର୍ଯ୍ୟାଳୟରେ ସୌଜନ୍ୟ ମୂଳକ ଭାବରେ ସେ ଗୋଟିଏ ମିଠା ପେକେଟ ସାହେବ ପେକେଟକୁ ହାତକୁ ନେଲାପରେ ଜାଣି ପାରିଲେ ପେକେଟଟି ଭାରି ଲାଗୁଛି ଏବଂ ତତ୍‌କ୍ଷଣାତ୍ ତାଙ୍କ ପାଖରେ ଥିବା କାର୍ଯ୍ୟରତ ଜଣେ କର୍ମଚାରୀଙ୍କୁ ପେକେଟଟି ଖୋଲିବାକୁ କହିଥିଲେ ଏବଂ ଦେଖିଲେ ମିଠା ସହିତ ୫୦୦ ଟଙ୍କାର ୩ଟା ୪ଟି ବାଣ୍ଡିଲ ରହିଛି ଏବଂ ଜଣା ପଡ଼ିଲା ଏହା ପ୍ରାୟ ୨ଲକ୍ଷ ଟଙ୍କା। ସିମେଣ୍ଟ ଫେକ୍ଟରୀର ଜାଗା ପାଇଁ ଆସିଥିଲେ ଏବଂ ଏହି ଟଙ୍କା ଦେଇ କଲେକ୍ଟରଙ୍କୁ ଖୁସି କରିବାକୁ ଚାହୁଁଥିଲେ।




## ବିଶ୍ୱ କାରିଗର ବିଶ୍ୱକର୍ମା

### ନିରଞ୍ଜନ ମହାରଣା

ଆହେ ବିଶ୍ୱକର୍ମା ଶିଳ୍ପୀର ପ୍ରତିମା
ଶ୍ରେଷ୍ଠ ବିନ୍ଧାଣୀ ଯେ ତୁମେ,
ଚାରିଯୁଗ ସ୍ରଷ୍ଟା ବିଶ୍ୱର ନିର୍ମାତା
ପ୍ରଣିପାତ କରୁଆମେ।
ସାରା ବ୍ରହ୍ମାଣ୍ଡର ବିଶ୍ୱ ନିୟନ୍ତା ଯେ
ଗଢ଼ିଛ ସାରା ଜଗତ,
କଳାଭାସ୍କର୍ଯ୍ୟର ନିପୁଣତା ଶୋଭେ
ଚାରୁକଳା ଯେ ଅଙ୍କିତ।
ସତ୍ୟରେ ଗଢିଲ ସ୍ୱର୍ଗାଲୋକ ପୁଣି
ଦ୍ୱାପରେ ଦ୍ୱାରିକା ସୃଷ୍ଟି,
ତ୍ରେତୟାରେ ସ୍ୱର୍ଣ୍ଣ ଲଙ୍କାକୁ ରଚିଲ
କଳୀରେ ଚତୁର୍ଦ୍ଧା ମୂର୍ତ୍ତି।
ତୁମ ହାତେ ଗଢା ପୂର୍ଣ୍ଣର କୋଣାର୍କ
ସାଜି ଧରମା ଯେ ପୁଣି,
କଳା ସ୍ଥାପତ୍ୟର ଅପୂର୍ବ ଭଣ୍ଡାର
ଦେଇଅଛ ସବୁ ବୁଣି।
ଇତିହାସେ ତୁମ କାହାଣୀ ବର୍ଣ୍ଣିତ
ଶ୍ରୀ ମନ୍ଦିର ପୂଣ୍ୟ କଥା,
ତୁମ ହାତେ ଗଢା ଚତୁର୍ଦ୍ଧା ମୁରତି
ଶ୍ରେଷ୍ଠ ତୁମର ଯେ ଗାଥା।
ମହାନୁଭବର ଶ୍ରେଷ୍ଠ କାରିଗର
ସବୁ ତ ତୁମରି ଦାନ,
ତୁମ କାରିଗର ନିହାଣ ମୁନରେ
ପଥର ହୁଏ ସୁବର୍ଣ୍ଣ ।।
ହେ ପ୍ରଭୁ ଇଶ୍ୱର ବିଶ୍ୱ କାରିଗର
ତୁମେ ଅଂଶ ଆମ ଆତ୍ମା,
ପ୍ରତିଟି ହୃଦୟେ ଭରି ଗଢ଼ିଦିଅ
ଦେଇ ଶାନ୍ତିମୌତ୍ରୀ କ୍ଷମା ।।

(ଅଧ୍ୟାପକ)
ମାହାଙ୍ଗା, କଟକ

## ବିଶ୍ୱ ନିର୍ମାତା ହେ ଦେବଶିଳ୍ପୀ

### ନୂତନ କୁମାର ବେହେରା

ବିଶ୍ୱ ନିର୍ମାତା ହେ ଦେବଶିଳ୍ପୀ !
କି ଦିବ୍ୟ ଚେତନାରେ କଳ୍ପି
ତ୍ରିପୁରରେ ଦେଲେ ଖଞ୍ଜି
ଐଶ୍ୱର୍ଯ୍ୟ ପ୍ରାଚୁର୍ଯ୍ୟର ଅକ୍ଷୟ କୀର୍ତ୍ତି
ଅନୁପମ ସମ୍ଭାର ତାର ଅସୀମିତ
ଚଉଦ ଭୁବନେ ରହିଛି ବ୍ୟାପୀ,
ନିଜ ନାଭି କମଳରୁ ପ୍ରଭୁ
ବ୍ରହ୍ମାଙ୍କୁ ସୃଷ୍ଟି ଲାଗି ଦେଇ ଜନମ
ପୁନଶ୍ଚ ତାଙ୍କ ନାଭି କମଳରୁ
ହେଲ ସ୍ୱୟଂ ବିଶ୍ୱକର୍ମା ରୂପୀ।
ସଚରାଚର ବିଶ୍ୱ ବ୍ରହ୍ମାଣ୍ଡରେ
ସୃଜିଲ ଚେତନ ଜୀବ ଜଡ଼ ପ୍ରକୃତି
ଜଗତ କଲ୍ୟାଣେ ପ୍ରାଣୀଙ୍କ ହିତେ
ଦେଲ ସବୁ ଅଗ୍ରେ ସମର୍ପି,
ସୁରମ୍ୟ ପ୍ରାସାଦ ଇନ୍ଦ୍ର ଭବନଠାରୁ
ଅମରାବତୀ ତୁମ ଅମୂଲ୍ୟ କୀର୍ତ୍ତି
ସର୍ବଶ୍ରେଷ୍ଠ ସୁଦୀପ୍ତ ସ୍ଥାପତ୍ୟ
ସ୍ଥୁଳେ ଅଳ୍ପ ଜ୍ଞାନେ
ଯା’ ହୁଏନା ମାପି।
ବିଶ୍ୱ ନିର୍ମାତା ହେ ଦେବଶିଳ୍ପୀ !
ତୁମେ ସୃଷ୍ଟିକର୍ତ୍ତା ତୁମେ ବିଶ୍ୱକର୍ମା
କିଏ ବା ପାରିବ ବର୍ଣ୍ଣି ତୁମ ମହିମା
ସର୍ବ ସୁଷମାର ତୁମେ ସୁଷମା
କଳି ହୁଏ ନାହିଁ ତାର ସୀମା
ସବୁ କଳ୍ପ ବିକଳ୍ପର ତୁମେ ମହାତପି,
ଯୁଗ ଯୁଗ ତୁମ ପାଦପଦ୍ମ ଧ୍ୟାୟୀ
ତରି ଯାନ୍ତି ପାପୀ ମହାପାପୀ
ପା’ନ୍ତି ନାହିଁ ଆଦି ଅନ୍ତ ଜପି ଜପି।
ଏକ ବ୍ରହ୍ମରୁ ଅନେକ...ଅନେକରୁ ଏକ
ହୋଇ ତୁମେ ପାଳ ବ୍ରହ୍ମାଣ୍ଡ ଯାକ
ଚାରିଯୁଗେ ଦଶ ଅବତାର
ନେଇ କଳିଯୁଗେ ହେଲ ଦାରୁବ୍ରହ୍ମ,
ନିଜେ ନିଜର ରୂପ ନିର୍ମାଣିଲ
ବୃଦ୍ଧ ଅନନ୍ତ ମହାରଣା ବେଶେ ଆସି
ନିଜକୁ ଅଧା ଗଢ଼ି ରହିଲ ସନ୍ତୋଷ
ପ୍ରେମମୟ କରି ଏ ଧରାଧାମ।
ବୁଝାଇ ଦେଲ ସଂସାର ଅସମ୍ପୂର୍ଣ୍ଣ
ଯେତେ କଲେ ବି ବାକି ରହେ ତଥାପି,
ଶାନ୍ତି ତୃପ୍ତି ଜୀବନର ମୂଳମନ୍ତ୍ର
ସତ୍ୟନିଷ୍ଠ ହେବାକୁ ଭୁଲନା କଦାପି।
ବିଶ୍ୱ ନିର୍ମାତା ହେ ଦେବଶିଳ୍ପୀ !

କୋହି, ବାରିପଦା, ମୟୂରଭଞ୍ଜ
ମୋ:୮୦୧୮୩୫୩୩୨୨

## ଦେବଶିଳ୍ପୀ ବିଶ୍ୱକର୍ମା...

### ରାମଚନ୍ଦ୍ର ବେହେରା



ବ୍ରହ୍ମାଣ୍ଡ ନିର୍ମାତା ହେ ଶିଳ୍ପୀଦେବତା
ଆସ ପ୍ରଭୁ ମର୍ତ୍ତ୍ୟଧାମେ
ଆନନ୍ଦ ଲହରି ଖେଳିଯାଉ ବିଶ୍ୱେ
ତୁମ ଶୁଭ ଆଗମନେ।

କନ୍ୟା ସଂକରାନ୍ତି ଶୁଭ ଲଗନରେ
ଆସ ପ୍ରଭୁ ଅବତରି
ବଟାଳି ମାର୍ତ୍ତୁଳ ପବିତ୍ର ପୁସ୍ତକ
କମଣ୍ଡଳୁ ହସ୍ତେ ଧରି।

ସର୍ଜନା ତୁମରି ରଚନା ତୁମରି
ମାନବ ନିମିତ୍ତ ମାତ୍ର
ଦେବଲୋକ ଯନ୍ତ୍ରୀ ସୁଦକ୍ଷ ବିନ୍ଧାଣୀ

ଆହେ ପ୍ରଭୁ ବ୍ରହ୍ମା ସୁତ।
ଅମରାବତୀ ଯେ ତୁମରି ସର୍ଜନା
ଶ୍ରେଷ୍ଠ ତୁମ କାରିଗରୀ
ସ୍ୱର୍ଣ୍ଣଲଂକା ତୁମ ଅନୁପମ କୀର୍ତ୍ତି
କିଏ ହେବ ତୁମ ସରି।

ଏକ ନିଶି ମଧ୍ୟେ କରିଥିଲ ପୂର୍ଣ୍ଣ
ପୂଣ୍ୟ ଦ୍ୱାରକା ଭବନ
କୃଷ୍ଣଂକ ନିର୍ଦ୍ଦେଶେ ସଖା ସୁଦାମାଂକ
ନଅର କଲ ନିର୍ମାଣ।
ବୃଦ୍ଧକାଳେ ତୁମେ ଗଢିଥିଲା ପରା
ଅଧାଗଢା କଳାଦିଅଁ
ତାଂକ ଦର୍ଶନାର୍ଥେ ଶ୍ରୀକ୍ଷେତ୍ର ଧାମକୁ
ଛୁଟେ ଭକତଂକ ସୁଅ।

ଜଗତ ହିତରେ ଜ୍ଞାନ କୌଶଳରେ
ଗଢିଛ ସୁନ୍ଦର ବିଶ୍ୱ
ଯୁଦ୍ଧ ବିଭିଷିକା ରୋକିଦିଅ ପ୍ରଭୁ
ହେବାକୁ ନଦିଅ ଧ୍ୱଂସ।


ଗଜ ବାହନରେ ଆସ ଆସ ପ୍ରଭୁ
ଦେବଶିଳ୍ପୀ ବିଶ୍ୱକର୍ମା
ଶାନ୍ତି ଦୂତ ସାଜି ବିଶ୍ୱକୁ ବଂଚାଅ
ଏତିକି ମୋର ପ୍ରାର୍ଥନା।

ତେନ୍ତୁଳିପଦା, ଜଗତସିଂହପୁର
ମୋ-୭୩୫୫୬୩୪୩୪୬



# ମୂଲ୍ୟବାନ

## ଘନଶ୍ୟାମ ପଲେଇ



ବର୍ଷା ଦିନରେ ବି ଗାଁ ଛକରେ ଥିବା ଦନେଇ ସାହୁର ଚା'ଜଳଖିଆ ଦୋକାନଟା ବେଶ୍ ଭିଡ ରହେ। କିଛି ନହେଲେ ବି ରମାକାନ୍ତବାବୁ ଭଳି କେତେଜଣ ରିଟାର୍ଡ ଭଦ୍ରଲୋକ ପହଞ୍ଚି ଯାଆନ୍ତି। ସନ୍ଧ୍ୟାରେ ସେଠାରେ ଗୁଲିଖଟି କରିବାକୁ ଭଲ ହୁଏ ସେମାନଙ୍କୁ। ଆଖପାଖ ଗାଁ ଲୋକଙ୍କ ସହ ବି ଭେଟଘାଟ ହୋଇଯାଏ। ଦୁଃଖ ସୁଖ ସହ ଦୁନିଆ କଥା ଆଲୋଚନା ହୁଏ। ରାଜନୀତି କଥା ବି ପଡେ।

ଆଜି ରମାକାନ୍ତ ବାବୁ ପହଞ୍ଚି ସାରିଲେଣି ଦୋକାନରେ। ବର୍ଷାଟା ଟିକିଏ ଟିକିଏ ବର୍ଷିବା ଆରମ୍ଭ କରିଦେଇଥିଲା। ଏଣେ ଆସରଟା ଜମି ଜମି ଆସୁଥିଲା। ହଠାତ୍ କଁ କଁ... ଚଁ.. ଚଁ.. ଶବ୍ଦ କରି ବଲେରୋ କ୍ୟାମ୍ପର୍ ଗାଡିଟେ ଅଟକିଲା। ଡାଲାରେ ପଶୁଭଳି ବର୍ଷାରେ ତିନ୍ତି ତିନ୍ତି ଜଣେ ପୁରୁଷ ଆଉ ଚାରି ଜଣ ସ୍ତ୍ରୀଲୋକ ଛିଡା ହେଇଥିଲେ ଡାଲାର ଧାରକୁ ଧରି। ଗାଡିରୁ ଡ୍ରାଇଭର ଜଣଙ୍କ ଓହ୍ଲାଇ ଆସିଲେ ଦୋକାନ ଆଡକୁ। ପାଖ ହେଲାରୁ ଜଣାଗଲା ଇଏ ତ କଣ୍ଟ୍ରାକ୍ଟର ସୁଧାଂଶୁ ବାବୁଙ୍କ ସୁପରଭାଇଜର ବାଟୁବାବୁ। ଏଇ ଅଞ୍ଚଳର ଜଣେ କୁଜିନେତା। ବିଚକ୍ଷଣ ବୁଦ୍ଧି ତାଙ୍କର। ସବୁବେଳେ ଭାଷଣ ମାରନ୍ତି.... ଦେଶ ଆମର ଢେର୍ ଆଗେଇଲାଣି....। ପୂର୍ଣ୍ଣ ବିକଶିତ ରାଷ୍ଟ୍ର ହେବାକୁ ଆଉ ଡେରି ନାହିଁ। ଆମର ଗୋଟାକ ପରେ ଗୋଟାଏ ନିର୍ମାଣ କାମ ଚାଲିଛି। ଟିକିଏ ହେଲେ ଫୁରସତ ନାହିଁ। କେଉଁଠି ପୋଲ ତ କେଉଁଠି ସ୍କୁଲଘର ... ପୁଣି କାହାର ଘର। କାମ ଲାଗି ରହୁଛି ବର୍ଷ ତମାମ୍।

ରମାକାନ୍ତ ବାବୁଙ୍କୁ ଦେଖି ଗୋଟିଏ ହାତ ଉପରକୁ ଟେକି ଫିଙ୍ଗି ଦେଲା ନମସ୍କାରଟିଏ। ନମସ୍କାର ଗ୍ରହଣ କରୁ କରୁ ରମାକାନ୍ତବାବୁ ପଚାରିଲେ --- ଏଡେ ସଞ୍ଜକୁ! ପୁଣି ସ୍ତ୍ରୀଲୋକଗୁଡା ଭିତରେ ନ ବସି ଡାଲାରେ ତିନ୍ତୁଛନ୍ତି କାହିଁକି ? ଭିତରେ ପରା ବସିବାକୁ ସିଟ୍ ଅଛି ! ଦେହ ଖରାପ ହେବନି ?

---- କଥା କଣ କି ସାର ! ଆମ ଘର ପାଖରେ ଜଣଙ୍କ ଘର କାମ ଚାଲିଛି। ନେହୁରା ହେଇ କହିଥିଲେ ତିନି ଚାରିବୁରା ସିମେଣ୍ଟ ଦେବାକୁ। ତେଣୁ ଚାରି ପାଞ୍ଚ ବୁରା ସିମେଣ୍ଟ ଗାଡି ଭିତରେ ମାନେ ସିଟ୍'ରେ ଥାକ ମାରି ସଜେଇ ଦେଇଛି। ନହେଲେ ପାଣି ଛିଟିକା ବାଜି ଓଦା ହୋଇଯିବ... ସେ ଆଉ ନେବେନି। ବେକାର ଯିବ ପରିଶ୍ରମ। ଜାଗା ନ ହେବାରୁ ଏମାନଙ୍କୁ ଟିକେ ଆଡଜଷ୍ଟ କରି ଡାଲାରେ ଚଢେଇ ଆଣୁଛି। ଏମାନେ ତ ହେଲେ ମଳି ମୁଣ୍ଡିଆ କୁଲି ରେଜା। ଏମାନଙ୍କର କାମ ଦରକାର। କାମ ତ ଦେଉଛି। ଭିଜିଲେ କ'ଣ ହେଇଯିବ ଯେ ଏମାନଙ୍କର ? ଇମିତିରେ ବି ସେମାନେ ଗାଧେଇବେ। ଧୋଇ ହେଇଯିବ ଧୂଳିମଳି ସହ ବର୍ଷାପାଣି ତକ।

ଏତକ କହି ଆରାମରେ ଚାହା' କପେ ଆଣି ପିଇବାକୁ ଲାଗିଲେ ସୁପରଭାଇଜର ବାଟୁବାବୁ।

ରମାକାନ୍ତ ବାବୁ କିନ୍ତୁ ଚିନ୍ତାରେ ପଡିଗଲେ --- ସିମେଣ୍ଟ ଦୁଇ ତିନିବୁରା ଆଗ ନା ଏଇ ନିର୍ମାଣ ଶ୍ରମିକଙ୍କ ଜୀବନ କାହାର ମୂଲ୍ୟ ଅଧିକ ???

କିଛି ସମୟ ପରେ ସେଠାରୁ ଗାଡି ନେଇ ସୁପରଭାଇଜର ଜଣକ ଚାଲିଗଲା ପରେ ଜଣେ ବୁଢାଲୋକ କହିଉଠିଲେ ---- ଦେଖିଲେ ତ ସାର ! କେଡେ ମୁହଁ ଫୁଟାଣି ତା'ର। ଚାରି ପାଞ୍ଚବୁରା ଚୋରାରେ ଲୁଚେଇ ବିକିବ ବୋଲି ଯତ୍ନରେ ସିମିଣ୍ଟ ଆଣୁଛି, ଅଥଚ ଲୋକଙ୍କୁ ଡାଲାରେ ଚଢେଇ କରୁଛି ହିନସ୍ତା।

ବଡ ଆମ୍ଭୁଁଣି, ଝୁମ୍ପୁରା, କେନ୍ଦୁଝର-୩୧, ମୋ- ୯୪୩୭୭୧୮୫୦୦

# ଅନ୍ଧ ପ୍ରେମିକ

## ସିଦ୍ଧେଶ୍ୱର ତ୍ରିପାଠୀ

ଏମିତି କ'ଣ ପ୍ରେମ କରାଯାଏ । ଯିଏ ଶୁଣିବ ମଥା ଘୁରିଯିବ । ଚାରି ଚାରିଟା ପିଲା ସମସ୍ତେ ବିଷ ପିଇ ଆତ୍ମହତ୍ୟା କରିଛନ୍ତି। ପୁଣି ଗୋଟିଏ ପ୍ରେମିକା ପାଇଁ । ସେ ପ୍ରେମିକାବି ଧନ୍ୟ ଯିଏ ଗୋଟିଏ ନୁହଁ ଦିଇଟା ନୁହଁ ଚାରିଜଣକୁ ଭଲପାଇଛି। ସତ କି ମିଛ କେଜାଣି ଆଜି ଗାଁ ଛକରେ ଚା ଖଟିରେ ସମସ୍ତଙ୍କ ମୁହଁରେ ଏଇ ହାଇବ୍ରିଡ଼ ପ୍ରେମର ଚର୍ଚ୍ଚା ।

ବୁଝୁ ବୁଝୁ କଥାଟା ସତ ଏଇ ଓଡ଼ିଶାର ଘଟଣା ପରା । ଆଜିର ସବୁ ଖବର କାଗଜରେ ବାହାରିଛି। ଚାରି ଚାରିଟା ଭେଣ୍ଡିଆ ପିଲା ମରିଗଲେ । ସମସ୍ତଙ୍କ ମନଦୁଃଖ ଯେ, ହେଲେ ଯୋଉଥି ପାଇଁ ମଲେ ସେ ଘଟଣା ଗୋଟେ ଅଯାଚିତ ହାଶ୍ୟ ରୋଳ ସୃଷ୍ଟି କରୁଛି । ଝିଅଟି କୁଆଡେ ଭାରି ସୁନ୍ଦରି ଆଉ ଗୀତ ନାଚ ଆଉ ଭଲ କଥା କୁହା ଗୁଣ କୁଆଡେ ତା ପାଖରେ ଖୁନ୍ଦି ହୋଇ ରହିଛି । ନାଁଟି ତା'ର ଜିନା । କଲେଜର ଝିଅ ମାନଙ୍କ ଗହଳି ଭିତରେ ବହୁ ଦୂରରୁ ବି ସେ କୁଆଡେ ବାରି ହୋଇପଡେ । ଏଇ ବାରି ହୋଇ ପଡିବା ଗୁଣ ଯୋଗୁଁ କଲେଜର ଅନେକ ପୁଅଙ୍କ ନଜର ଜିନା ଉପରେ । କେତେ ପ୍ରେମ ନିବେଦନ ଅନୁରୋଧ ଆଖିର ଇଶାରା ଆଉ ଉପହାର ଏସବୁ ଘଟଣା ଜିନାର ନିତି ଦିନିଆ କଥା । ଏମିତି କେତେ ଜଣକୁ ସେ ବିରୋଧ କରି ଆସୁଥିଲା । ହେଲେ ଧିରେ ଧିରେ ଜଣେ ଆଉ ଜଣେରୁ ଚାରିଜଣ ଙ୍କୁ ନିଜର ପ୍ରେମ ଜାଲରେ ଫସେଇ ସେମାନଙ୍କଠୁ ଅନେକ ଅର୍ଥ ଆଉ ଉପହାର ହାତେଇ ସାରିଛି ଜିନା । ରାତି ରାତି ଘଣ୍ଟା ଘଣ୍ଟା ଫୋନରେ କଥା ହେବା ଆଉ ଆଜି କାଲିକା ଫେସବୁକ ହ୍ୱାଟ୍ସଆପ ଚାଟିଙ୍ଗ ଆଉ ଭିଡିଓ କଲରେ ଆଜି ଯାକୁ ତ କାଲି ତାକୁ ଟିକିଏ ଜାମା କାଢି ଦେହରୁ ଫାଳେ ଦେଖେଇ ଦେଲେ ସେ ପ୍ରେମିକ ମାନେ ଭାରି ଖୁସି । ସତ କେବେ ଲୁଚି ରହେନା । ଚୋର ଘର ସବୁବେଳେ ଅନ୍ଧାର ନଥାଏ । କଥାଟା ସମସ୍ତଙ୍କ ପାଖରେ ଧରା ପଡିଗଲା । ଚାରିଜଣ ପ୍ରେମିକଙ୍କ ଭିତରେ କଥା କଟାକଟି ଯୁକ୍ତିତର୍କ ଲାଗିଲା । ସଭିଙ୍କ ମୁହଁରେ ସେଇ ଗୋଟିଏ କଥା ସିଏ କେବଳ ମୋର । ତୁମେ ମାନେ ତାକୁ ଭୁଲିଯାଅ । କେହି କିଛି ବୁଝିବାକୁ ନାରାଜ ଶେଷକୁ ଏଇ ନିଷ୍ପତି ସମସ୍ତଙ୍କର ସମୁହ ବିଷପାନ । ଯିଏ ବଞ୍ଚିବ ଜିନା ତାର ହବ କଥା ଶେଷ।

କଥା ତ ଯାହା ଶେଷ ହେଲା ହେଲା ଅକାରଣରେ ବିଚାରା ଚାରି ଚାରିଟା ଜୀବନ ଚାଲିଗଲା । ଗୋଟିଏ ହାତ ଲେଖା କାଗଜରୁ ଏସବୁ ଘଟଣା ଧରା ପଡିଲା ଯୋଉଥିରେ ସେ ଝିଅର ନାଁ ଠିକଣା ଫୋନ ନମ୍ବର ବି ଲେଖା ଅଛି । ଏବେ ଘଟଣା ସ୍ଥଳରେ ପୋଲିସ ପହଞ୍ଚି ଚାରୋଟି ଶବକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହିତ ନିଜଆଡୁ ଏକ ମାମଲା ରୁଜୁ କରି ଖାନ ତଲାସ ଚଳାଇଛି। ଦୋଷୀଙ୍କୁ କଠୋର ରୁ ଅତିକଠୋର ଦଣ୍ଡ ଦିଆଯିବ ବୋଲି ପ୍ରତିଶ୍ରୁତି ଦେଇଛି । ଏଣେ ଚାରି ଚାରିଟା ପରିବାର ନିଜ ପୁଅ ମାନଙ୍କୁ ହରାଇ କିଭଳି ଅବସ୍ଥାରେ ଥିବେ ଆହା । ଏଇ ଗଣ ମାଧ୍ୟମରୁ ଖବର ପାଇ ସେଇ ପିଲାମାନଙ୍କ ଘର ଲୋକ ମଧ୍ୟ ସେଇ ଗୋଟିଏ ଝିଅ ନାଁରେ ଭିନ୍ନ ଭିନ୍ନ ଥାନାରେ ଅଭିଯୋଗ କରିଛନ୍ତି ।

ଇଏ କି ଯୁଗ ହେଲା ଏ ଭଳି ଘଟଣାରୁ ପିଲା କ'ଣ ଶିଖିବେ । ହ ଗୋଟେ ହାତରେ କୋଉ ଅବା ତାଳି ବାଜେ । ଯୁବ ପିଢ଼ି ଏଇ ପ୍ରେମ ନିଶାରେ ନିଜର ପରିବାର ଭବିଷ୍ୟତ ଏମିତିକି ନିଜ ଜୀବନକୁ ବି ନଷ୍ଟ କରିଦିଅନ୍ତି। ଆଉ ସେ ଜିନା ର ଅବସ୍ଥା କ'ଣ ହବ କେଜାଣି । କାଲି ଆଡ଼କୁ ସବୁ ଗଣ ମାଧ୍ୟମରୁ ଜଣା ପଡିବ ଯେ । ହଉ ମୁଁ ଯାଉଛି ପରିବା ପତ୍ର କିଣିବି ଆପଣମାନେବି ନିଜ ନିଜ କାମରେ ବ୍ୟସ୍ତ ରୁହନ୍ତୁ ।

ଆଉ ହଁ ଏଇ ଅନ୍ଧ ପ୍ରେମିକର ମନକଥାକୁ ସମସ୍ତେ ବୁଝି ପାରନ୍ତିନି ସତରେ, ଏମିତି ଅନ୍ଧ ପ୍ରେମିକ ହବାଟା କ'ଣ ଭଲ କଥା କି ?

+କୁଣ୍ଡିଲୋ କେରଙ୍ଗ ଖୋର୍ଦ୍ଧା

# ଅବଶୋଷ

## ସତ୍ୟନାରାୟଣ ପ୍ରଧାନ

ପୁଅ ପରିବାରର ଦୁଃଖ କଷ୍ଟ ସହି ନ ପାରି ନିଜକୁ ଅସହାୟ ମନେ କରୁଥିଲା । ଘରେ ଖାଲି ବସି ରହିବା ଅପେକ୍ଷା ସବୁଦିନେ ଲୋକମାନଙ୍କ ସହିତ ଦୂର ଗାଁକୁ କାମ କରିବାକୁ ବାହାରି ଯାଉଥିଲା । ସନ୍ଧ୍ୟା ବେଳେ କାମ ସାରି ଫେରିବା ବେଳକୁ ମାଆ ଘର ପାଇଁ ଯାହା ସଉଦା ପନି ପରିବା କିଣିବାକୁ କହିଥିଲା ତାହା ଦୋକାନରୁ କିଣି ଫେରିଲା ବେଳକୁ ପାଖରେ ଆଉ ଅଳ୍ପ ଟଙ୍କା ବଳି ପଡିଥିଲା । ପକେଟରେ ଥିବା ଟଙ୍କାରୁ କିଛି ବାପାକୁ ବଢେଇ ଦେଇ ବାହାର ଆଡେ ବୁଲି ଆସିବାକୁ କହିଥିଲା। ଗରିବ ପରିବାରରେ ଜନ୍ମ ଗ୍ରହଣ କରିଥିଲେ ଏପରି କିଛି ସହିବାକୁ ପଡ଼ିଥାଏ ବୋଲି ସେ ମନରେ କଳ୍ପନା କରିପାରୁନଥିଲା ।

ପିଲାଦିନରୁ ଅଭାବ ଅସୁବିଧା ଭିତରେ ବଢ଼ି ଥିବାରୁ ଅନ୍ୟ ମାନଙ୍କ ଖୁସି ଦେଖି ମନ ଦୁଃଖରେ ଆଖିରୁ ବହି ଯାଉଥିବା ଅମାନିଆ ଲୁହକୁ ପୋଛି ଘର କୋଣରେ ରହିବାକୁ ବାଛି ନେଇଥିଲା। ଭଲମନ୍ଦରେ ଭୋଜି ଭାତ କରିବାକୁ ଟଙ୍କା ନ ଥିବାରୁ ବାହାନା କରି ମନା କରିବା ଛଡା ତା ପାଖରେ ଅନ୍ୟ ବିକଳ୍ପ ନ ଥିଲା । ସବୁଦିନ କାମ ଧନ୍ଦା ନ ପାଇ ଦିନେ ଦିନେ ଖାଲି ହାତରେ ଘରକୁ ଫେରିବାକୁ ପଡୁଥିଲା। ଭଲରେ ଗଣ୍ଡେ ଖାଇବାକୁ ମନ କଲେ ଘରେ ଲୁଣ ଥିଲେ ଆଉ ଓଳିକୁ ତେଲ କିଣିବାକୁ ପଡୁଥିଲା । ଜୀବନର ଅକୁହା କଥା ଗୁଡାକ କାହା ଆଗରେ କହି ନ ପାରି ନିଜ ଫଟା କପାଳକୁ ନିନ୍ଦା କରୁଥିଲା। ଘର ପିଣ୍ଡାରେ ବସି ପିଲାଦିନ ଧୂଳି ବାଲି ଖେଳ ଘର କଥା ମନେ ପକାଇ କିଛି ସମୟ ପାଇଁ ମନର ବୋଝକୁ ହାଲ୍କା କରିବା ପାଇଁ ଚେଷ୍ଟା କରୁଥିଲା। ମାଆ ତାର ଖାଇବା ପାଇଁ ପଖାଳ ଭାତ ସାଙ୍ଗକୁ ଆଳୁ ପୋଡ଼ା ରଖି ଚାଲି ଯାଇଥିଲା । ତୋରାଣି କଂସାରେ ହାତ ପୁରାଇ ମୁହଁକୁ ମୁଠେ ଭାତ ନେଲାବେଳେ ନିଜର ଶୁଖିଲା ମୁହଁଟା ତୋରାଣି ପାଣି ଭିତରେ ଦେଖା ଯାଉଥିଲା । ବୋଉ ଅନେକ ଦିନରୁ ଚିରା ଶାଢ଼ୀକୁ ସିଲେଇ କରି ଅନ୍ୟମାନଙ୍କ ଆଗରେ ଭାରି ଖୁସିରେ ଥିବାର ଅଭିନୟ କରୁଥିଲା। ସବୁକିଛି ନିଜ ଆଖି ଆଗରେ ଦେଖି ଯେ କୌଣସି ଉପାୟରେ ଘର ବୋଝ ମୁଣ୍ଡାଇବା ସହିତ ସମାଜରେ ସ୍ୱାଭିମାନ ସହିତ ବଞ୍ଚିବା ସରଳ ରାସ୍ତା ଖୋଜି ପାଇବାକୁ ମନରେ ସଂକଳ୍ପ କରିଥିଲା ।

ସେ ଦିନେ ସକାଳେ ଗୋଟେ କାମରେ ବାହାରକୁ ଗଲା ବେଳେ ପାଖ ଗାଁର ଲୋକ ଜଣେ ଦେଖା ହୋଇ ଯାଇ ହାଲଚାଲ ପଚାରି ବୁଝିଥିଲା । ନିଜ ଦୁଃଖ କଥା ଇଚ୍ଛା ନ ଥିଲେ ମଧ ପରିସ୍ଥିତିରେ ପଡ଼ି କହିବାକୁ ବାଧ ହୋଇଥିଲା। ଲୋକଟି ସାମାନ୍ୟ ହସି ଦେଇ ତା ସାଙ୍ଗରେ ବାହାରକୁ କାମ କରିବାକୁ ଗଲେ ଅବସ୍ଥା ପୁରା ସୁଧୁରିଯିବ ବୋଲି ଦୃଢ ପ୍ରତିଶ୍ରୁତି ଦେଇଥିଲା । ବିବେକ ତା କଥା ଶୁଣି ନିଶ୍ଚୟ ତାର ଭଲ ଦିନ ପାଖେଇ ଆସିଲା ବୋଲି ମନରେ ଭାବି ଖୁସି ହୋଇ ଘରେ ଏ ବିଷୟରେ କଥା ହୋଇ ଜଣାଇବ ବୋଲି ସେଠାରୁ ଚାଲି ଆସିଲା । ଘରେ ପହଂଚିବା ପରେ ମାଆକୁ ତାର ସବୁ କଥା ଗୋଟି ଗୋଟି କରି କହିଥିଲା । କେତେ ଠାକୁର ପୂଜା କରି ପୁଅଟିଏ ପାଇଥିବାରୁ ତାକୁ ବାହାରକୁ ଛାଡ଼ିବାକୁ ସେମାନଙ୍କର ମୋଟେ ଇଚ୍ଛା ନ ଥିଲା । ମାଆ ଔଷଧ ନ ଖାଇ ପଛେ ମରିଯିବେ ହେଲେ ତାକୁ ବାହାରକୁ ଯିବା ପାଇଁ ଅନୁମତି ଦେବେ ନାହିଁ ବୋଲି ସଫା ମନା କରିଦେଲେ । ମାଆ ତାର ସୁଖ ଅବା ଦୁଃଖରେ ମୁଠେ ଖାଇ ପାରୁଛେ ଆଉ ବାହାରକୁ ଯିବା ଦରକାର ନାହିଁ ବୋଲି ପୁଅକୁ ବୁଝାଇ କହିଥିଲେ । ସେ କିନ୍ତୁ ନିଜ ଜିଦ୍‌ରେ ଅଟଳ ରହି ବାହାରକୁ ଯିବାକୁ ନ ଛାଡିଲେ ? ରାଗରେ କାହାକୁ ନ କହି ଘର ଛାଡ଼ିଯିବ ବୋଲି ଶୁଣାଇ ଦେଇଥିଲା ।

ପରିବାରରେ କିଛି ଗୋଟେ ଘଟିବା ଆଗରୁ ବାପା ତାର ପୁଅକୁ ଭଲରେ ଯାଇ ଘରକୁ ଫେରି ଆସିବାକୁ ଛାତିକୁ ପଥର କରି କହିଥିଲେ ।

ଯିବା ଦିନ ପାଖେଇ ଆସିବାରୁ ବାପା ସାଇକେଲରେ ପୁଅ ଜିନିଷ ପତ୍ର ଧରି ଗାଁ ପାଖ ଷ୍ଟେସନ ଆଡେ ଉଛୁର ହୋଇଯିବ ଭାବି ପୁଅକୁ ଶୀଘ୍ର ବାହାରିବାକୁ ବ୍ୟସ୍ତ କରି ପକାଉଥିଲା । ମାଆ ତାର ଲୁଗା କାନିରେ ଆଖିର ଲୁହକୁ ପୋଛି ପୁଅକୁ ହସି ହସି ବିଦାୟ ଦେବା ପାଇଁ ଗାଁ ଶେଷ ମୁଣ୍ଡକୁ ଚାଲି ଯାଇଥିଲା । ସେ ସବୁ କିଛି ଛାଡ଼ି ଗଲା ବେଳେ କାନ୍ଦିବାକୁ ଇଚ୍ଛା କଲେ ବୁଢ଼ା ବାପା ପାଇଁ ମନକୁ ବୁଝାଇ ଦେଇଥିଲା ।

ସମୟ ଅନୁସାରେ ଟ୍ରେନ ଆସି ପହଞ୍ଚି ଯାଇଥିଲା ସେ ଆଉ ମୋଟେ ଡେରି ନ କରି ହାତରେ ଟିକେଟ ଧରି ଯାଇ ବସିପଡ଼ିଲା ।

କିଛି ସମୟ ପରେ ନିଜ ଗନ୍ତବ୍ୟ ପଥ ଅନୁସାରେ ଟ୍ରେନ୍‌ଟି ବିକଟାଳ ଶବ୍ଦ କରି ଆଗକୁ ମାଡ଼ି ଚାଲିଲା । ସେ ଯେତେ ଆଗକୁ ବଢ଼ିବାରେ ଲାଗିଥିଲା ସେତେ ନିଜ ଗାଁ ଗଣ୍ଡାଠାରୁ ଦୂରେଇ ଅଚିହ୍ନା ରାଇଜରେ ପ୍ରବେଶ କରୁଥିଲା ।



ଦୁଇଦିନ ପରେ ଠିକଣା ଜାଗାରେ ଯାଇ ଟ୍ରେନ୍ ଅଟକି ଯାଇଥିଲା । ଜୀବନରେ ପ୍ରଥମଥର ପାଇଁ ବାହାରକୁ ଆସିଥିବାରୁ ସବୁ କିଛି ନୂଆ ତାକୁ ଲାଗୁଥିଲା । ସାଙ୍ଗରେ ଡାକି ନେଇଥିବା ଲୋକ କହିଥିବା ଜାଗାରେ ଯାଇ ପହଞ୍ଚି ଯାଇଥିଲା । ଗୋଟେ ଦିନ ବିଶ୍ରାମ ପରେ କାମରେ ଯୋଗ ଦେବାକୁ ପଡ଼ିବ ବୋଲି ବୁଝା ସୁଝା କରୁଥିବା ଲୋକମାନଙ୍କଠାରୁ ଶୁଣିବାକୁ ପାଇଥିଲା । ତା ପରଦିନ ଭଲ ପୋଷାକ ପିନ୍ଧି ନିଜର କର୍ମମୟ ଜୀବନ ଆରମ୍ଭ କରିବାକୁ ବାହାରି ପଡିଥିଲା । ବିରାଟ କୋଠା ସାଙ୍ଗକୁ ଆଧୁନିକ ଯୁଗର ବିକଶିତ ଯନ୍ତ୍ର ଦେଖି ବୋକା ପରି ଚାହିଁ ରହିଥିଲା । ସମୟ ଅନୁସାରେ ସବୁ କିଛି ଠିକ୍ ହୋଇଯିବ ଭାବି ଶ୍ରଦ୍ଧାର ସହିତ କାମରେ ଲାଗି ପଡିଥିଲା । ଦିନକୁ ଦିନ ଚାଲାକ୍ ଚତୁର ଥିବାରୁ ଯାହା କରିବାର କାମଠାରୁ ଅଧିକ ଶିଖିବା ପାଇଁ ତାକୁ ବେଶୀ ସମୟ ଲାଗି ନ ଥିଲା । ସାଙ୍ଗରେ ଜବାବ୍ ହୋଇଥିବା ଉଚିତ୍ ପାଉଣା ମିଳିବା ବଦଳରେ ଆଉକିଛି ପରେ ବଢିବ ବୋଲି ଶୁଣିବାକୁ ମିଳିଥିଲା । ନିଜ କାମଠାରୁ ଅନ୍ୟ କାମ କରୁଥିବାରୁ ସେଥିପାଇଁ କୌଣସି ଅଧିକ ଦରମା କି ଉପହାର ଅବା ସମ୍ମାନ ଦେଖିବାକୁ ମିଳି ନ ଥିଲା । କେବେ କେଉଁ ଦିନ ଦେହ ପା ଖରାପ ହେଲେ ମାସିକ ଦରମାକୁ କାଟି ଦିଆଯାଉଥିଲା । ସେ ଭାବିଥିବା କଥାଠାରୁ ତା ସହିତ ଅନ୍ୟ ପ୍ରକାରେ ଘଟଣା ଘଟି ଚାଲିଥିଲା ।

ସେ ପରିବେଶରେ କାହାର ଅନ୍ୟ ପ୍ରତି ଭଲ ପାଇବା ହେଉ କି ସହାନଭୂତି ଖୋଜିଲେ ମିଳିବା କଷ୍ଟକର ବ୍ୟାପାର ଥିଲା । ଗୋଟେ ମଣିଷ ହିସାବରେ ନିଜ ଅଧିକାର ହରାଇ ମୁକ ଭଳି ଚୁପ୍ ଚାପ୍ ରହିବାକୁ ପଡୁଥିଲା । କଷ୍ଟ ସହି ନ ପାରି ପାଟି ଖୋଲିଲେ ଅକଥନୀୟ ଅତ୍ୟାଚାର ଓ ନିର୍ଯାତନା ସହିବାକୁ ପଡୁଥିଲା । ସମ୍ବିଧାନ ପୃଷ୍ଠାରେ ଲେଖା ହୋଇଥିବା ମନୁଷ୍ୟର ମୌଳିକ ଅଧିକାର ତାହା କୌଣସି ଦୃଶ୍ୟର ସଂଳାପ ଭଳି ମିଛ ଭଳି ତା ମନକୁ କେଜାଣି କାହିଁକି ଲାଗୁଥିଲା । ବାହାରୁ ଆସୁଥିବା ଦାଦନ ଲୋକମାନଙ୍କୁ କେବଳ ପଇସା ନେଇ କାମ କରୁଥିବା ତୁଚ୍ଛ ଦୁର୍ବଳ ଶ୍ରେଣୀ ଭଳି ବ୍ୟବହାର ମିଳୁଥିଲା ।

ସେ ଦିନେ ଟିକେ ସଅଳ କାମ ସାରି ବସା ଘରକୁ ଫେରି ଆସିଲା ପରେ ମନରେ ଟିକେ ଶାନ୍ତି ପାଇବା ପାଇଁ ଘର ଛାତ ଉପରକୁ ବୁଲାବୁଲି କରିବା ପାଇଁ ଚାଲି ଯାଇଥିଲା । ଚାରିଆଡ଼େ ଖାଲି କଳ କାରଖାନା ମାନଙ୍କ ଘୋ ଘା ଶବ୍ଦର ବାତାବରଣ ଭିତରେ କେବଳ ଟଙ୍କା ରୋଜଗାର କରିବାର ବ୍ୟସ୍ତତା ପରିଲକ୍ଷିତ ହୋଇଥିବାର ଅନୁମାନ କରିଥିଲା। ସେ ଦୂର ଆକାଶକୁ ଚାହିଁଲା ବେଳକୁ ହାଲକା ପବନ ବହି ଯାଇ ଦେହ ମନକୁ ତାର ଥଣ୍ଡା କରି ପକାଉଥିଲା । ସେତେବେଳକୁ ସନ୍ଧ୍ୟା ହେବାରୁ ପଶ୍ଚିମ ଦିଗରେ ସୂର୍ଯ୍ୟ ଦେବତା ଅସ୍ତ ହେବାକୁ ପ୍ରସ୍ତୁତ ହେଉଥିଲେ । କିଛି ସମୟପରେ ଅନ୍ୟ ସାଙ୍ଗମାନେ ବସା ଘରକୁ ଫେରିବାରୁ ରାତିରେ ରୋଷେଇ କରି ଖାଇପିଇ ଯେଝା ଜାଗାରେ ଶୋଇ ପଡିଲେ । ସମସ୍ତେ ରାତିରେ ଶୋଇଗଲା ପରେ ବି କେଜାଣି କାହିଁକି ତା ଆଖିରେ ନିଦ ନ ଥିଲା । ମନରେ ନିଜ ଘର ପରିବାର କଥା ଢେର୍ ସମୟ ଯାଏ ଭାବି କେତେବେଳେ ତା ଆଖିକୁ ନିଦ ହୋଇ ଯାଇଥିଲା । ଅଧ ରାତିରେ ଶୋଇଥିଲା ବେଳେ ସେ ସ୍ୱପ୍ନରେ ତାର ମାଆ ଯେପରି କଷ୍ଟରେ ଥାଇ ତାକୁ ହାତ ଠାରି ଡାକୁଥିଲା ବୋଲି ଦେଖିଥିଲା । ଆଗଭଳି ମୁହଁରେ ତାର ଚମକ କୁଆଡେ ଚାଲି ଯାଇ ଫିକା ଲାଗୁଥିଲା । ସବୁବେଳେ ହସିଲା ମୁହଁଟା ଶୁଖି ଝାଉଁଳି ପଡ଼ିଥିଲା ପରି ଲାଗୁଥିଲା । ରାତି ପାହି ସକାଳ ହେବାରୁ ଘରଠାରୁ ଦୂରରେ ଥିବାରୁ ମାଆର କଥା ଭାବି ଆଉ କାଳ ବିଳମ୍ବ ନ କରି ପାଖରେ ରୋଜଗାର ରଖିଥିବା ଟଙ୍କାକୁ ଧରି ତତ୍କାଳ ଟିକଟ କରି ଟ୍ରେନ୍‌ରେ ବସିପଡ଼ିଲା । ସେତେବେଳେ ମନରେ ତାର ଉନ୍ମାଦନାର ଢେଉ ଖେଳୁଥିଲା ନିଜ ଆତ୍ମୀୟ ପ୍ରୀୟ ପରିଜନ ମାନଙ୍କୁ ଯେତେ ଶୀଘ୍ର ସମ୍ଭବ ହେବ ଦେଖି ପାରନ୍ତା ବୋଲି ଭଗବାନଙ୍କୁ ପ୍ରାର୍ଥନା କରୁଥିଲା । ଦୁଇଦିନ ପରେ ନିଜ ଗାଁ ପାଖ ଷ୍ଟେସନରେ ପହଞ୍ଚି ତଳକୁ ଆସି ଖୁସିରେ ପାଗଳ ପରି ଘୁରି ବୁଲି ଏକା ମୁହାଁ ହୋଇ ନିତିଦିନିଆ ରାସ୍ତାରେ ବଢ଼ି ଚାଲୁଥିବା ବେଳେ ତାକୁ ଯେପରି ପ୍ରକୃତି କୋଳରେ ବଢ଼ିଥିବା ବୃକ୍ଷଲତା ମାନଙ୍କରେ ରଙ୍ଗ ବେରଙ୍ଗ ଫୁଲ ଗୁଡାକ ଝାଉଁଳି ପଡ଼ିଥିଲା । ଆକାଶରେ ଉଡି ଯାଉଥିବା ପକ୍ଷୀଗୁଡାକ କୋଳାହଳ କରି ଚାରିଆଡକୁ ଉଚ୍ଛନ୍ନ କରି ପକାଉଥିଲେ । ଦୂରରେ ବହି ଯାଉଥିବା ଅଳସି ନଈର ପାଣି ଯେପରି ସ୍ଥିର ପାଲଟି ଯାଇଥିଲା । ବିଲ ବାଡ଼ିରେ ବନ୍ଧା ହୋଇଥିବା ଗାଈ ଗୋରୁ ହମ୍ବା ରଡ଼ି କରି ତାକୁ ଚାହିଁ ରହିଥିଲେ । ଏତେ ଦିନ ପରେ ଗାଁ କୁ ଫେରି ଥିବାରୁ ସବୁଆଡେ ଦେଖିବା ଭିତରେ କେତେବେଳେ ଘରେ ଆସି ପହଞ୍ଚି ଯାଇଥିଲା ମୋଟେ ଜାଣି ପାରି ନ ଥିଲା।

ସେ ଘର ନିକଟରେ ପହଞ୍ଚିଲା ବେଳକୁ ଦାଣ୍ଡ ଅଗଣାରେ ପାଳ ଦଉଡ଼ି ବନ୍ଧା ଯାଉଥିବାର ଦେଖି ଚମକି ପଡିଲା । ଗାଁ ସାହି ପଡିଶା ଲୋକମାନେ ରୁଣ୍ଡ ହୋଇ ନିଜ ଭିତରେ କଥାବାର୍ତ୍ତା ହେଉଥିଲେ । ଅଚାନକ ଏପରି ଘଟଣା ବିଷୟରେ ଅବଗତ ନ ଥିବାରୁ ଛାତିରେ ଛନକା ପଶିଗଲା ପରେ ଘର ଭିତରକୁ ବିଜୁଳି ବେଗରେ ଧାଇଁ ଯାଇଥିଲା । ମାଆ ତାର ସବୁଦିନ ପାଇଁ ଦୁନିଆ ଛାଡି ଆରପାରିକୁ ଚାଲି ଯାଇଥିଲା । ବାଟରେ ଆସିଲା ବେଳେ ପ୍ରକୃତି ପରିବେଶ ତାର ମାଆର ମଲା ଖବର ଦେବା ପାଇଁ ଏପରି ବଦଳି ଯିବାର କାରଣକୁ ସେ ମୋଟେ ଜାଣି ପାରି ନ ଥିଲା । ଦଶ ମାସ ଦଶ ଦିନ ଗର୍ଭରେ ଧାରଣ କରି ପିଲାଟି ଦିନରୁ ପାଳି ପୋଷି ବଡ଼ ମଣିଷ କରିଥିବା ସ୍ନେହମୟୀ କରୁଣା ପ୍ରଦାନ କରି ଅଳି ଅଝଟ ସହୁଥିବା ସର୍ବଦା ସମାଜରେ ଉଚ୍ଚ ସ୍ଥାନ ଅଧିକାର କରିଥିବା ମାଆକୁ ଶେଷ ସମୟରେ ଉପସ୍ଥିତ ହେବାରୁ ବଞ୍ଚିତ ହୋଇଥିଲା । ଜୀବନରେ କେବେ ଆଉ ମାଆର ପଦେ ମିଠା କଥା ଶୁଣିବା ସାତ ସ୍ୱପ୍ନ ପାଲଟି ଯାଇଥିଲା। ପରିବାର ଦୁଃଖ କଷ୍ଟ ଯନ୍ତ୍ରଣା ଭିତରେ ଥାଇ ପାଖରେ ମାଆଟିଏ ଥିଲେ ମଧ ତାରି ମୁହଁକୁ ଦେଖି ଦେଲେ ମନରୁ ଆପେ ଆପେ ସବୁ ଭାବନା ଚାଲି ଯାଏ । ସେ ମାଆର ମଲା ମୁହଁକୁ ଚାହିଁ ତାକୁ ଆଉ ଥରେ ଶେଷ ଥର ପାଇଁ ଆଖି ଖୋଲି ଦେଖି ଦେଲେ ମନରେ ବାକିଥିବା ଅବଶୋଷ ଚାଲି ଯିବ ବୋଲି କଇଁ କଇଁ ହୋଇ କାନ୍ଦି କରି କହୁଥିଲା।

+ଅଣ୍ଟିଆ, ଜେନାପୁର, ଯାଜପୁର
ପିନ୍ - ୭୫୫୦୨୩
ମୋ: ୯୧୭୮୩୧୩୬୪୪

# ଏକମ୍ରା ଉଚ୍ଚ ବିଦ୍ୟାଳୟରେ ବିଶ୍ୱ ପ୍ରାଥମିକ ଚିକିତ୍ସା ଦିବସ ପାଳିତ

ଜୟପୁର, ୧୫/୦୯ (ନି.ପ୍ର): ଶନିବାର ଦିନ ଏକମ୍ରା ଉଚ୍ଚ ବିଦ୍ୟାଳୟରେ ଜୁନିୟର ରେଡ କ୍ରସ ଶାଖା ତରଫରୁ ବିଶ୍ୱ ପ୍ରାଥମିକ ଚିକିତ୍ସା ଦିବସ ଓ ସ୍ୱଚ୍ଛତା ପକ୍ଷ ପାଳିତ ହୋଇଥିଲା । ଉକ୍ତ ଦିବସରେ ଜୁନିୟର ରେଡ କ୍ରସ ପରାମର୍ଶଦାତା ଶ୍ରୀଯୁକ୍ତ ମନୋଜ କୁମାର ମିଶ୍ର ସଭା ପରିଚାଳନା ସହିତ ବେଦପାଠ ଓ ସ୍ୱାଗତ ଭାଷଣ କରିଥିଲେ ।ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଡ. ଜ୍ୟୋସ୍ନା ମିଶ୍ର ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବରେ ପ୍ରାକ୍ତନ ଜିଲ୍ଲା ଜୁନିଅର ରେଡ କ୍ରସ ଅଧିକାରୀ ତଥା ପ୍ରାଥମିକ ଚିକିତ୍ସକ ଶ୍ରୀଯୁକ୍ତ ଯଜ୍ଞେଶ୍ୱର ପଣ୍ଡା ଯୋଗଦେଇ ଉକ୍ତ ଦିବସର ମହତ୍ୱ ବିଷୟରେ ପୁଙ୍ଖାନୁପୁଙ୍ଖ ଭାବରେ ବୁଝାଇଥିଲେ । କେଉଁ ପରିସ୍ଥିତିରେ ଓ କାହାକୁ ଓ କେମିତି ଆମେ ପ୍ରାଥମିକ ଚିକିତ୍ସା ଦେଇପାରିବା ସେ ବିଷୟରେ ଉଦାହରଣ ମାଧ୍ୟମରେ ପ୍ରୟୋଗ କରି ଦେଖାଇଥିଲେ । ସ୍ୱଚ୍ଛତା ଉପରେ ଏକମ୍ରା ଗ୍ରାମରେ ଏକ ସଚେତନତା ରାଲି ଏବଂ ଅତିଥିଙ୍କ ଦ୍ୱାରା ବୃକ୍ଷରୋପଣ କାର୍ଯ୍ୟକ୍ରମ କରାଯାଇଥିଲା । ଉକ୍ତ କାର୍ଯ୍ୟକ୍ରମରେ ବିଦ୍ୟାଳୟର ଜୁନିୟରମାନେ ବିଶେଷ ଭାବରେ ସହଯୋଗ କରିଥିଲେ ଏବଂ ବରିଷ୍ଠ ଶିକ୍ଷକ ଓ ଶିକ୍ଷୟିତ୍ରୀ ବି. ନଳୀନ କୁମାର, ପ୍ରସନ୍ନ କୁମାର ପାଣିଗ୍ରାହୀ, ଉମାରାଣୀ ସାହୁ, ରାଜଲକ୍ଷ୍ମୀ ପ୍ରିୟା ସାମନ୍ତରାୟ, ବୃନ୍ଦାବତୀ ଖରା, ଶୁଭଙ୍କର ଦାଶ,କନିଷ୍ଠ ସହାୟକ ଶ୍ରୀଯୁକ୍ତ ବାଳଗୋପାଳ ମିଶ୍ର, ଅନ୍ୟ କର୍ମଚାରୀ ଏବଂ ଛାତ୍ରଛାତ୍ରୀମାନେ ଉପସ୍ଥିତ ରହି ସହଯୋଗ କରିଥିଲେ ।ପରିଶେଷରେ ଶ୍ରୀଯୁକ୍ତ ମନୋଜ କୁମାର ମିଶ୍ର ଧନ୍ୟବାଦ ଅର୍ପଣ କରି ସଭା ସାଙ୍ଗ ହୋଇଥିଲା ।


# 'ମାସ୍'ର ଗାନ୍ଧୀ ଜୟନ୍ତୀ ସପ୍ତାହ ପାଳନ ପାଇଁ ପ୍ରସ୍ତୁତି ବୈଠକ

## ସଂଗଠନର ୨ଟି ଶାଖାର ସଂଯୋଜକ ମନୋନୀତ




ବାଲେଶ୍ୱର, ୧୬/୦୯ (ନି.ପ୍ର): ସାମାଜିକ ସଂଗଠନ ମାନବ ଅଧିକାର ସୁରକ୍ଷା ସଂସଦ(ମାସ୍) ପକ୍ଷରୁ ଆସନ୍ତା ଅକ୍ଟୋବର ୨ ଓ ୩ ତାରିଖ ଦୁଇଦିନ ଧରି ଗାନ୍ଧୀ ଜୟନ୍ତୀ ସପ୍ତାହ ପାଳନ କରାଯିବା ସିଦ୍ଧାନ୍ତ ଗ୍ରହଣ କରାଯାଇଛି । ଆଜିମାବାଦସ୍ଥିତ 'ବହିଘର-ବିଦ୍ୟାଭାରତୀ' ସଭାଗୃହରେ ୧୫ ତାରିଖ ଅପରାହ୍ନରେ ଅନୁଷ୍ଠିତ ପ୍ରସ୍ତୁତି ବୈଠକରେ ସଂଗଠନର ସଦସ୍ୟମାନଙ୍କ ସହମତିରେ ଗାନ୍ଧୀଜୟନ୍ତୀକୁ ଅଧିକ ମର୍ଯ୍ୟାଦା ଦେବା ସହିତ ଅଧିକ ଗୋଟିଏ ଦିନ ପାଳନ କରିବା ଲାଗି ସ୍ଥିର କରାଯାଇଛି । ଏହା ଛଡ଼ା ଚଳିତ ବର୍ଷଠାରୁ ଗାନ୍ଧୀଙ୍କ ଜୀବନ ଓ ଆଦର୍ଶକୁ ଯୁବବର୍ଗ, ଛାତ୍ରଛାତ୍ରୀ ତଥା ଅଧିକରୁ ଅଧିକ ସଂଖ୍ୟକ ଲୋକଙ୍କ ପାଖରେ ପହଞ୍ଚାଇବା ଲାଗି ୨ ତାରିଖ ସମେତ ୮ ତାରିଖ ଭିତରେ ଅଧିକ ଯେ କୌଣସି ଗୋଟିଏ ଦିନ ପାଳନ କରିବା ଲାଗି ଜନସାଧାରଣଙ୍କୁ ଅନୁରୋଧ କରାଯାଇଛି । ବାଲେଶ୍ୱର ସହରର ଯେଉଁ ସ୍ଥାନମାନଙ୍କରେ ଗାନ୍ଧୀମୂର୍ତ୍ତି ଅବସ୍ଥାପିତ ସେଠାରେ ମାଲ୍ୟାର୍ପଣ କରାଯିବା, ବିଦ୍ୟାର୍ଥୀମାନଙ୍କ ମଧ୍ୟରେ ଗାନ୍ଧୀଙ୍କ ସଂପର୍କରେ ପ୍ରବନ୍ଧ, ସାଧାରଣଜ୍ଞାନ, ଚିତ୍ରାଙ୍କନ, ଗାନ୍ଧୀଙ୍କ ପ୍ରିୟ ଭଜନ ଗାୟନ ଆଦି ବିଭିନ୍ନ ପ୍ରତିଯୋଗିତାର ଆୟୋଜନ କରାଯିବା, ଜନସାଧାରଣଙ୍କ ମଧ୍ୟରେ ଚାରା ବଣ୍ଟନ , ଗାନ୍ଧୀଙ୍କ ସଂପର୍କରେ ସେମିନାର ଏବଂ ସାର୍ବଜନୀନ ସ୍ଥାନରେ ସଭା ଆୟୋଜନ କରିବା ଲାଗି ବୈଠକରେ ସ୍ଥିରୀକୃତ ହୋଇଛି । 'ମାସ୍'ର ସଭାପତି ଅଭୟ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ସାଧାରଣ ସଂପାଦକ ଦେବାଶିଷ ପଣ୍ଡା ପ୍ରାଥମିକ ସୂଚନା ଦେଇଥିବା ବେଳେ କୋଷାଧ୍ୟକ୍ଷ ଦିଲ୍ଲୀପ ଦାସ, ପ୍ରଣିତା ମିଶ୍ର, ପୂର୍ଣ୍ଣଚନ୍ଦ୍ର ପଣ୍ଡା, ଯାଦବେଶ ମିଶ୍ର, ମଦନ ମୋହନ ପୁହାଣ, ଜ୍ଞାନାନନ୍ଦ ମିଶ୍ର, 'ମହାକାଳ' ଚଳଚ୍ଚିତ୍ରର ନାୟକ ଓ ନିର୍ଦ୍ଦେଶକ ଦେବବ୍ରତ ପ୍ରଧାନ, ବାଦଲ୍ ପାତ୍ର, ବିପ୍ଳବ ଦାସ ମହାପାତ୍ର, ଚିତ୍ତରଞ୍ଜନ ଦାସ, ମଞ୍ଜୁଲତା ବଳ, ଦେବାଶିଷ ସିଂହ, ପ୍ରତିମା ପଣ୍ଡା ଏବଂ ରବୀନ୍ଦ୍ର କୁମାର ଦାଶ ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ । ଏହି ଅବସରରେ ସଭାପତି ଶ୍ରୀଯୁକ୍ତ ଦାସ ସଂଗଠନର ୨ଟି ଶାଖାର ସଂଯୋଜକଙ୍କ ନାମ ଘୋଷଣା କରିଥିଲେ । 'ଗାନ୍ଧୀବାଦୀ ଓ ସର୍ବୋଦୟ ବିଚାର ପ୍ରସାର ଅଭିଯାନ'ର ସଂଯୋଜିକା ଭାବରେ ପ୍ରତିମା ପଣ୍ଡା ଏବଂ 'ପରିବେଶ ସୁରକ୍ଷା ଅଭିଯାନ'ର ସଂଯୋଜକ ଭାବରେ ପୂର୍ଣ୍ଣଚନ୍ଦ୍ର ପଣ୍ଡାଙ୍କ ନାମ ଘୋଷଣା କରିଥିଲେ ।

# ଚିତ୍ତରଞ୍ଜନ ବରାଳଙ୍କ ବିବର୍ଣ୍ଣ ପୃଥିବୀ ଉନ୍ମୋଚିତ




ଭଦ୍ରକ, ୧୬/୦୯ (ନି.ପ୍ର): ନୂଆ ପୋଷାକର ଆକର୍ଷଣ ପରି ଫୁଲର ମହକ ପରି ନୂଆ ବହିଟିର ପୁଲକ ପାଠକକୁ ଶିହରିତ କରେ। କବିତା କବିଠୁ ଉର୍ଦ୍ଧ୍ୱରେ ଏବଂ ତାହାହିଁ କବିତାର ଅହମିକା ବୋଲି ଆଖଣ୍ଡଳମଣୀ ଛକସ୍ଥିତ ପ୍ରେମନଗର ପରିସରରେ ଆୟୋଜିତ ସାରସ୍ୱତ ବନ୍ଧୁ ମିଳନର ପୁସ୍ତକ ଉନ୍ମୋଚନ ପର୍ବରେ ମତ ପ୍ରକାଶ ପାଇଛି। 'ପ୍ରେମ ପୃଥିବୀ' ଆୟୋଜିତ ଅଧିବକ୍ତା ଚିତରଞ୍ଜନ ବରାଳଙ୍କ କବିତା ପୁସ୍ତକ 'ବିବର୍ଣ୍ଣ ପୃଥିବୀ' ଲୋକାର୍ପଣ ସଭାରେ କଥାକାର ପବିତ୍ର ପାଣିଗ୍ରାହୀ ସଭାପତିତ୍ୱ କରିଥିଲେ ଏବଂ ବରେଣ୍ୟ ଅତିଥି ଭାବେ କବି ଅବନୀ ପ୍ରଧାନ, ଡ. ବଳରାମ ମିଶ୍ର ଓ ଡ. କ୍ଷୀରୋଦ ସାମଲ ଯୋଗ ଦେଇଥିଲେ। କବି କିଶୋର ପାଣିଗ୍ରାହୀ ପୁସ୍ତକର ସମୀକ୍ଷା କରିଥିଲେ। କୈଳାଶ ଚନ୍ଦ୍ର ପଣ୍ଡା ସ୍ୱାଗତ ଭାଷଣ, ଶାନ୍ତନୁ କୁମାର ରାଉତ ଅତିଥିଙ୍କ ପରିଚୟ ପ୍ରଦାନ ଓ ବିଜୟ ବହଳୀ ବେଦପାଠ କରିଥିଲେ। ପ୍ରାରମ୍ଭରେ ଶିଶୁ ସାହିତ୍ୟିକ ଗୋବିନ୍ଦ ପ୍ରସାଦ ଭଟ୍ଟାଚାର୍ଯ୍ୟଙ୍କ ପାଇଁ ନିରବ ପ୍ରାର୍ଥନା କରାଯାଇଥିଲା। ଲେଖକ ଶ୍ରୀ ବରାଳ ଲେଖନୀୟ ବକ୍ତବ୍ୟ ରଖିଥିଲା ବେଳେ ଡ. ମନୀନ୍ଦ୍ର କୁମାର ମହାନ୍ତି, ଗୌରାଙ୍ଗ ବାରିକ ଓ ଅଶୋକ ନାୟକ ପ୍ରମୁଖ ଲେଖକଙ୍କୁ ଶବ୍ଦ-ଶୁଭେଚ୍ଛା ଜଣାଇଥିଲେ। କାଳନ୍ଦୀ ସାମଲ ଅତିଥିଙ୍କୁ ମଂଚ ଆମନ୍ତ୍ରଣ ଓ ମୋହିନୀ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ବର୍ଷ ୨୦୨୪ର ତୃତୀୟ ରାଷ୍ଟ୍ରୀୟ ଲୋକ ଅଦାଲତରେ ୫୧୬୫ ମାମଲାର ଫଇସଲା

ଜୟପୁର, ୧୫/୦୯ (ନି.ପ୍ର): ଆଜି ଜାତୀୟ ଆଇନ ସେବା ପ୍ରାଧିକରଣ ଓ ରାଜ୍ୟ ଆଇନ ସେବା ପ୍ରାଧିକରଣ ନିର୍ଦ୍ଦେଶ କ୍ରମେ କୋରାପୁଟ ଜିଲ୍ଲା ଦୌରାଜଜ ତଥା ଜିଲ୍ଲା ଆଇନ ସେବା ପ୍ରାଧିକରଣର ଭିଜିଲାନ୍ସ ଜଜ୍ ତଥା ଭାରପ୍ରାପ୍ତ ଅଧକ୍ଷ ରାଜେଶ ଏକ୍କାଙ୍କ ତତ୍ୱାବଧାନରେ ଜାତୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଅଛି । ଉକ୍ତ ଅଦାଲତରେ ପରିବାର ଅଦାଲତ ଜଜ ଧନେସ୍ୱର ମଲ୍ଲିକ, ଅତିରିକ୍ତ ଜିଲ୍ଲା ଜଜ ବିଦ୍ୟାଧର ପୃଷ୍ଟି , ବରିଷ୍ଠ ଦେବାନି ବିଚାରପତି ସ୍ୱୟଂ ପ୍ରକାଶ ଦାସ, ମହିଳା ଅଦାଲତ ବିଚାରପତି ଶ୍ରୀମତୀ ଆଳକାନନ୍ଦ ମହାନ୍ତି, ସଚିବ ତଥା ସ୍ଥାୟୀ ଓ ନିରନ୍ତର ଲୋକ ଅଦାଲତ ବିଚାରପତି ଶ୍ରୀ ସୁମନ ଜେନା, ରେଜିଷ୍ଟ୍ରାର ବିଷ୍ଣ ପ୍ରସାଦ ଦେବତା, ଉପଖଣ୍ଡ ବିଚାର ବିଭାଗୀୟ ଦଣ୍ଡାଧିକରି ସନ୍ତୋଷ କୁମାର ବାରିକ, ପ୍ରଥମ ଶ୍ରେଣୀ ବିଚାରବିଭାଗ ଦଣ୍ଡାଧିକରି ଅନିମେଷ ଜେନା ପ୍ରମୁଖ ଜୟପୁର ମୁଖ୍ୟାଳୟର ବିଭିନ୍ନ ବେଂଚ ରେ ଉପସ୍ଥିତ ରହି ପୃଥକ ପୃଥକ ଭାବେ କୋର୍ଟ କରି ମୋକଦ୍ଦମା ଫୈଇସଲା କରିଥିଲେ । ଏଥିରେ ଜୟପୁର ଜିଲ୍ଲା ଓକିଲ ସଂଘର ଆଇନଜୀବି ଶ୍ରୀ ଶଶାନନ୍ଦ ମିଶ୍ର, ଶ୍ରୀ ଲାଲମହୋନ ମିଶ୍ର, ଶ୍ରୀ ପି.ବ୍ରହ୍ମାନନ୍ଦମ, ସୁଶ୍ରୀ ଏସ.ମନଜମାଳା ଦିନବନ୍ଧୁ, ସୁଭେନ୍ଦୁ ମିଶ୍ର, ଶ୍ରୀମତୀ ସସ୍ମିତା ଦଣ୍ଡସେନା, ଶ୍ରୀଚନ୍ଦନ ନାୟକ, ଅଜିତ ପ୍ରସାଦ ମଣ୍ଡଳ, ଶ୍ରୀମତା ନଳିନୀ ଖେମୁଣ୍ଡି ଇତ୍ୟାଦି ମୋକଦ୍ଦମା ଫୈଇସଲା କରିବାରେ ସହଯୋଗ କରିଥିଲେ। ସେହିପରି କୋରାପୁଟ, କୋଟପାଡ, ଲକ୍ଷ୍ମୀପୁର, ସେମିଳିଗୁଡା, ବୋରିଗୁମ୍ମା, ଦଶମନ୍ତପୁର ଓ ଲମତାପୁଟରେ ରହିଥିବା କୋର୍ଟ ପରିସରରେ ମଧ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଥିଲା। ତତ ସଙ୍ଗେ ସଙ୍ଗେ କୋରାପୁଟ ଓ ଜୟପୁର ଉପ ଜିଲ୍ଲା ପାଳ ଓ ଜିଲ୍ଲାର ସମସ୍ତ ତହସିଲଦାର, ଆଂଚଳିକ ପରିବହନ କାର୍ଯ୍ୟଳୟ ମାନଙ୍କ ଦ୍ୱାରା ମଧ ଏହି ରାଷ୍ଟ୍ରୀୟ ଲୋକ ଅଦାଲତରେ ରାଜସ୍ୱ ବିବାଦର ଫଇସଲା କରାଯାଇଥିଲା। ଏହି ରାଷ୍ଟ୍ରୀୟ ଲୋକଅଦାଲତରେ ୨୯ ଗୋଟି ମୋଟର ଦୁର୍ଘଟଣା ଜନିତ କ୍ଷତି ପୂରଣ ମାମଲାର ଫୈଇସଲା କରି ବୀମା କମ୍ପାନୀ ମାନଙ୍କୁ କ୍ଷତି ପୂରଣ ବାବଦରେ ଆଦେଶ ଦେଇ ବାଦି ମାନଙ୍କୁ ୨୪୬୩୪୦୦୦/- ଟଙ୍କା କ୍ଷତି ପୂରଣ ଦେବା ପାଇଁ ଧାର୍ଯ୍ୟ କରାଯାଇଥିଲା, ସେହିପରି ୧୩ ଗୋଟି ପାରିବାରିକ ଓ ବୈବାହିକ ବିବାଦର ଫଇସଲା କରାଯାଇ ୨୧୫୦୦୦/- ଟଙ୍କା ଧାର୍ଯ୍ୟ କରାଯାଇଥିଲା,। ୬ ଗୋଟି ସାଲିସ ଯୋଗ୍ୟ ଫୌଜଦାରୀ ମାମଲା , ୧୧ ଗୋଟି ଦେବାନୀ ମାମଲା ର ଫଇସଲା କରାଯାଇଥିଲା, ୧୧ ଗୋଟି ବ୍ୟାଙ୍କ ଋଣ ମାମଲାର ଫଇସଲା କରାଯାଇଥିଲା, ସେହିପରି ୩୯ ଗୋଟି ଘ.ଓ. ଇମସ୍ର ମାମଲା ର ଫଇସଲା କରାଯାଇ ୧୨୩୨୩୫୫୮/- ଟଙ୍କା ଧାର୍ଯ୍ୟ ହେଇଥିଲା, ସେହିପରି ୧୧୫ ଗୋଟି ଅନ୍ୟାନ୍ୟ ଫଉଜଦାରି ମାମଲାର ଫଇସଲା ହୋଇଥିଲା, ତତ ସଙ୍ଗେ ସଙ୍ଗେ କୋରାପୁଟ ଓ ଜୟପୁର ଉପ ଜିଲ୍ଲାପାଳ ଓ ଜିଲ୍ଲାର ସମସ୍ତ ତହସିଲଦାର ମାନଙ୍କ ଦ୍ୱାରା ମୋଟୋ ୪୭୨୨ ରାଜସ୍ୱ ବିବାଦର ଫଇସଲା କରାଯାଇ ୨୧୮୧୩୨/- ଟଙ୍କା ଅଦାୟ କରଯାଇଥିଲା। ଏତତ ବ୍ୟତୀତ ପ୍ରାକ୍ ମୋକଦମା ସ୍ତରରେ ବିଭିନ୍ନ ବ୍ୟାଙ୍କ ଦ୍ୱାରା ୮୫ଟି ବ୍ୟାଙ୍କ ଋଣ ମାମଲା କରାଯାଇ ୩୩୦୬୬୧୯/- ଧାର୍ଯ୍ୟ ହେଇଥିଲା, ୦୭ ଗୋଟି ଶ୍ରମ ବିବାଦ ମାମଲା ର ଫଇସଲା କରାଯାଇ ୨୧୩୭୧୦୯/- ଧାର୍ଯ୍ୟ ହୋଇଥିଲା, ୧୫ ଗୋଟି ଲୋକ ଉପଯୋଗୀ ସେବା ବିବାଦ ଓ ୧୧୨ ଗୋଟି ଅନ୍ୟାନ୍ୟ ଯେପରି ବି.ଏସ.ଏନ.ଏଲ, ବିଦ୍ୟୁତ୍ ବିଭାଗ, ପରିବହନ, ଜମିଜୁମା ,ବୈବାହିକ ବିବାଦର ଫଇସଲା କରାଯାଇ ୫୭୭୮୯୨୧/- ଟଙ୍କା ଧାର୍ଯ୍ୟ କରଯାଇଥିଲା ଏହିପରି ଭାବେ ତୃତୀୟ ରାଷ୍ଟ୍ରୀୟ ଲୋକ ଅଦାଲତରେ ମୋଟ ୫୧୬୫ ମାମଲାର ବିଚାର ହୋଇ ୪,୮୬,୧୩,୩୩୯/- ଟଙ୍କା ଧାର୍ଯ୍ୟ ହୋଇଥିଲା।

# ଯୁବକ ମୃତ, ହତ୍ୟା ଅଭିଯୋଗ ଆଣିଲେ ପରିବାର ଲୋକେ

ଜୟପୁର, ୧୫/୦୯ (ନି.ପ୍ର): ବୋରିଗୁମ୍ମା ଥାନା ଅନ୍ତର୍ଗତ ୨୬ନମ୍ବର ଜାତୀୟ ରାଜପଥ କମରା ନିକଟରେ ଗତକାଲି ବିଳମ୍ବିତ ରାତିରେ ଗୁରୁତର ଅବସ୍ଥାରେ ଜଣେ ଯୁବକଙ୍କୁ ଉଦ୍ଧାର କରି ବୋରିଗୁମ୍ମା ମେଡ଼ିକାଲରେ ଭର୍ତ୍ତି କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ଯୁବକଙ୍କ ମୃତ୍ୟୁ ଘଟିଥିଲା। ଯୁବକଙ୍କୁ ହତ୍ୟା କରାଯାଉଥିବା ନେଇ ବୋରିଗୁମ୍ମା ଥାନାରେ ଅଭିଯୋଗ କଲେ ମୃତ ଯବକଙ୍କ ପରିବାର ଲୋକେ। ଅଭିଯୋଗ ଆସିବା ପରେ ବୋରିଗୁମ୍ମା ପୋଲିସି ଘଟଣାର ତଦନ୍ତ ଆରମ୍ଭ କରିଛି। ମୃତ ଯୁବକ ଜଣକ ହେଲେ ନବରଙ୍ଗପୁର ଜିଲ୍ଲା ବିଜିରାଗୁଡା ଗ୍ରାମର ବିକାଶ ସିଂହ ଲାଲ। ସେ ଗତକାଲି ରାତି ୧୦ଟା ସମୟରେ ନିଜ ସାଙ୍ଗ ସଚିନ ଙ୍କ ସହ ଏକ ବାଇକ୍ ନଂ ଓଡ଼ି୨୪-୭୪୬୮ ଯୋଗେ ବୋରିଗୁମ୍ମା ବାହାରି ଥିଲେ। ରାତି ୧୨ଟା ବେଳକୁ କମରା ନିକଟରେ ସେ ଗୁରୁତର ଅବସ୍ଥାରେ ପଡିଥିବା ଜଣାପଡିଥିଲା। ତାଙ୍କ ସହ ଥିବା ସଚିନ ମଧ ଆହତ ହୋଇ ମେଡ଼ିକାଲରେ ପଡିଛନ୍ତି। ଘଟଣା ସମ୍ପର୍କରେ ସେ ବି କିଛି କହୁନାହାନ୍ତି। ବାଇକ୍ କୁ ବି କିଛି ଆଘାତ ହୋଇନି ଘଟଣାସ୍ଥଳରୁ ବାଇକ ବି ଗାଏବ ହୋଇଛି । ମୃତ ଯୁବକଙ୍କ ମୋବାଇଲରେ ରାତିରେ ଜଣେ ବ୍ୟକ୍ତିଙ୍କ ସହ କଥା ହୋଇ ପାଟି ତୁଣ୍ଡ ହୋଇଥିବାର ରେକାର୍ଡ ହୋଇଛି। ସେହି ଫୋନ କୁ ପୋଲିସକୁ ବି ଦିଆଯାଇଛି। ଏହା ଦୁର୍ଘଟଣା ନୁହେଁ ବରଂ ଏକ ହତ୍ୟାକାଣ୍ଡ ଏହାର ତଦନ୍ତ କରାଯାଉ ବୋଲି ଦାବି କରିଛନ୍ତି ପରିବାର ଲୋକେ। ସେପଟେ ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ହିଁ ସବୁ କିଛି ସ୍ୱଷ୍ଟ ହେବ ବୋଲି ବୋରିଗୁମ୍ମା ପୋଲିସ ପକ୍ଷରୁ କୁହାଯାଇଛି।

# ସୁଭଦ୍ରା ଯୋଜନାରେ ଗତକାଲି ସୁଦ୍ଧା ୧ ଲକ୍ଷ ୩ ହଜାର ୮୬ ପଞ୍ଜିକୃତ

ସୁବର୍ଣ୍ଣପୁର, ୧୫/୦୯ (ନି.ପ୍ର):ମହିଳା ସଶକ୍ତିକରଣ ନେଇ କାର୍ଯ୍ୟକାରୀ କରାଯାଉଥିବା ସରକାରଙ୍କ ପ୍ରମୁଖ ଯୋଜନା ସୁଭଦ୍ରା ପାଇଁ ପଞ୍ଜିକରଣ କାର୍ଯ୍ୟ ଆଗେଇ ଚାଲିଛି। ଜିଲ୍ଲାରେ ଫର୍ମ ବିତରଣରେ କୌଣସି ସମସ୍ୟା ନ ଥିବା ବେଳେ ପ୍ରାୟ ସମସ୍ତଙ୍କ ପାଖକୁ ଫର୍ମ ପହଂଚାଇ ଦିଆଯାଇପାରିଛି । ଜିଲ୍ଲା ପାଇଁ ଆବଶ୍ୟକ ଫର୍ମ ମୁଦ୍ରଣ ପରେ ବି ଅଧିକ ଫର୍ମ ମୁଦ୍ରଣ କରାଯାଇଛି। ସରକାରଙ୍କ ଦ୍ୱାରା ଜାରି ମାର୍ଗଦର୍ଶିକା ଅନୁଯାୟୀ ପଞ୍ଜିକରଣ କାର୍ଯ୍ୟକୁ ସରଳୀକରଣ କରାଯାଇଥିବାରୁ ଆଗ ଭଳି ପଞ୍ଜିକରଣ ଓ.ଟି.ପି. ଆଧାରିତ ଦିଆଯାଉନାହିଁ। ଇ-କେଓ୍ୱାଇସିକୁ ପ୍ରାଧାନ୍ୟ ଦିଆଯାଉନାହିଁ ଅଥବା ପଞ୍ଜିକରଣ ପାଇଁ କୌଣସି ଶେଷ ଧାର୍ଯ୍ୟ ତାରିଖ ନାହିଁ। ସେପ୍ଟେମ୍ବର ୧୭ ପୂର୍ବରୁ ଯେପରି ସର୍ବାଧିକ ସଂଖ୍ୟାରେ ମହିଳା ପଞ୍ଜିକୃତ ହୋଇପାରିବେ ସେଥିପାଇଁ ଜିଲ୍ଲାପ୍ରଶାସନ ଦ୍ୱାରା ସବୁ ପ୍ରକାର ପରିଚାଳନା ବ୍ୟବସ୍ଥା ଉପରେ ତୀକ୍ଷ୍ଣ ଦୃଷ୍ଟି ରଖାଯାଉଛି। ସୁବର୍ଣ୍ଣପୁର ଜିଲ୍ଲାର ୨ ଲକ୍ଷ ୫୦ ହଜାର ପାଖାପାଖି ଯୋଗ୍ୟ ମହିଳା ଏହି ଯୋଜନାରେ ଯୋଡ଼ି ହେବା ନେଇ ପ୍ରଶାସନ ତରଫରୁ ଆକଳନ କରାଯାଇଛି। ବର୍ତ୍ତମାନ ସୁଦ୍ଧା ୧ ଲକ୍ଷ ୩ ହଜାର ୮୬ ଅନଲାଇନ ଆବେଦନ ହୋଇ ସାରିଥିବା ପ୍ରଶାସନ ତରଫରୁ ସୂଚନା ପ୍ରଦାନ କରାଯାଇଛି । ବର୍ତମାନ ସୁଦ୍ଧା ୧ ଲକ୍ଷ ୩ ହଜାର ମହିଳା ପଞ୍ଜିକୃତ ହୋଇସାରିଥିବା ଏବଂ ଆବେଦନ ପ୍ରକ୍ରିୟା ପୂର୍ବାପେକ୍ଷା ସରଳୀକରଣ ହୋଇଥିବା ତଥା ସୁଭଦ୍ରା ଯୋଜନା ଉଦଘାଟନ ଆଉ ୩ ଦିନ ବାକିଥିବାରୁ ସର୍ବାଧିବକ ସଂଖ୍ୟକ ପଞ୍ଜିକରଣ ହୋଇପାରିବ। ଜିଲ୍ଲାରେ ୩୦୪ଜନ ସେବା କେନ୍ଦ୍ର ଓ ୧୭୨ ମୋ ସେବା କେନ୍ଦ୍ର ଜରିଆରେ ପଞ୍ଜିକରଣ କାର୍ଯ୍ୟ ଚାଲୁ ରହିଛି। ଏହି ପଞ୍ଜିକରଣ କାର୍ଯ୍ୟ ପାଇଁ କୌଣସି ସିଏସସି ଅଥବା ମୋ ସେବା କେନ୍ଦ୍ର ପରିଚାଳକ ଅର୍ଥ ଦାବି କରୁଥିବା ପ୍ରମାଣ ମିଳିଲେ କେନ୍ଦ୍ର ବିରୁଦ୍ଧରେ ଆଇନାନୁମୋଦିତ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ଓ ଏହି ଆବେଦନ ପ୍ରକ୍ରିୟା କାର୍ଯ୍ୟର ବ୍ୟବସ୍ଥିତ ସୁପରିଚାଳନା ନିମନ୍ତେ ଜିଲ୍ଲାର ସମସ୍ତ କେନ୍ଦ୍ରକୁ ସମ୍ପୃକ୍ତ ନୋଡାଲ ଅଧିକାରୀ ଓ ବରିଷ୍ଠ ଅଧିକାରୀ ବୃନ୍ଦ ପରିଦର୍ଶନ କରି କାର୍ଯ୍ୟର ତଦାରଖ କରିବା ସହ ଉପସ୍ଥିତ ହିତାଧିକାରୀଙ୍କ ସହ ଆଲୋଚନା କରୁଛନ୍ତି। ଯୋଜନାର ଶୁଭାରମ୍ଭ ସେପ୍ଟେମ୍ବର ୧୭ ରେ ହେବାକୁ ଥିବା ବେଳେ ପ୍ରଥମ କିସ୍ତିରେ ୫ ହଜାର ଟଙ୍କା ପ୍ରଦାନ କରାଯିବ।

# ରୋଗ ନିଦାନ କ୍ଷେତ୍ରରେ କୃତ୍ରିମ ବୁଦ୍ଧିମତାର ଗୁରୁତ୍ୱ ଓ ପ୍ରଭାବ ଶୀର୍ଷକ ରାଜ୍ୟସ୍ତରୀୟ ଆଲୋଚନାଚକ୍ର ଅନୁଷ୍ଠିତ

ପୁରୀ, ୧୫/୦୯ (ନି.ପ୍ର): ଆଇ.ଏମ.ଟି. ଫାର୍ମାସୀ କଲେଜ, ପୁରୀ ର ମେଡିକାଲ ଲାବୋରେଟୋରୀ ଟେକ୍ନୋଲୋଜି ବିଭାଗ ଆନୁକୁଲ୍ୟରେ ଷଷ୍ଠ ରାଜ୍ୟ ସ୍ତରୀୟ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି । କଲେଜ ପ୍ରେକ୍ଷାଳୟରେ ଆୟୋଜିତ ଏହି ଆଲୋଚନା ଚକ୍ରକୁ ବିଭାଗ ଅଧକ୍ଷ ପ୍ରଫେସର ବିଭୁତି ଭୂଷଣ ଦାଶ ଉଦ୍ଘାଟନ କରିଥିଲେ । ରାଜ୍ୟ ସରକାରଙ୍କ ଆଲାଏଡ ମେଡିକାଲ ସାଇନ୍ସର ସଚିବ ଡା. ସୁଚିସ୍ମିତା ପଣ୍ଡା ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ କୃତ୍ରିମ ବୁଦ୍ଧିମତାର ପ୍ରୟୋଗ ରୋଗ ନିଦାନ ଓ ଚିକିତ୍ସା କ୍ଷେତ୍ର ରେ ଯୁଗାନ୍ତକରି ପରିବର୍ତନ ଆଣିବ ବୋଲି କହିଥିଲେ । ଅନୁଷ୍ଠାନର ଫର୍ମାସୀ ବିଭାଗର ଅଧକ୍ଷ ଡ଼. ଅଗ୍ନିମିତ୍ର ଦିଣ୍ଡା ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ବୈଜ୍ଞାନିକ ସତ୍ରରେ, ଶ୍ରୀ ଜଗନ୍ନାଥ ମେଡିକାଲ କଲେଜ ଓ ହସ୍ପିଟାଲର ସହକାରୀ ଅଧ୍ୟାପକ ଡା. ସଞ୍ଜୟ ପାଣିଗ୍ରାହୀ, ସହକାରୀ ଅଧ୍ୟାପକ ଡ଼ା. ନିଗମାନନ୍ଦ ତ୍ରିପାଠୀ ଓ ହାଇଦ୍ରାବାଦ ସ୍ଥିତ ପରୀକ୍ଷା ବାୟୋଟେକର ଶ୍ରୀ ଅନିଲ କୁମାର ଆଦି ନିଜ ଉପସ୍ଥାପନା ମାଧ୍ୟମରେ ରୋଗ ନିଦାନରେ କୃତ୍ରିମ ବୁଦ୍ଧିମତାର ଆବଶ୍ୟକତା, ପ୍ରୟୋଗ, ଏହାର ବର୍ତମାନ ଓ ଭବିଷ୍ୟତ ତଥା ସମାଜିକ, ଅର୍ଥନୈତିକ ଓ ନିଯୁକ୍ତି କ୍ଷେତ୍ରରେ ସାମୟିକ ଓ ଦୂରଗାମୀ ପ୍ରଭାବ ସମ୍ପର୍କରେ ଆଲୋକପାତ କରିଥିଲେ। ଅନୁଷ୍ଠାନର ନିର୍ଦ୍ଦେଶକ ମନୋଜ ରଥ , ଡ଼। ଅନ୍ନଦା ପ୍ରସାଦ ମହାପାତ୍ର , ଶ୍ରୀମତୀ ଦେବସ୍ମିତା ରଥ , ଡା ମନୋରଞ୍ଜନ ମହାନ୍ତି , ଡ଼ା ପ୍ରଭାତ ନନ୍ଦ ପ୍ରମୁଖ ମଂଚାସୀନ ଥିଲେ । ଧନ୍ୟବାଦ ଅର୍ପଣ କରିଥିଲେ ବିଭାଗ ମୁଖ୍ୟ କମଳାକାନ୍ତ ଆଚାର୍ଯ୍ୟ । ଦ୍ୱିତୀୟ ସତ୍ରରେ ବିଭିନ୍ନ କଲେଜରୁ ଆସିଥିବା ଛାତ୍ରଛାତ୍ରୀମାନେ ତଥ୍ୟ ଭିତିକ ଚିତ୍ର ଓ ପୋଷ୍ଟର ଉପସ୍ଥାପନ କରି ରୋଗ ନିଦାନ ସମ୍ବନ୍ଧରେ ବୁଝାଇଥିଲେ । କୃତି ଛାତ୍ରଛାତ୍ରୀ ମାନଙ୍କୁ ପୁରସ୍କୃତ କରଯାଇଥିଲା । ପରିଶେଷରେ ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ରଙ୍ଗାରଙ୍ଗ ସଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କର ଯାଇଥିଲା । ଏହି କାର୍ଯ୍ୟକ୍ରମକୁ କିରଣକାନ୍ତ ପଟନାୟକ, ଶକ୍ତି ଶେଖର ଜେନା , ଆଶୁତୋଷ ରାୟ, ଅଭିଷେକ ପ୍ରଧାନ , ଭବାନୀ ସାମନ୍ତରାୟ, ପ୍ରତୀକ୍ଷା ପଣ୍ଡା , ନିରଞ୍ଜନ ନାୟକ, ଶଚିନ୍ଦ୍ର ପ୍ରଧାନ , ସଞ୍ଜୟ ବେହେରା , ରବି ନାରାୟଣ ସାହୁ ପ୍ରମୁଖ ପରିଚାଳନା କରିଥିଲେ ।

# ସାହାପୁର ହାଟରୁ ୪୭ ବାଛୁରୀ ଜବତ କଲା ପୁଲିସ

କୋରେଇ, ୧୫/୦୯ (ନି.ପ୍ର): ପାଣିକୋଇଲି ଥାନା ଅନ୍ତର୍ଗତ ଗୋଳେଇପୁର ପଂଚାୟତର ସାହାପୁର ହାଟ ପଡିଆରେ ବେଆଇନ ଚାଲାଣ ପାଇଁ ଗଚ୍ଛିତ ଥିବା ବାଛୁରୀ ସମ୍ପର୍କରେ ବଜରଂଗ ଦଳ ପକ୍ଷରୁ ପୁଲିସକୁ ସୂଚନା ମିଳିଥିଲା । ଥାନାଧିକାରୀ ରଂଜନ କୁମାର ପ୍ରଧାନ, ସବଇନ୍ସପେକ୍ଟର ବିଶ୍ୱରଂଜନ ଦାସ ସଦଳବଳେ ସାହାପୁର ହାଟରେ ଶୁକ୍ରବାର ରାତିରେ ଚଢାଉ କରିବା ସହ ୪୭ଟି ବାଛୁରୀକୁ ଜବତ କରିଥିଲେ । ଆଜି ଉକ୍ତ ବାଛୁରୀକୁ ସ୍ଥାନୀୟ ଲୋକଙ୍କ ଜିମା ଦେବା ସହ ଘଟଣାର ତଦନ୍ତ ଜାରି ରହିଛି ।

# ଜିଲ୍ଲାସ୍ତରୀୟ ସୁଭଦ୍ରା ସ୍ୱାଗତ ପଦଯାତ୍ରାରେ ୫୦୦ରୁ ଉର୍ଦ୍ଧ୍ୱ ମହିଳାଙ୍କ ଯୋଗଦାନ




ଭଦ୍ରକ, ୧୬/୦୯ (ନି.ପ୍ର): ସରକାରୀ ନିର୍ଦ୍ଦେଶ ମତେ ପୂର୍ବ ପ୍ରସ୍ତୁତି ଅନୁଯାୟୀ ଜିଲ୍ଲା ପ୍ରଶାସନ ଆନୁକୂଲ୍ୟରେ ମହିଳା ଓ ଶିଶୁ ବିକାଶ ବିଭାଗ ଜରିଆରେ ଜିଲ୍ଲା ସ୍ତରୀୟ ସୁଭଦ୍ରା ସ୍ୱାଗତ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ସରକାରଙ୍କ ଉଚ୍ଚ ଶିକ୍ଷା, ଯୁବସେବା ଓ କ୍ରୀଡ଼ା, ଓଡ଼ିଆ ଭାଷା ପ୍ରତିଷ୍ଠାନ, ସାହିତ୍ୟ ଓ ସଂସ୍କୃତି ବିଭାଗର ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ମୁଖ୍ୟ ଅତିଥି ଭାବେ ଏହି କାର୍ଯ୍ୟକ୍ରମରେ ଯୋଗଦେଇ ପତାକା ପ୍ରଦର୍ଶନ ପୂର୍ବକି ପଦଯାତ୍ରାର ଶୁଭାରମ୍ଭ କରି ସେଥିରେ ଅଂଶ ଗ୍ରହଣ କରିଥିଲେ। ଅନ୍ୟତମ ସମ୍ମାନିତ ଅତିଥିଭାବେ ଭଦ୍ରକ ବିଧାୟକ ସୀତାଂଶୁ ଶେଖର ମହାପାତ୍ର, ଜିଲ୍ଲାପାଳ ଦିଲୀପ ରାଉତରାଏ, ମୁଖ୍ୟ ଉନ୍ନୟନ ଅଧିକାରୀ ସରୋଜ କୁମାର ଦଓ, ଉପଜିଲ୍ଲାପାଳ ମନୋଜପାତ୍ର, ଅତିରିକ୍ତ ଉପଜିଲ୍ଲାପାଳ ଶ୍ୟାମଳ ରାୟ ବିଭାଗୀୟ ଅଧିକାରୀ ଡି.ଏସ୍.ଡବ୍ଲ୍ୟୁଓ ପୁଷ୍ପଲତା ପାତ୍ର ପ୍ରମୁଖ ଯୋଗ ଦେଇଥିଲେ। ଏହି ପଦଯାତ୍ରାରେ ଅଂଶ ଗ୍ରହଣ କରିଥିବା ୫୦୦ ରୁ ଉର୍ଦ୍ଧ୍ୱ ମହିଳା ଜିଲ୍ଲା କାର୍ଯ୍ୟାଳୟରୁ ପଦଯାତ୍ରାରେ ବାହାରି ଟାଉନ୍‌ହଲ ପର୍ଯ୍ୟନ୍ତ ଯାତ୍ରା କରିଥିଲେ। ଦସ୍ତଖତ ଅଭିଯାନରେ ସମସ୍ତେ ଅଂଶ ଗ୍ରହଣ କରିବା ସହିତ ଟାଉନ୍‌ହଲ୍ ଠାରେ ସୁଭଦ୍ରା ସଚେତନତା ନେଇ ଦଳଗତ ଆଲୋଚନାରେ ଅଂଶ ଗ୍ରହଣ କାରିଥିଲେ। ସେଠାରେ ମଧ ଭଦ୍ରକ ବିଧାୟକ, ଜିଲ୍ଲାପାଳ, ମୁଖ୍ୟ ଉନ୍ନୟନ ଅଧିକାରୀ, ଡି.ଏସ୍.ଡ଼ବ୍ଲ୍ୟୁଓ, ଭଦ୍ରକ ବିଡ଼ିଓ ସୀତାକାନ୍ତ ରାଉତ, ଭଦ୍ରକ ସିଡ଼ିପିଓ ରାଜଶ୍ରୀ ଗୋସ୍ୱାମୀ ପ୍ରମୁଖ ଅତିଥିଭାବେ ଯୋଗଦାନ କରି ସୁଭଦ୍ରା ସଚେତନତା ନେଇ ବାର୍ତ୍ତା ପ୍ରଦାନ କରିଥିଲେ। ଡି.ପି.ଏମ୍ ଓଏଲଏମ୍ ସଂଜୟ ବାରିକ ମଞ୍ଚ ପରିଚାଳନା କରିଥିଲେ। ନିର୍ବାଚନରେ ଯେଉଁ ସଂକଳ୍ପ କରାଯାଇଥିଲା ମୋହନ ସରକାର ତାକୁ ପୂରଣ କରିଛନ୍ତି। ଏକାଥରକେ ଏକ କୋଟିରୁ ଉର୍ଦ୍ଧ୍ୱ ମହିଳା ହିତାଧିକାରୀଙ୍କୁ ଲକ୍ଷ୍ୟ ରଖି ଏହି ଯୋଜନା କାର୍ଯ୍ୟକାରୀ କରାଯାଇଛି। ତୃଣମୂଳ ସ୍ତରରେ ସମସ୍ତ ଯୋଗ୍ୟ ମହିଳା ଏହି ଯୋଜନାର ଫାଇଦା ପାଇବେ। ଏହା ଅତ୍ୟନ୍ତ ଉଚ୍ଚ କୋଟୀର ଯୋଜନା ବୋଲି ମାନ୍ୟବର ମନ୍ତ୍ରୀ ପ୍ରକାଶ କରିଥିଲେ। ଏହି କାର୍ଯ୍ୟକ୍ରମ ଆୟୋଜନ ଓ ପରିଚାଳନାରେ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରମେଶ ଚନ୍ଦ୍ର ନାୟକ, ଜିଲ୍ଲା ଶିକ୍ଷାଧିକାରୀ ଅକ୍ରୁର ବାରିକ୍, ଡି.ପି.ସି. ମିଶନ ଶକ୍ତି ଅଭିକ ନାରାୟିନ୍, ଡି.ପି.ସି. ମମତା ପ୍ରଦ୍ୟୁମ୍ନଜୀ, ଡି.ପି.ସି. ପୋଷଣ ସିରାଜ ପ୍ରମୁଖ ଆନୁସଙ୍ଗିକ ସହଯୋଗ କରିଥିଲେ।

# ବିଶ୍ୱ ପ୍ରାଥମିକ ଚିକିତ୍ସା ଦିବସ ପାଳିତ

ଜୟପୁର, ୧୫/୦୯ (ନି.ପ୍ର): ସରକାରୀ ଉଚ୍ଚ ବିଦ୍ୟାଳୟ ଜୟପୁରଠାରେ ଜୁନିଅର୍ ରେଡ୍ କ୍ରସ୍ ତରଫରୁ ବିଶ୍ୱ ପ୍ରାଥମିକ ଚିକିତ୍ସା ଦିବସ ପାଳିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନଶିକ୍ଷକ ଶ୍ରୀ ପ୍ରକାଶ ଚନ୍ଦ୍ର ପଟ୍ଟନାୟକଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପ୍ରାଥମିକ ଚିକିତ୍ସକ ତଥା କନିଷ୍ଠ ରେଡ୍ କ୍ରସ୍ ରାଜ୍ୟ ସାଧନକର୍ମୀ ଶ୍ରୀ ଯଜ୍ଞେଶ୍ୱର ପଣ୍ଡା ଯୋଗଦାନ କରି ଛାତ୍ରଛାତ୍ରୀମାନଙ୍କୁ ଦୁର୍ଘଟଣା ସମୟରେ , ନିଆଁରେ ପୋଡିଯିବା ସମୟରେ, କୁକୁର ଓ ସାପ କାମୁଡ଼ିଲେ, ମୂର୍ଚ୍ଛା ହୋଇଗଲେ, ରକ୍ତ ସ୍ରାବ ହେଉଥିଲେ ଏବଂ ଅସ୍ଥିଭଙ୍ଗ ହୋଇଥିଲେ କିଭଳି ପ୍ରାଥମିକ ଚିକିତ୍ସା ଦିଆଯିବ ସେ ବିଷୟରେ ପ୍ରାଥମିକ ଚିକିତ୍ସା କୌଶଳ ଶିଖାଇଥିଲେ । ଜୁନିଅର୍ ରେଡ୍ କ୍ରସ୍ ପରାମର୍ଶଦାତ୍ରୀ ଶୁଭସ୍ମିତା ସାହୁ ପ୍ରାଥମିକ ଚିକିତ୍ସାର ଗୁରୁତ୍ୱ ଓ ଏହାକୁ କିଭଳି ପ୍ରଚାର ପ୍ରସାର କରାଯାଇପାରିବ ସେ ବିଷୟରେ ଅବଗତ କରାଇଥିଲେ। ଶିକ୍ଷକ ବିଶ୍ୱରଞ୍ଜନ ଗୌଡ଼ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶିକ୍ଷକ ଭଗବାନ ସାବତ,ଦେବେନ୍ଦ୍ର କୁମାର ପାଢୀ , ହିତକର ଚରତି, ଦୁର୍ଗା ପ୍ରସାଦ ପାତ୍ର,ଶିକ୍ଷୟିତ୍ରୀ ପ୍ରଭାତୀ ପାଣିଗ୍ରାହୀ,କେ.ପ୍ରମିଳା, ପାପିତା ପ୍ରଧାନ,ସନ୍ତୋଷୀନୀ ପଣ୍ଡା, ସାଗରିକା ପାତ୍ର, ବନିତା ଶତପଥୀ, ଅରୁନ୍ଧତୀ ତ୍ରିପାଠୀ,ରଶ୍ମିତା ନାହାକ, ସୁଧା ପଟ୍ଟନାୟକ,କଲ୍ୟାଣୀ ନାୟକ ,ସୁଚରିତା ପଟ୍ଟନାୟକ ଓ ଅବସର ପ୍ରାପ୍ତ କ୍ରୀଡ଼ା ଶିକ୍ଷକ ଶ୍ରୀ ନରେଶ ଷଡ଼ଙ୍ଗୀ ଯୋଗଦେଇ କାର୍ଯ୍ୟକ୍ରମକୁ ସରସ ସୁନ୍ଦର କରିଥିଲେ ।

# ଜଳକା ନଦୀରେ ବର୍ଷାଜଳ ପ୍ରବାହିତ: ବନ୍ୟାର ଆଶଙ୍କା ଭୟଭୀତ ଅଞ୍ଚଳବାସୀ



ବସ୍ତା, ୧୫/୯ (ନି.ପ୍ର): ବାଲେଶ୍ୱର ଜିଲା ବସ୍ତା ବ୍ଲକ ମଥାନୀ ଦେଇ ପ୍ରବାହିତ ଜଳକା ନଦୀର ଜଳସ୍ତର ଧୀରେ ଧୀରେ ବୃଦ୍ଧି ପାଇବାରେ ଲାଗିଛି। ନଦୀର ମଥାନୀଠାରେ ସକାଳ ୬ଟା ସୁଦ୍ଧା ଜଳସ୍ତର ୫.୯୮ ମିଟର ରହିଥିବାବେଳେ ତାହା କ୍ରମଶଃ ବୃଦ୍ଧି ପାଇ ସକାଳ ୭ଟାରେ ୬.୧୦ମିଟର, ୮ଟାରେ ୬.୧୭ମି., ୯ଟାରେ ୬.୨୨ ମି ଓ ପୂର୍ବାହ୍ଣ ୧୦ଟାରେ ୬.୨୬ ମିଟରରେ ପ୍ରବାହିତ ହେଉଛି। ତେବେ ଗତ ଦୁଇଦିନ ଧରି ବାଲେଶ୍ୱର ସମେତ ପଡୋଶୀ ମୟୁରଭଞ୍ଜ ଜିଲାରେ ପ୍ରବଳ ବର୍ଷା ଜାରି ରହିଛି। ଯାହା ଫଳରେ ବସ୍ତା ଦେଇ ପ୍ରବାହିତ ହେଉଥିବା ଜଳକା ନଦୀ ଅବବାହିକା ସମେତ ନଦୀର ଉପର ମୁଣ୍ଡ ରାସଗୋବିନ୍ଦପୁର, ମୋରଡା, ଶୁଳିଆପଦା, ଚିତ୍ରଡା ଅଞ୍ଚଳରେ ପ୍ରବଳ ବର୍ଷା କାରଣରୁ ଜଳସ୍ତର ବୃଦ୍ଧି ପାଇବାରେ ଲାଗିଛି। ଏଣୁ ଅନବରତ ବର୍ଷା କାରଣରୁ ବନ୍ୟା ପରିସ୍ଥିତି ସୃଷ୍ଟି ହେବାର ଆଶଙ୍କା କରାଯାଉଛି। ଯଦି ବନ୍ୟା ହୁଏ ତାହାଲେ ବସ୍ତା ବ୍ଲକର ୧୦ ଏବଂ ସଦର ବ୍ଲକର ୩ଟି ପଞ୍ଚାୟତ ପ୍ରଭାବିତ ହେବାର ଆଶଙ୍କା କରାଯାଉଛି। ଗତକାଲି ରାସଗୋବିନ୍ଦପୁର ଅଞ୍ଚଳରେ ୮୨ ମିଲିମିଟର, ମୋରୋଡାରେ ୩୦, ୨ ମିଲିମିଟର ଏବଂ ଶୁଳିଆପଦା ଅଞ୍ଚଳରେ ୭୦ ମିଲିମିଟର ବର୍ଷା ରେକର୍ଡ କରାଯାଇଛି ଯାଇଛି, ତେବେ ମୟୂରଭଞ୍ଜ, ବାଲେଶ୍ୱର ଏବଂ କେନ୍ଦୁଝରକୁ ପାଣିପାଗ ବିଭାଗ ରେଡ୍ ଆଲର୍ଟ ଜାରି କରିଥିବାରୁ ପ୍ରବଳ ବର୍ଷା ହେବାର ଆଶଙ୍କା କରାଯାଉଛି। ମାତ୍ର ସତର୍କ ସଙ୍କେତ ୬.୫୦ ମିଟର ରହିଥିବା ବେଳେ ପୂର୍ବାହ୍ଣ ୧୧ଟା ସୁଦ୍ଧା ବିପଦ ସଙ୍କେତ ତଳେ ଅର୍ଥାତ୍ ୬.୨୯ ମିଟରରେ ପ୍ରବାହିତ ହେଉଛି। ସେହିପରି ଅପରାହ୍ନ ୫ ଟା ସମୟରେ ଜଳସ୍ତର ୬.୪୫ ମିଟର ଛୁଇଁଛି ।ତେବେ ଜଳକାନଦୀରେ ଜଳସ୍ତର ପ୍ରତି ଘଣ୍ଟାରେ ବିପଦ ସଂଙ୍କେତ ଉର୍ଦ୍ଧରେ ପ୍ରବାହିତ ହେଉଛି ।ଏନେଇ ନଦୀକୁଳିଆ ଗ୍ରାମ ବାହାର୍ଦ୍ଦା ପଞ୍ଚାୟତ ମେଳକ ତଳତାପଣ୍ତା. କୁଡିଆ ପଞ୍ଚାୟତ ପେଗରପଡା ଧଳସାହି. ମଥାନୀ ପଞ୍ଚାୟତ ମଥାନୀ ଶିବଗତିଆ. ଲକ୍ଷ୍ମଣାପଡା. ସାନଖୁଡି. ବଡଖୁଡି. ଗ୍ରାମ ବାସୀଙ୍କ ମଧ୍ୟରେ ଭୟର ବାତା ବରଣ ସୃଷ୍ଟି ହୋଇଛି। ଏହିସବୁ ଗାଁ ମଧ୍ୟଦେଇ ପ୍ରବାହିତ ହେଉଥିବା ଜଳକାନଦୀ ଦୁଇପଟ ବାହାଲ ବନ୍ଧ ସ୍ଥାନେସ୍ଥାନେ ଦୁର୍ବଳ ରହିଛି ।ବନ୍ଧ ଭାଙ୍ଗିଲେ ଧନଜିବନ ନଷ୍ଟ ହେବାସହିତ କେତେ ଗୁଡିଏ ଘର ନିଶ୍ଚିହ୍ନ ହୋଇଜିବ ଏଥିରେତିଳେ ମାତ୍ର ସନ୍ଦେହ ନାହିଁ।ତେବେ ଭେଡିବନ୍ଧ କିପରି ସୁରକ୍ଷିତ ରହିବ ସେଥିପ୍ରତି ବିଭାଗିୟ ପକ୍ଷରୁ ସଜାଗ ଅଛନ୍ତି ।ବାଉଁଶ ବାଲିବସ୍ତା ରଖାଯିବା ସହିତ ଘରେ ପାଣିପଶିଲେ ଲୋକ ମାନଙ୍କୁ ଥୟିଥାନ ବେବସ୍ଥାକରାଜିବବୋଲି ମଥାନୀ ଇରିଗେସନ କନିଷ୍ଟ ଯନ୍ତ୍ରୀ ମହେଶ୍ୱର ସିଂ ପ୍ରକାଶକରିଛନ୍ତି ।

## ଓଭରବ୍ରିଜ ଉପରେ ପିକଅପ ଦୁର୍ଘଟଣା: ଅଳ୍ପକେ ବର୍ତ୍ତିଲେ ଚାଳକ

କୋରେଇ, ୧୫/୯ (ନି.ପ୍ର): ପାଣିକୋଇଲି ଥାନା ଅନ୍ତର୍ଗତ ୧୬ ନମ୍ବର ଜାତୀୟ ରାଜପଥ ପାଣିକୋଇଲି ଓଭରବ୍ରିଜ ଉପରେ ଯାନ୍ତ୍ରୀକ ତ୍ରୁଟି ଯୋଗୁ ଏକ ପିକଅପ ୱାଲରେ ଲାଖି ରହିବାରୁ ଅଳ୍ପକେ ଚାଳକ ଓ ଖଲାସୀ ବର୍ତି ଯାଇଛନ୍ତି । ପ୍ରକାଶଯେ ଶନିବାର ବିଳମ୍ବିତ ରାତ୍ରୀରେ ୧୬ ନମ୍ବର ଜାତୀୟ ରାଜପଥ ଉପରେ ଏକ ପଚା ଅଣ୍ଡା ବୋଝେଇ ପିକଅପ କଲିକତା ଅଭିମୁଖେ ଆସୁଥିବା ବେଳେ ହଠାତ ପିକଅପର ଡାହାଣ ପଟ ପଛ ଏକସେଲଟି ଭାଂଗିଯାଇଥିଲା । ଫଳରେ ଭାରସାମ୍ୟ ହରାଇ ପିକଅପଟି ଓଭରବ୍ରିଜ ୱାଲରେ ପିଟିହୋଇ ଅଳ୍ପକେ ତଳକୁ ଖସିବାରୁ ବର୍ତି ଯାଇଥିଲା। ଚାଳକ ଓ ଖଲାସୀ ମଧ୍ୟ ସୁରକ୍ଷିତ ହୋଇଥିଲେ । ଖବରପାଇ ରାଜପଥ ପୋଟ୍ରୋଲିଂଗ ଅଧିକାରୀ ଅଶୋକ କୁମାର ବଳ ଓ ଥାନା ସବଇନ୍ସପେକ୍ଟର ପ୍ରକାଶ କୁମାର ପ୍ରଧାନ ପହଂଚି ତଦନ୍ତ ଆରମ୍ଭ କରିଥିଲେ।

# ବାଲେଶ୍ୱରରେ ଜିଲ୍ଲାସ୍ତରୀୟ ସୁଭଦ୍ରା ସ୍ୱାଗତ ପଦଯାତ୍ରାର ଶୁଭାରମ୍ଭ



ବାଲେଶ୍ୱର, ୧୫/୯ (ନି.ପ୍ର): ଆଜି ପୂର୍ବାହ୍ନ ଘ. ୮.୩୦ ମି ସମୟରେ ମାନ୍ୟବର ସାଂସଦ, ବାଲେଶ୍ୱର ଶ୍ରୀ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଓ ମାନ୍ୟବର ବିଧାୟକ (ସଦର) ଶ୍ରୀ ମାନସ ଦତ୍ତଙ୍କ ଉପସ୍ଥିତିରେ ଜିଲ୍ଲାସ୍ତରୀୟ ସୁଭଦ୍ରା ସ୍ୱାଗତ ପଦଯାତ୍ରାର ଶୁଭାରମ୍ଭ ହୋଇଯାଇଛି। ଜିଲ୍ଲା ସଦର ମହକୁମାସ୍ଥିତ ନୂତନ କଲେକ୍ଟୋରେଟଠାରୁ ଜ୍ଜିଲ୍ଲା ପରିଷଦ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଆୟୋଜିତ ଏହି ପଦଯାତ୍ରାରେ ଶତାଧିକ ମହିଳା ସାମିଲ ହୋଇଥିଲେ ଓ ଜିଲ୍ଲାପାଳ ଶ୍ରୀ ସୂର୍ଯ୍ୟବଂଶୀ ମୟୂର ବିକାଶଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି ପଦଯାତ୍ରାରେ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ଶ୍ରୀ ସୁଧାକର ନାୟକ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଶ୍ରୀ ବିଶ୍ୱରଞ୍ଜନ ନାୟକ, ଉପଜିଲ୍ଲାପାଳ ଶ୍ରୀ ପ୍ରଥମେଶ ଅରବିନ୍ଦ ରାଜେସିର୍କେ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ଶ୍ରୀମତୀ ଗୌରିମଣି ନାୟକଙ୍କ ସମେତ ବିଭିନ୍ନ ଜିଲ୍ଲାସ୍ତରୀୟ ଅଧିକାରୀ ଯୋଗ ଦେଇଥିଲେ ।

ଏହି ପଦଯାତ୍ରାରେ ୩୦୦ ରୁ ଊର୍ଦ୍ଧ୍ୱ ସ୍ୱୟଂସହାୟିକା ଗୋଷ୍ଠୀର ସଦସ୍ୟା ଓ ଅଙ୍ଗନବାଡି ମହିଳାମାନେ ଯୋଗ ଦେବା ସହ ସ୍ୱାକ୍ଷର ପ୍ରଚାରରେ ନିଜକୁ ସାମିଲ କରିଥିଲେ। ଉପସ୍ଥିତ ଅତିଥିମାନେ ପତାକା ଦେଖାଇ ଶୁଭାରମ୍ଭ କରିବା ସହିତ ଘରେ ଘରେ ସୁଭଦ୍ରା ସ୍ଲୋଗାନ ଦେଇ ପଦଯାତ୍ରା ଆରମ୍ଭ କରିଥିଲେ। ଏହି ପଦଯାତ୍ରା ଏଫ.ଏମ ଗୋଲେଇ ଦେଇ ଶେଷରେ ଜିଲ୍ଲା ପରିଷଦ କାର୍ଯ୍ୟାଳୟ ଠାରେ ଶେଷ ହୋଇଥିଲା ।

ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷଠାରେ ଅନୁଷ୍ଠିତ ଆଲୋଚନା ଚକ୍ରରେ ମଞ୍ଚସ୍ଥ ଅତିଥିମାନେ ଉପସ୍ଥିତ ମହିଳାମାନଙ୍କୁ ଉତ୍ସାହିତ କରିବା ସହିତ ସେମାନଙ୍କୁ ଏହି ଯୋଜନାର ବିଭିନ୍ନ ଦିଗ ବିଷୟରେ ଅବଗତ କରାଇଥିଲେ। ଆସନ୍ତା ୧୭ତାରିଖ ଠାରୁ ଏହି ଯୋଜନା ଆରମ୍ଭ ହେବ। ୧୭ ତାରିଖ ପରେ ବି ଆବେଦନ କରିଥିବା ଯୋଗ୍ୟ ହିତାଧିକାରୀ ମହିଳାଙ୍କୁ ରକ୍ଷାବନ୍ଧନ ଓ ଅର୍ନ୍ତଜାତୀୟ ମହିଳା ଦିବସରେ ୫ହଜାର ଲେଖାଏଁ ୧୦ହଜାର ୫ବର୍ଷ ଦିଆଯିବ।

ଏଠାରେ ସୂଚନା ଥାଉ କି ଆଜି ଜିଲ୍ଲାର ପ୍ରତିଟି ବ୍ଲକ, ଗ୍ରାମପଞ୍ଚାୟତ ଏବଂ ଜିଲ୍ଲାସ୍ତରରେ ଆୟୋଜିତ ଏହି ପଦଯାତ୍ରା ଦ୍ୱାରା ସମସ୍ତ ଜନସାଧାରଣଙ୍କୁ ସୁଭଦ୍ରା ଯୋଜନା ବିଷୟରେ ସଚେତନତା କରାଯାଇଛି। ଉକ୍ତ କାର୍ଯ୍ୟକ୍ରମର ସୁପରିଚାଳନା ନିମନ୍ତେ ଡେପୁଟି କଲେକ୍ଟର ଶ୍ରୀ ନାରାୟଣ ହେମ୍ବ୍ରମ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସୁଶ୍ରୀ ଐଶ୍ୱର୍ଯ୍ୟା ସାମନ୍ତ, ଡିପିସି, ମିଶନ ଶକ୍ତି ଶ୍ରୀ କାର୍ତ୍ତିକ ଚନ୍ଦ୍ର ନାୟକ ଓ ଡିପିସି, ମମତା ଶ୍ରୀ ବାମଦେବ ପାଣିଗ୍ରାହୀ ସମସ୍ତ ସହଯୋଗ କରିଥିଲେ।

# ସୁଭଦ୍ରା ଯୋଜନାକୁ ସଫଳ ରୂପାୟନ ଦେବା ପାଇଁ ଆରମ୍ଭ ହେଲା ପଦଯାତ୍ରା ଓ ସ୍ୱାକ୍ଷର ପ୍ରଚାର




ବାରିପଦା , ୧୫/୯ (ନି.ପ୍ର): ଓଡ଼ିଶାର ପ୍ରତ୍ୟେକଟି ମହିଳା ହେବେ ସ୍ୱାବଲମ୍ବୀ ଏବଂ ସଶକ୍ତ, ଏହି ଉଦ୍ଦେଶ୍ୟରେ ଓଡିଶା ସରକାରଙ୍କ ଦ୍ୱାରା ଆରମ୍ଭ ହୋଇଥିବା ସୁଭଦ୍ରା ଯୋଜନା ବର୍ତ୍ତମାନ ଘରେ ଘରେ ଆଦୃତ ଓ ଲୋକପ୍ରିୟ ହୋଇପାରିଛି । ଓଡ଼ିଶାର ଆୟତନରେ ସର୍ବ ବୃହତ ଜିଲ୍ଲା, ମୟୂରଭଞ୍ଜ ଠାରେ ମଧ ଏହି ଯୋଜନାର ସଫଳ ରୂପାୟନ ଦେଖିବାକୁ ମିଳୁଛି। ଏହି ପରିପ୍ରେକ୍ଷୀରେ, ଜିଲ୍ଲା ପ୍ରଶାସନ ଅନୁକୁଲ୍ୟରେ ରବିବାର ଦିନ ଜିଲ୍ଲା ସଦର ମହକୁମା ବାରିପଦା ସ୍ଥିତ କଲେକ୍ଟୋରେଟ ଠାରୁ ମୟୂରଭଞ୍ଜ ଆଥଲେଟିକ ଆସୋସିଏସନ ପର୍ଯ୍ୟନ୍ତ ଏକ ପଦଯାତ୍ରାର ଆୟୋଜନ କରା ଯାଇଥିଲା। ଏହି ପଦଯାତ୍ରାରେ ୨୦୦ରୁ ଉର୍ଦ୍ଧ୍ୱ ସ୍ୱୟଂସହାୟିକା ଗୋଷ୍ଠୀର ମହିଳା ମାନେ ଏବଂ ବାରିପଦା ଅଂଚଳର ଅଙ୍ଗନବାଡି କର୍ମୀ ମାନେ ଯୋଗ ଦେବା ସହ ସ୍ୱାକ୍ଷର ପ୍ରଚାରରେ ନିଜକୁ ସାମିଲ କରିଥିଲେ। ଏହି ପାଦ ଯାତ୍ରାକୁ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଶ୍ରୀ ରଜନୀକାନ୍ତ ସ୍ୱାଇଁ, ବାରିପଦା ପୌରପାଳିକା ନିର୍ବାହୀ ଅଧିକାରିଣୀ ଡଃ ମଧୁସ୍ମିତା ସାମନ୍ତରାୟ, ଜିଲ୍ଲା ସମାଜ କଲ୍ୟାଣ ଅଧିକାରିଣୀ ଶ୍ରୀମତୀ ଅନ୍ନପୂର୍ଣ୍ଣା ସିଙ୍କୁ ପତାକା ଦେଖାଇ ଶୁଭାରମ୍ଭ କରିଥିବା ସହିତ ଘରେ ଘରେ ସୁଭଦ୍ରା ସ୍ଲୋଗାନ ଦେଇ ପଦଯାତ୍ରା କରିଥିଲେ। ଏହି ପଦଯାତ୍ରାରେ ଜିଲ୍ଲା ମିଶନ ଶକ୍ତି ସଂଗଠନର ସଂଯୋଜିକା ଶ୍ରୀମତୀ ବିଷ୍ଣୁପ୍ରିୟା ଦାସ ଯୋଗ ଦେଇ ମହିଳା ମାନଙ୍କୁ ଉତ୍ସାହିତ କରିବା ସହିତ ସେମାନଙ୍କୁ ଏହି ଯୋଜନାର ଦୂର ଫଳପ୍ରସୂ ବିଷୟରେ ଅବଗତ କରାଇଥିଲେ। ଏହି ପରିପ୍ରେକ୍ଷୀରେ ମୁଖ୍ୟ ଉନ୍ନୟନ ଅଧିକାରୀ ଶ୍ରୀ ସ୍ୱାଇଁ କହିଥିଲେ ଯେ ଆସନ୍ତା ୧୭ତାରିଖ ଠାରୁ ଏହି ଯୋଜନା ଆରମ୍ଭ ହେବ। ଏବେ ଆବେଦନ କରିଥିବା ମହିଳାଙ୍କ ଠାରୁ ଆରମ୍ଭ କରି ୧୭ପରେ ବି ଆବେଦନ କରିଥିବା ଯୋଗ୍ୟ ହିତାଧିକାରୀ ମହିଳାଙ୍କୁ ବର୍ଷକୁ ରକ୍ଷାବନ୍ଧନ ଓ ଅର୍ନ୍ତଜାତୀୟ ମହିଳା ଦିବସରେ ୫ହଜାର ଲେଖାଏଁ ୧୦ହଜାର ୫ବର୍ଷ ଦିଆଯିବ। ଏହି ଯୋଜନାକୁ ବ୍ଲକ, ପଂଚାୟତ, ଗାଁସ୍ତରରେ ବ୍ୟାପକ ସଚେତନତା ରଥ ଏବଂ ବିଭିନ୍ନ ସୂଚନା, ଶିକ୍ଷା ଯୋଗାଯୋଗ ମାଧମରେ ସୃଷ୍ଟି କରାଯାଉଛି, ଯେଭଳି ମହିଳା ମାନେ ଠକାମିର ଶୀକାର ନ ? ହେବେ ସେ ଦିଗରେ ଦୃଷ୍ଟି ଦିଆଯାଉଛି , ବୋଲି ଶ୍ରୀ ସ୍ୱାଇଁ କହିଥିଲେ। ସୂଚନା ଥାଉକି, ଏହି ଯୋଜନାରେ ହିତାଧିକାରୀ ମାନେ ସୁବିଧା ପାଇବା ପାଇଁ, ମୋ ସେବା କେନ୍ଦ୍ର, ଜନସେବା କେନ୍ଦ୍ରରେ ମାଗଣାରେ ଆବେଦନପତ୍ର ନେଇ ଦାଖଲ କରାଇବେ। ଯେଭଳି ଯୋଗ୍ୟ ହିତାଧିକାରୀ ମହିଳା କେହି ବଂଚିତ ରହିବେ ନାହିଁ ସେ ଦିଗରେ ଜିଲ୍ଲା ପ୍ରଶାସନ ସଂପୁର୍ଣ୍ଣ ଦୃଷ୍ଟି ଦେଉଛି ଏବଂ କେହି ଯଦି ଠକାମିର ସୁରାକ୍ ମିଳିବା ମାତ୍ରକେ ଆଇନଗତ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ମୟୂରଭଞ୍ଜ ଜିଲ୍ଲାପାଳ ପ୍ରେସ ବିବୃତି ମାଧ୍ୟମରେ କହିଥିଲେ। ବିଶେଷ କରି ଏହି ଯୋଜନା ଦ୍ୱାରା ଗ୍ରାମାଂଚଳର ମହିଳା ମାନେ ସଶକ୍ତ ହେବାରେ ସହଯୋଗ ହେବେ ଏବଂ ବର୍ତ୍ତମାନ ହିତାଧିକାରୀଙ୍କ ବ୍ୟାଙ୍କ ଖାତାକୁ ପରୀକ୍ଷମୂଳକ ଭାବେ ୧ ଟଙ୍କା ଆସିବା ଆରମ୍ଭ ହେବାରୁ ମହିଳାଙ୍କ ମଧରେ ଖୁସିର ଲହରୀ ଖେଳି ଯାଇଛି। ଆଜିର ଏହି ପଦଯାତ୍ରା, ସମଗ୍ର ଜିଲ୍ଲାରେ ପ୍ରତିଟି ବ୍ଲକ, ଗ୍ରାମପଂଚାୟତ ଏବଂ ଜିଲ୍ଲା ସ୍ତରରେ ଆୟୋଜନ କରାଯାଇ ସମସ୍ତ ଜନସାଧାରଣଙ୍କୁ ଏହି ଯୋଜନା ବିଷୟରେ ସଚେତନତା ତଥା ଅବଗତ କରାଯାଇଛି। ଆସନ୍ତା ୧୭ ତାରିଖରେ ମାନ୍ୟବର ପ୍ରଧାନ ମନ୍ତ୍ରୀ, ଭୁବନେଶ୍ୱର ଠାରେ ଏହି ଯୋଜନାର ସଫଳ ଉଦ୍ଘାଟନ କରିବେ ଏବଂ ସେହି ପରିପ୍ରେକ୍ଷୀରେ ସମଗ୍ର ରାଜ୍ୟରେ ଏହି ଯୋଜନାକୁ ନେଇ ଚଞ୍ଚଳତା ଦେଖା ଦେଇଛି।

# ଶାନ୍ତିକାନନରେ ଶୁଭେନ୍ଦୁ ସାହିତ୍ୟ ସନ୍ଧ୍ୟା ଅନୁଷ୍ଠିତ



ବାଲେଶ୍ୱର, ୧୫/୯ (ନି.ପ୍ର): ପ୍ରଖ୍ୟାତ ସାରସ୍ୱତ ସାଧକ ତଥା ଆଦର୍ଶ ଶିକ୍ଷକ ଶୁଭେନ୍ଦୁ ମୋହନ ଦାସଙ୍କ ସମଗ୍ର ସାରସ୍ୱତ କୃତିକୁ ନେଇ ଏକ ମନୋଜ୍ଞ ସାହିତ୍ୟ ସନ୍ଧ୍ୟା ଶନିବାର ସନ୍ଧ୍ୟାରେ ଫକୀରମୋହନ ସାହିତ୍ୟ ପରିଷଦ ଆନୁକୂଲ୍ୟରେ ଶାନ୍ତିକାନନଠାରେ ଅନୁଷ୍ଠିତ ହୋଇଯାଇଛି। ପରିଷଦର ସଭାପତି ଡ. ଲକ୍ଷ୍ମୀକାନ୍ତ ତ୍ରିପାଠୀଙ୍କ ପୌରୋହିତ୍ୟରେ ଆୟୋଜିତ ଏହି ଉତ୍ସବକୁ ବିଶିଷ୍ଟ ଭେଷଜ ବିଶେଷଜ୍ଞ ତଥା ସାରସ୍ୱତ ସାଧକ ଡାକ୍ତର ଚୌଧୁରୀ ସତ୍ୟବ୍ରତ ନନ୍ଦ ଉଦ୍‌ଘାଟନ କରିଥିଲେ। ଯଶସ୍ୱୀ କବି ଶ୍ରୀଦେବ ଓ ଗବେଷକ ଡ. ରାଧାରଂଜନ ପଟ୍ଟନାୟକ ଅତିଥି ଭାବରେ ଯୋଗ ଦେଇ ଶୁଭେନ୍ଦୁମୋହନଙ୍କ ସାରସ୍ୱତ କୃତି ଓ କୀର୍ତ୍ତି ସଂପର୍କରେ ଆଲୋଚନା କରିଥିଲେ। ଡ. ଲକ୍ଷ୍ମୀକାନ୍ତ ତ୍ରିପାଠୀଙ୍କ ରଚିତ 'ଶୁଭେନ୍ଦୁ ଗୀତିକା'କୁ ଗୁରୁ ସତ୍ୟରଂଜନ ମହାନ୍ତି ସ୍ୱରସଂଯୋଜନା ସହ ଗାନ କରିଥିଲେ ଓ ସଂଜୀବ ବେହେରା ତବଲାରେ ସହଯୋଗ କରିଥିଲେ। ଡ. ତ୍ରିପାଠୀଙ୍କ ରଚିତ ତଥା ନିରଂଜନ ରାଉତ ନିର୍ଦ୍ଦେଶିତ ଶୁଭେନ୍ଦୁଙ୍କ ସଂପର୍କିତ ଏକ କ୍ଷୁଦ୍ର ନାଟକରେ ସଂଜୟ ପଣ୍ଡା, ପ୍ରଭାକର ସାହୁ ଓ ପିତାମ୍ବର ବେହେରା ନିଖୁଣ ଅଭିନୟ କରି ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରିଦେଇଥିଲେ। ପ୍ରକାଶ ଥାଉ କି ଏବେ ଶୁଭେନ୍ଦୁ ମୋହନ ୮୮ ବର୍ଷ ବୟସରେ ଗୁରୁତର ଭାବେ ବାର୍ଦ୍ଧକ୍ୟଜନିତ ରୋଗରେ ଅସୁସ୍ଥ ଥିବାଯୋଗୁଁ ତାଙ୍କର ଆଶୁ ଆରୋଗ୍ୟ କାମନା କରି ଏପରି ଏକ ଅଭିନବ କାର୍ଯ୍ୟକ୍ରମ ପରିଷଦ ପକ୍ଷରୁ ହାତକୁ ନିଆଯାଇଥିଲା। ଶୁଭେନ୍ଦୁଙ୍କ ଉଦ୍ଦେଶ୍ୟରେ ମାନପତ୍ର, ଉପାୟନ ଓ ପୁଷ୍ପଗୁଚ୍ଛ ତାଙ୍କର ଝିଆରୀ ସୁପ୍ରିୟା ଦାସଙ୍କୁ ପ୍ରଦାନ କରାଯାଇଥିଲା। ପରିଷଦର ସଂପାଦକ ଦୀପକ ବୋଷ ପ୍ରାକ୍ ବକ୍ତବ୍ୟ ରଖିଥିବାବେଳେ କବୀ ଜ୍ୟୋସ୍ନା ରାୟ ମହାପାତ୍ର ଓ କବି ଡ. ରତ୍ନାକର ସିଂହ ଶୁଭେନ୍ଦୁଙ୍କ କବିତା ପାଠ କରିଥିଲେ। ଯୁଗ୍ମ ସଂପାଦକ ଡ. ସାରଙ୍ଗଧର ତ୍ରିପାଠୀ ଅତିଥିମାନଙ୍କୁ ମଞ୍ଚଆବାହନ କରିଥିବାବେଳେ ଅନ୍ୟତମ ଯୁଗ୍ମ ସଂପାଦିକା କଲ୍ୟାଣୀ ନନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ।

## ପ୍ରଥମପୃଷ୍ଠାର ଅବଶିଷ୍ଟାଂଶ....

### ମୁଖ୍ୟମନ୍ତ୍ରୀ ପଦ...

କେଜରିୱାଲଙ୍କୁ ମୁଖ୍ୟମନ୍ତ୍ରୀ ଆସନରେ ବସାଇବାକୁ ଯୋଜନା କରୁଛନ୍ତି। ମନମୋହନ ସିଂହଙ୍କୁ ପ୍ରଧାନମନ୍ତ୍ରୀ କରି ସୋନିଆ ଗାନ୍ଧି ଯେଭଳି ସରକାର ଚଳାଉଥିଲେ, ଠିକ୍ ସେହିଭଳି ପତ୍ନୀଙ୍କୁ ମୁଖ୍ୟମନ୍ତ୍ରୀ କରି କେଜରିୱାଲ ନିଜେ ଶାସନ କରିବେ ବୋଲି ଆରୋପ କରିଛି ବିଜେପି। ଦିଲ୍ଲୀ ଅବକାରୀ ନୀତି ଦୁର୍ନୀତି ମାମଲାରେ ପାଖାପାଖି ୬ମାସ ଜେଲରେ ରହିବା ପରେ ଦିନକ ତଳେ କେଜରିୱାଲଙ୍କୁ ଜାମିନ୍ ମିଳିଛି। ତେବେ କଠୋର ଜାମିନ ସର୍ତ୍ତ ରଖିଥିଲେ ସୁପ୍ରିମକୋର୍ଟ। କେଜ୍ରିୱାଲ୍ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟକୁ ଯାଇପାରିବେନି। କୌଣସି ସରକାରୀ ଫାଇଲ୍ କିମ୍ବା ଦସ୍ତାବିଜରେ ଦସ୍ତଖତ କରିପାରିବେନି। ଯଦି ଦସ୍ତଖତ ଜରୁରୀ ତେବେ ଏଥିପାଇଁ ନେବାକୁ ପଡିବ ଉପରାଜ୍ୟପାଳଙ୍କ ଅନୁମତି। ମାମଲା ସମ୍ପର୍କରେ କୌଣସି ସାର୍ବଜନୀନ ମତ କି ମନ୍ତବ୍ୟ ଦେବେ ନାହିଁ। ତଦନ୍ତରେ ବାଧା ଦେବେନାହିଁ କି ସାକ୍ଷୀଙ୍କୁ ପ୍ରଭାବିତ କରିବେନି। ଆବଶ୍ୟକ ପଡ଼ିଲେ କୋର୍ଟରେ ହାଜର ହେବେ। ଉଚ୍ଚତମ ନ୍ୟାୟାଳୟଙ୍କ ଏଭଳି ସର୍ତ୍ତ ପରେ ମୁଖ୍ୟମନ୍ତ୍ରୀ ଭାବେ କେଜରିୱାଲଙ୍କ ପାଖରେ ନା ଆଉ କୌଣସି କ୍ଷମତା ଥିଲା ନା ବିକଳ୍ପ। ତେଣୁ ସେ ଇସ୍ତଫା ଦେବାକୁ ବାଧ ହୋଇଥିବା ଚର୍ଚ୍ଚା ହେଉଛି। ପ୍ରଶ୍ନ ଉଠୁଛି, ଦିଲ୍ଲୀରେ ଆଗୁଆ ହେବ କି ନିର୍ବାଚନ ? ଯଦି ନଭେମ୍ବରରେ ନିର୍ବାଚନ ହୁଏ, ତେବେ କାହାକୁ ମିଳିବ ଫାଇଦା ?

### ରାଜ୍ୟରେ ଗଡ଼ିଲା ଆଉ ...

ଉପସ୍ଥିତ ଥିଲେ। ଏହି ଅବସରରେ ପ୍ରଧାନମନ୍ତ୍ରୀ କହିଛନ୍ତି, ବନ୍ଦେ ଭାରତ ଏକ୍ସପ୍ରେସ ପୂର୍ବ ଭାରତର ଆର୍ଥିକ ପ୍ରଗତିରେ ସହାୟକ ହେବ। ଆର୍ଥିକ ବିକାଶ ପାଇଁ ଆଧୁନିକ ରେଳ ବିକାଶ ନିତ୍ୟାନ୍ତ ଜରୁରୀ। ସେଥିପାଇଁ ମୋଦୀ ସରକାର ପ୍ରତିଶ୍ରୁତିବଦ୍ଧ। ସେହିପରି ମୁଖ୍ୟମନ୍ତ୍ରୀ କହିଛନ୍ତି, ବ୍ରହ୍ମପୁର-ଟାଟାନଗର ଏକ୍ସପ୍ରେସ୍ ଫଳରେ ଦକ୍ଷିଣ ଏବଂ ଉତ୍ତର ଓଡ଼ିଶା ଯୋଡି ହେଲା। ରୋଜଗାର ଏବଂ ଉଦ୍ୟୋଗ ପାଇଁ ଏହା ସହାୟକ ହେବ। ଆଗାମୀ ଦିନରେ ସମସ୍ତ ଜିଲ୍ଲା ମୁଖ୍ୟାଳୟ ଏବଂ ସବ୍ ଡିଭିଜନଗୁଡିକୁ ରେଳ ପଥ ସଂଯୋଗ ହେବ। ଗତ ମାସରେ ଆସିଥିବା ୬ଟି ରେଳ ପ୍ରକଳ୍ପ ପାଇଁ ଜମି ଅଧିଗ୍ରହଣ କାମ ଶୀଘ୍ର ସାରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଖୋର୍ଦ୍ଧା-ବଲାଙ୍ଗୀର ରେଳ ପ୍ରକଳ୍ପ କାମ ବି ଖୁବ୍ ଶୀଘ୍ର ସରିବ। ମୁଖ୍ୟନ୍ତ୍ରୀ କହିଛନ୍ତି ପୂର୍ବ ସରକାର ଜମି ଅଧିଗ୍ରହଣରେ କେନ୍ଦ୍ର ସରାକାରକୁ ସହଯୋଗ କରୁନଥିଲେ। କିନ୍ତୁ ଡବଲ୍ ଇଞ୍ଜିନ ସରକାରରେ ବନ୍ଦେ ଭାରତ ଏକ୍ସପ୍ରେସ ବେଗରେ ମୋହନ ସରକାର କାମ କରିବ। ପୁରୁଣା ବନ୍ଦେ ଭାରତ ଅପେକ୍ଷା ନୂଆ ବନ୍ଦେ ଭାରତରେ ରହିଛି ଅଧିକ ଅତ୍ୟାଧୁନିକ ସୁବିଧା। ନୂଆ ଟ୍ରେନ, ପୂର୍ବ ଟ୍ରେନ ଅପେକ୍ଷା ଓଜନରେ ୩୬ ଟନ୍ କମ୍। ସେହିପରି ନୂଆ ବନ୍ଦେ ଭାରତ ୧୫ ପ୍ରତିଶତ କମ୍ ବିଜୁଳି ବ୍ୟୟ କରିବ। ସବୁଠୁ ବଡ଼ ଫିଚର ରହିଛି ଫୋଟୋ କାଟାଲିକ ୟୁଭି ଏୟାର ପ୍ୟୁରିଫିକେସନ। ଅର୍ଥାତ ଏହା ଦ୍ୱାରା ବାୟୁମଣ୍ଡଳରୁ ପୁରା ନିର୍ମଳ ବାୟୁ ବଗି ଭିତରକୁ ଆସିବ। ସେହିପରି ଟ୍ରେନରେ ସମସ୍ତ ବ୍ୟବସ୍ଥା ଟଚ୍ ଫ୍ରି ରହିଛି। ଯେମିତି ବାର୍ଥ ରୁମ୍ ଡୋର, ପିଇବା ପାଣି, ଲାଇଟ୍। ସେହିପରି ୱାଇଫାଇ, ଖରଉ ଲାଇଟ୍ ସହ ଡିଜିଟାଲ ଡିସ୍ପ୍ଲେ ସାହାଯ୍ୟରେ ଯାତ୍ରୀ ପାଇବେ ସମସ୍ତ ତଥ୍ୟ। ସ୍ୱଚ୍ଛତାକୁ ଗୁରୁତ୍ୱ ଦେଇ ବାୟୋ ଭାକ୍ୟୁମ ଟଏଲେଟ୍ ଲଗାଯାଇଛି। ଏସବୁ ଅତ୍ୟାଧୁନିକ ବ୍ୟବସ୍ଥା ଦେଖି ପ୍ରଥମ ଦିନରେ ଟ୍ରେନରେ ଯାତ୍ରୀ ଏବଂ ଛାତ୍ରଛାତ୍ରୀଙ୍କ ମଧରେ ଦେଖିବାକୁ ମିଳିଥିଲା ପ୍ରବଳ ଉତ୍ସାହ। ନିଜେ ମୁଖ୍ୟମନ୍ତ୍ରୀ ବନ୍ଦେ ଭାରତ ଏକ୍ସପ୍ରେସରେ ବ୍ରହ୍ମପୁରରୁ ଭୁବନେଶ୍ୱର ଯାଏଁ ଯାତ୍ରା କରିବା ସହିତ ଚିଲିକାର ମନୋରମ ଦୃଶ୍ୟକୁ ଉପଭୋଗ କରିଥିଲେ। ତା ସହ ସମସ୍ତ ବଗି ବୁଲି ଯାତ୍ରୀ ଏବଂ ଛାତ୍ରଛାତ୍ରୀଙ୍କ ସହ କଥା ହୋଇଥିଲେ। ବ୍ରହ୍ମପୁର-ଟାଟାନଗର ବନ୍ଦେଭାରତ ବ୍ରହ୍ମପୁରରୁ ସକାଳ ୫ଟା ୧୫ରୁ ବାହାରି ବାଲୁଗାଁ, ଖୋର୍ଦ୍ଧା ରୋଡ୍, ଭୁବନେଶ୍ୱର, କଟକ, ଜଖପୁରା, ହରିଚନ୍ଦନପୁର, କେନ୍ଦୁଝରଗଡ, ବାଂଶପାଣି, ଚାଇବସା ଷ୍ଟେସନ ଦେଇ ଟାଟନଗରରେ ଦିନ ୨ଟା ୨୦ରେ ପହଞ୍ଚିବ। ସେହିପରି ଟାଟାନଗରରୁ ଦିନ ୨ଟା ୫୦ରେ ଛାଡ଼ି ରାତି ୧୧ଟା ୫୫ରେ ବ୍ରହ୍ମପୁରରେ ପହଞ୍ଚିବ। ସେହିପରି ରାଉରକେଲା-ହାୱଡ଼ା ବନ୍ଦେ ଭାରତ ରାଉରକେଲାରୁ ଦିନ ଗୋଟାଏ ୪୦ରେ ବାହାରି କୋଲକାତାରେ ସଂଧ୍ୟା ୭ଟା ୪୦ରେ ପହଞ୍ଚିବ। ଏହି ଟ୍ରେନ୍ ଚକ୍ରଧରପୁର, ଟାଟାନଗର, ଖଡଗପୁରରେ ରହିବ। ଦୁଇଟି ଯାକ ଟ୍ରେନ ମଙ୍ଗଳବାର ଛଡା ସପ୍ତାହର ଅନ୍ୟ ୬ ଦିନ ଚାଲିବ।


### ରାଜ୍ୟବ୍ୟାପୀ ସୁଭଦ୍ରା ...

ରାଜ୍ୟବ୍ୟାପୀ ଆଜି ଆୟୋଜିତ ହୋଇଛି ସୁଭଦ୍ରା ସ୍ୱାଗତ ପଦଯାତ୍ରା। ସେପଟେ ପରୀକ୍ଷାମୂଳକ ଭାବେ ହିତାଧିକାରୀଙ୍କ ଆକାଉଣ୍ଟକୁ ଟଙ୍କାଏ ଲେଖାଏଁ ପଠାଯାଇଛି। ଏଣେ ସୁଭଦ୍ରା ଲାଗି ଏବେ ସୁଦ୍ଧା ପଞ୍ଜୀକରଣ କରିସାରିଲେଣି ପ୍ରାୟ ୬୦ ଲକ୍ଷ ମହିଳା। ୪୮ ଘଣ୍ଟାରୁ ବି କମ୍ ସମୟ। ଶୁଭାରମ୍ଭ ହେବାକୁ ଯାଉଛି ସୁଭଦ୍ରା। ଆଉ ଉପକୂଳରୁ ଉପାନ୍ତ, ସବୁଠି ଏବେ ଏହି ଯୋଜନାର କ୍ରେଜ୍। ଗୋଟିଏ ଚର୍ଚ୍ଚା, ଗୋଟିଏ ଆଲୋଚନା-ସୁଭଦ୍ରା। ଦିନକ ପରେ ସୁଭଦ୍ରା ହିତାଧିକାରୀ ପ୍ରଥମ କିସ୍ତିରେ ପାଇବେ ୫-୫ ହଜାର ଟଙ୍କା। ତା ପୂର୍ବରୁ ପରୀକ୍ଷାମୂଳକ ଭାବେ ହିତାଧିକାରୀଙ୍କ ଆକାଉଣ୍ଟକୁ ୧ ଟଙ୍କା ଲେଖାଏଁ ପଠାଇଛନ୍ତି ରାଜ୍ୟ ସରକାର। ତାସହିତ ମୋବାଇଲକୁ ଆସିଥିଲା ଏଭଳି କନଫର୍ମେସନ ମେସେଜ୍। ଏହାକୁ ଦେଖିବା ପରେ ମହିଳାମାନେ ଖୁସି ପ୍ରକାଶ କରିବା ସହିତ ମଙ୍ଗଳବାର ନିଶ୍ଚିତ ଭାବେପ୍ରଥମ କିସ୍ତି ଟଙ୍କା ମିଳିବ ବୋଲି କହିଛନ୍ତି। ଏଣେ ବହୁ ପ୍ରତୀକ୍ଷିତ ସୁଭଦ୍ରା ଯୋଜନା ଲଞ୍ଚିଂ ପୂର୍ବରୁ ଗାଁଠୁ ସହର ସବୁଠି ଆଜି ବାହାରିଥିଲା ସୁଭଦ୍ରା ସ୍ୱାଗତ ପଦଯାତ୍ରା। ସୁନ୍ଦରଗଡ଼ରୁ ନୟାଗଡ଼, କନ୍ଧମାଳରୁ ବାଲେଶ୍ୱର ରାଜ୍ୟର କୋଣ ଅନୁକୋଣରେ ଏଭଳି ପ୍ରାୟ ୧୦ ହଜାର ପଦଯାତ୍ରାର ଆୟୋଜନ କରାଯାଇ ଦିଆଯାଇଛି ସଚେତନତା ବାର୍ତ୍ତା। ରାଜଧାନୀ ଭୁବନେଶ୍ୱରରେ ଆୟୋଜିତ ପଦଯାତ୍ରାକୁ ଦୁଇ ଉପମୁଖ୍ୟମନ୍ତ୍ରୀଙ୍କ ସମେତ ଭୁବନେଶ୍ୱର ସାଂସଦ ଓ ମେୟର ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଏହା ମାଷ୍ଟର କ୍ୟାଣ୍ଟିନ୍ ନିକଟ ମା ଗିରିଦୁର୍ଗାଙ୍କ ମନ୍ଦିରରୁ ବାହାରି ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ ପରିସରରେ ଥିବା ମା ରମାଦାବୀଙ୍କ ପ୍ରତିମୂର୍ତ୍ତିଠାରେ ଶେଷ ହୋଇଥିଲା। ଏହି ଅବସରରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଛନ୍ତି, କୋଟିଏ ମାଆମାନଙ୍କୁ ଗୋଟିଏ ପ୍ରୋଗ୍ରାମରେ ଯୋଡ଼ିବାର ସଫଳତା କେବଳ ମୋହନ ସରକାରରେ ସମ୍ଭବ ହୋଇପାରିଛି। ମହିଳାଙ୍କ ନେତୃତ୍ୱରେ ବିକାଶ ଲାଗି ପ୍ରଧାନମନ୍ତ୍ରୀଙ୍କ ଯେଉଁ ସ୍ୱପ୍ନ ଅଛି ତାହା ସୁଭଦ୍ରା ଯୋଜନାରେ ସଫଳ ହେବ।

### ଓଡ଼ିଶା ସୀମାନ୍ତରେ...

ରାଜ୍ୟ ସରକାର । ବନ୍ଦ ସ୍କୁଲ ଚାଲୁ କରିବା ଓ ପିଲାଙ୍କୁ ବୁଝାସୁଝା କରି ସ୍କୁଲ ଆଣିଥାନ୍ତି ଶିକ୍ଷା ଦୂତ । ସୁକମାରେ ମାଓବାଦୀଙ୍କ ଭୟରେ ବନ୍ଦ ଥିବା ସ୍କୁଲ ଖୋଲିଥିଲେ ଦୁଧି ଅର୍ଜୁନ । ଯାହାକୁ ବିରୋଧ କରୁଥିଲେ ମାଓବାଦୀ। ପୂର୍ବରୁ ଦୁଧି ଅର୍ଜନଙ୍କୁ ମାଓବାଦୀ ମାନେ ଧମକ ଦେଇଥିବା ସୁକମା ଏସପି ସୂଚନା ଦେଇଛନ୍ତି । ଗତମାସରେ ମାଲକାନଗିରି ଛତିଶଗଡ ସୀମାନ୍ତ ସୁକୁମା ଜିଲାରେ ଜଣେ ଦଶମ ଶ୍ରେଣୀ ଛାତ୍ରଙ୍କୁ ମାଓବାଦୀ ପିଟି ପିଟି ହତ୍ୟା କରିଥିଲେ। ପୋଲିସ ଇନଫର୍ମର ସନ୍ଦେହରେ ମାଓବାଦୀ ଏପରି ବର୍ବର କାଣ୍ଡ ଘଟାଇଥିଲେ । ମୃତ ଛାତ୍ରଙ୍କ ବଡ ଭାଇଙ୍କୁ ମଧ ମାଓବାଦୀମାନେ ପୋଲିସ ଇନଫର୍ମର ସନ୍ଦେହରେ ହତ୍ୟା କରିଥିଲେ । ମୃତକ ସୁକୁମା ଜିଲାର ଜାଗରକୋଣ୍ଡା ଥାନା ପୂବର୍ତ୍ତୀ ଗାଁର ଦଶମ ଶ୍ରେଣୀ ଛାତ୍ର ସୋୟାମ ଶଙ୍କର । ପୋଲିସର ସୂଚନା ଦାତା ବୋଲି ଅଭିଯୋଗ କରି ମାଓବାଦୀ ଅତି ନିର୍ମମ ଭାବେ ତାଙ୍କୁ ପିଟି ପିଟି ହତ୍ୟା କରିଥିଲେ । ଏହା ପୂର୍ବରୁ ମାଓବାଦୀ ମାନେ ଶଙ୍କରଙ୍କ ଭାଇ ସୋୟାମ ଦୁର୍ଭାକୁ ଗାଁରେ ଗୋଡ଼ାଇ ବାଡ଼ିରେ ପିଟି ପିଟି ହତ୍ୟା କରିଥିଲେ । ଘଟଣାକୁ ନେଇ ସୁକୁମା ଏସପି କିରଣ ଚୌହାନ କହିଥିଲେ ମାଓବାଦୀ ମାନେ ପୋଲିସ ଇନଫର୍ମର ସନ୍ଦେହରେ ସେମାନଙ୍କୁ ହତ୍ୟା କରିଛନ୍ତି । ହେଲେ ସେମାନେ ପ୍ରକୃତରେ ପୋଲିସ ଇନଫର୍ମର ନ ଥିଲେ ବରଂ ଗାଁ ର ସାଧାରଣ ଆଦିବାସୀ ଥିଲେ।

# ଶ୍ୟାମ ସୁନ୍ଦର ଯୁବକ ସଂଘ ପକ୍ଷରୁ ମେଗା ରକ୍ତଦାନ ଶିବିର ଅନୁଷ୍ଠିତ




ବାଲେଶ୍ୱର, ୧୫/୯ (ନି.ପ୍ର): ସ୍ଥାନୀୟ ଦାମୋଦର ପୁର ଦୁର୍ଗା ମଣ୍ଡପ ପରିସରରେ ଶ୍ୟାମ ସୁନ୍ଦର ଯୁବକ ସଂଘ ପକ୍ଷରୁ ଏକ ମେଗା ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି, ବାଲେଶ୍ୱର ଜିଲ୍ଲା ରକ୍ତ ଭଣ୍ଡାରର ନିୟମିତ ରକ୍ତାଭାବ ଙ୍କୁ ଲକ୍ଷ୍ୟ କରି ଶ୍ୟାମ ସୁନ୍ଦର ଯୁବକ ସଂଘ ପକ୍ଷରୁ ଏମିତି ପଦକ୍ଷେପ ନିଆଯାଇଛି ବୋଲି ଯୁବକ ସଂଘର ସଭାପତି ସ୍ୱର୍ ଝଙ୍କାର ସେଠୀ ସାମ୍ବାଦିକଙ୍କୁ କହିଥିଲେ, ଏମିତି ଅନେକ ଜନହିତ କର କାର୍ଯ୍ୟ ପୂର୍ବରୁ କରାଯାଉ ଥିବା ବେଳେ ଆଗାମୀ ଦିନର ବାଲେଶ୍ୱର ସହର ଓ ଗ୍ରାମାଞ୍ଚଳ ରେ କରାଯିବା ନେଇ ସମ୍ପାଦକ ରଞ୍ଜନ କୁମାର୍ ରଣା କହିଥିଲେ ଏହି କାର୍ଯ୍ୟକ୍ରମରେ ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, ସଦର ବିଧାୟକ ମାନସ ଦତ୍ତ, ଟାଉନ୍ ଥାନା ଆଇ ଆଇ ସି ଅଶୋକ ନାୟକ ପୂର୍ବତନ ବିଧାୟକ ସ୍ୱରୂପ ଦାସ, ବାଲେଶ୍ୱର ଉପ ନଗର ପାଳ କୈଳାଶ ଚନ୍ଦ୍ର ସେଠୀ, ପୂର୍ବତନ ଉପ ନଗର ପାଳ ମନୋଜ ରାଉତ୍, ସମାଜ ସେବୀ ବିକ୍ରମ ପଣ୍ଡା, ସୁଜିତ୍ ଦେବ, ନିଶିଥ ବାରିକ୍,ଯୋଗଦେଇ ସମସ୍ତ ରକ୍ତଦାତା ଙ୍କୁ ଉତ୍ସାହିତ କରିଥଲେ, ଏହି ଶିବିର ର ଅନୁଷ୍ଠାନ ପକ୍ଷରୁ ସମସ୍ତ ରକ୍ତ ଦାତା ଙ୍କୁ ୧ଲକ୍ଷ ଟଙ୍କାର ଦୁର୍ଘଟଣା ବିମା ପ୍ରଦାନ୍ କରାଯାଇଥିଲା, ଅନ୍ୟ ମାନଙ୍କ ମଧ୍ୟରେ ହରେନ୍ ଚନ୍ଦ୍ର ରଣା, ଲକ୍ଷ୍ମୀ ନାରାୟଣ ଘୋଷ, ଲମ୍ବୋଦର ପ୍ରଧାନ, ଯୋଗେନ୍ ଚନ୍ଦ୍ର ରଣା, ଆଲୋକ ପଣ୍ଡା, ଆଲୋକ ଦାସ, ଜଗନ୍ନାଥ ମହାରଣା, ଶୁଶାନ୍ତ ରଣା, ପ୍ରଦୀପ ଦାସ, ସ୍ନିଗ୍ଧ ସୌରଭ ଦାସ, ମିନତୀ ସେଠୀ, ରାଜେଶ୍ ବର୍ଦ୍ଧନ, କିଶୋର ଅଗରୱାଲ, ରାଜ କିଶୋର ରଣା, ଜୀତେନ୍ଦ୍ର ବେହେରା, ଜୀତେନ୍ଦ୍ର ସିଂହ, ରାମ କୃଷ୍ଣ ବରଧନ, କାଜଲ ରଣା, ସଞ୍ଜୀବ ଜେଠି,ଦେବ କିଶୋର ରଣା, ରବିନ୍ଦ୍ର ସାହୁଙ୍କ ସମେତ ଅନେକ ସଦସ୍ୟ, ସଦସ୍ୟା ଓ ଗ୍ରାମ ବାସୀ ସହଯୋଗ କରିଥଲେ।

ସୋମବାର, ୧୬ ସେପ୍ଟେମ୍ବର , ୨୦୨୪

ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା

# ଜିଲ୍ଲା ସ୍କୁଲ୍ ଭୂସଂପତ୍ତିର ସୁରକ୍ଷା ଦାବିରେ ସିଭିଲ୍ ସୋସାଇଟି ସହ ସାମାଜିକ ସଂଗଠନମାନଙ୍କ ବୈଠକ ୧୯ରେ

ବାଲେଶ୍ୱର, ୧୫/୯ (ନି.ପ୍ର): ସିଭିଲ୍ ସୋସାଇଟି ପକ୍ଷରୁ ବାଲେଶ୍ୱର ଜିଲ୍ଲା ସ୍କୁଲ୍ ଭୂ-ସଂପତ୍ତିର ସୁରକ୍ଷା ପାଇଁ ଆହୂତ ପରିବର୍ଦ୍ଧିତ ବୈଠକ ଆସନ୍ତା ୧୯ ତାରିଖ ଗୁରୁବାର ଅପରାହ୍ନ ୫ଟାରେ ପୁନଶ୍ଚ ବସିବା ପାଇଁ ଶନିବାର ଦିନ ବୈଠକରେ ନିଷ୍ପତ୍ତି ନିଆଯାଇଛି। ଶନିବାର ଦିନ ପ୍ରତିକୂଳ ପାଗ କାରଣରୁ ଏହି ନିଷ୍ପତ୍ତି ନିଆଗଲା ବୋଲି ବୈଠକରେ ସ୍ଥିର ହୋଇଛି। ଶନିବାର ସନ୍ଧ୍ୟାରେ ସଭାପତି ଅନ୍ତର୍ଯ୍ୟାମୀ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ପରିବର୍ଦ୍ଧିତ ବୈଠକରେ ଆବଶ୍ୟକୀୟ ଉପସ୍ଥାନ କାରଣରୁ ଅନ୍ୟ ଏକ ତାରିଖରେ ପ୍ରସ୍ତାବିତ ବୈଠକ ଆହ୍ୱାନ ପାଇଁ ସଂପାଦକ ମନୋଜ ନାୟକ ପ୍ରସ୍ତାବ ଦେଇଥିଲେ। ପ୍ରବଳ ବର୍ଷା କାରଣରୁ ବୈଠକରେ ଯୋଗଦେଇ ପାରୁନଥିବାର ବହୁ ସଦସ୍ୟ/ସଦସ୍ୟା ଟେଲିଫୋନ୍‌ରେ ଜଣାଇଥିବାର କେତେକ କର୍ମକର୍ତ୍ତା ପ୍ରକାଶ କରିଥିଲେ। ତେଣୁ ଚଳିତ ମାସ ଶେଷ ସପ୍ତାହରେ ପ୍ରସ୍ତାବିତ ଗଣ ଆନ୍ଦୋଳନ ସଂପର୍କରେ ଆସନ୍ତା ପରିବର୍ଦ୍ଧିତ ବୈଠକରେ ସବିଶେଷ ଆଲୋଚନା ଓ ନିଷ୍ପତ୍ତି ନିଆଯିବ ଏବଂ ଏହି ବୈଠକରେ ଜିଲ୍ଲାର ପ୍ରମୁଖ ସାମାଜିକ ସଂଗଠନ ଓ ଗଣସଂଗଠନମାନଙ୍କ ପ୍ରତିନିଧି ଯୋଗ ଦେବାକୁ ଅନୁରୋଧ କରାଯିବ ବୋଲି ସଂପାଦକ ଶ୍ରୀ ନାୟକ ଜଣାଇଥିଲେ। ଏହି ବୈଠକରେ ସ୍କୁଲ୍ ପରିଚାଳନା କମିଟିର ସଭାପତି ସଂଜୀବ ମିଶ୍ର, ସିଭିଲ୍ ସୋସାଇଟି ପକ୍ଷରୁ ଗୌରାଙ୍ଗ ପାଣିଗ୍ରାହୀ, ସୀତାରାମ ପ୍ରଧାନ, ବିକାଶ ଦାସ, କମଳ ଲୋଚନ ଆଚାର୍ଯ୍ୟ, ବାସନ୍ତୀ ନାୟକ, ଅନ୍ନପୂର୍ଣ୍ଣା ଆଚାର୍ଯ୍ୟ, ପ୍ରଶାନ୍ତ କୁମାର ପାଢ଼ୀ, ଶରତ ଚନ୍ଦ୍ର ଦଳାଇ, କମଳାକାନ୍ତ ବେହେରା, ଶେଖ ଅବଦୁଲ ଜାରୀ ଓ ପୂର୍ଣ୍ଣଚନ୍ଦ୍ର ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ଶ୍ୟାମ ସୁନ୍ଦର ଜେନା ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।

# ସୁଭଦ୍ରା ଯୋଜନା ଉପଲକ୍ଷେ ଖୋର୍ଦ୍ଧା ବ୍ଲକସ୍ତରୀୟ ଶୋଭାଯାତ୍ରା

ଖୋର୍ଦ୍ଧା, ୧୫/୯ (ନି.ପ୍ର): ଆଜି ପୂର୍ବାହ୍ନରେ ସୁଭଦ୍ରା ଯୋଜନା କାର୍ଯ୍ୟକ୍ରମ ର ଖୋର୍ଦ୍ଧା ବ୍ଲକ ସ୍ତରୀୟ ବିଶାଳ ସଚେତନତା ଶୋଭାଯାତ୍ରା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ରୁ ବାହାରି ଜୟିରାଜଗୁରୁ ଟାଉନ ହଲ ପର୍ଯ୍ୟନ୍ତ ଚାଲୁ ରହିଥିଲା। ଏହି ଶୋଭାଯାତ୍ରା ରେ ଖୋର୍ଦ୍ଧା ବିଧାୟକ ପ୍ରଶାନ୍ତ ଜଗଦ୍ଦେବ, ଜିଲ୍ଲା ପରିଷଦ ଅଧ୍ୟକ୍ଷା ରୁପଶ୍ରୀରାଣୀ ଗୁମାନସିଂହ, ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ଗୋପିନାଥ ମହାରଣା, ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ପ୍ରତାପ ଚନ୍ଦ୍ର ବେଉରା, ଉପ-ଜିଲ୍ଲାପାଳ ଦିପ୍ତି ରଞ୍ଜନ ସେଠି, ପୋର ପରିଷଦ ଅଧ୍ୟକ୍ଷା କନକଲକ୍ଷ୍ମୀ ମହାନ୍ତି, ଜିଲ୍ଲା ପରିଷଦ ୧ ନ. ଜୋନ୍ ସଭ୍ୟ ପ୍ରଫୁଲ୍ଲ ଦଳେଇ ପ୍ରମୁଖ ସାମିଲ୍ ହୋଇଥିଲେ। ଆହୁରି ମଧ ଅଙ୍ଗନବାଡି କର୍ମୀ, ସିଆରପି, ଏମ୍‌.କେ, ବିପିସି, ଏଲଏଫ ମେମ୍ବର, ଏସ.ଏଚ.ଜି ମେମ୍ବର ପ୍ରମୁଖ ଯୋଗଦେଇ ଥିଲେ। ଟାଉନହଲ ଠାରେ ଏକ ବୈଠକ ଆୟୋଜନ କରାଯାଇଥିଲା। ବୈଠକ କୁ ପରିଚାଳନା କରିଥିଲେ ବିଡିଓ, ଖୋର୍ଦ୍ଧା କ୍ଷାର୍ଣ୍ଣିତନୟା ସାହୁ। ସୁଭଦ୍ରା ଯୋଜନା ର ସଚେତନତା ବାର୍ତ୍ତା ର ପ୍ରସାର କର୍‌ି।ମା ମାନେ ସ୍ୱାବଲମ୍ବୀ ହେବା ଓ ଆଗକୁ ଯିବାର ଏହା ଏକ ପ୍ରୟାସ ବୋଲି ମାନ୍ୟବର ବିଧାୟକ ତାଙ୍କର ବକ୍ତବ୍ୟ ରେ ରଖିଥିଲେ । ଆହୁରି ମଧ ସେ କହିଛନ୍ତି ଆସନ୍ତା ୧୭ ତାରିଖ ଦିନ ମାନ୍ୟବର ପ୍ରଧାନ ମନ୍ତ୍ରୀଙ୍କ ଜନ୍ମ ତିଥି ରେ ପ୍ରତି ପଞ୍ଚାୟତ ରୁ ୧୦୦ ଜଣ ଲେଖାଏଁ ମା ଏହି କାର୍ଯ୍ୟକ୍ରମରେ ସାମିଲ ହେ୍ବେ। ଦରଖାସ୍ତ ଦାଖଲର ସମୟସୀମା ବର୍ଷ ସାରା ଚାଲୁ ରହିବ ବୋଲି ମା ମାନଙ୍କୁ ଆଶ୍ୱାସନା ଦେଇ ଥିଲେ। କାମରେ ଛୋଟ ବଡ଼ ନଥାଏ ଆକ୍ଟିଭ୍ହ ହୋଇ ନେତୃତ୍ୱ ନେବାକୁ ପରାମର୍ଶ ଦେଇଥିଲେ ।

# ବସ୍ତାରେ ସୁଭଦ୍ରା ସ୍ୱାଗତ ପଦଯାତ୍ରା

ବସ୍ତା୧୫।୯(ନିପ୍ର) ସୁଭଦ୍ରା ଯୋଜନା ମାଧ୍ୟମରେ ପ୍ରତ୍ୟେକ ମହିଳାଙ୍କ ଖାତାରେ ଆସିଲା ଏକ ଟଙ୍କା। ଏହି ସୁଭଦ୍ରା ଯୋଜନାକୁ ସ୍ୱାଗତ କରି ସଚେତନ ପଦଯାତ୍ରାରେ ସାମିଲ ହେଲେ ଶହ ଶହ ମହିଳା କ୍ଷ ସୂଚନା ଅନୁଯାଇ ବସ୍ତା ବ୍ଲକ ପ୍ରଶାସନ ଓ ଅଙ୍ଗନବାଡି କର୍ମୀ ଏବଂ ସୁଭଦ୍ରା ଯୋଜନାରେ ପଞ୍ଜିକରଣ କରିଥିବା ମହିଳା ମାନେ ବସ୍ତା ରେଳ ଷ୍ଟେସନ ଠାରୁ ଶମ୍ଭୁନାଥ ସ୍କୁଲ ପ୍ରଯ୍ୟନ୍ତ ଏକ ପଦଯାତ୍ରା ରେ ଆସିଥିଲେ । ପରେ ଶମ୍ଭୁନାଥ ହାଇସ ସ୍କୁଲ ପରିସରରେ ଏକ ସଚେତନ କାର୍ଯ୍ୟକ୍ରମ ଆୟୋଜନ କରାଯଇଥିଲା । ଏହି କାର୍ଯ୍ୟକ୍ରମରେ ବ୍ଲକ ବି.ଡି.ଓ ରାଧା ରଞ୍ଜନ ଦାସ, ସି.ଡି.ପି.ଓ ଦୀପ୍ତିରାଣୀ ସିଂ ସାଂସଦଙ୍କ ପ୍ରତିନିଧି ପ୍ରଦୀପ ପଣ୍ଡା,ଜି.ପି.ଓ ଅଞ୍ଜନ ପାଣିଗ୍ରାହୀ, ବି.ପି.ସି ମହେନ୍ଦ୍ର କୁମାର ମୋହନ୍ତ, ସି.ପି.ଓ ହୃଷିକେଶ ମୋହନ୍ତ, ବି.ପି.ଏମ ରବୀନ୍ଦ୍ର ଦାସ, ବି.ଏଲ.ସି ତ୍ରିଲୋଚନ ପରିଡା ଏବଂ ଆଶା କର୍ମୀ ଓ ମିଶନ ଶକ୍ତି ମହିଳା ମାନେ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ । ତେଣୁ ଏହି ଯୋଜନା ମାଧ୍ଯମରେ ପ୍ରତ୍ଯେକ ମହିଳା ଆତ୍ମନିର୍ଭର ଶିଳ ହୋଇ ଲାଭ ପାରିବେ ଏ ସମ୍ପର୍କରେ ଆଲୋଚନା ହୋଇଥିଲା ।

# ହରିୟାଣାରେ ଦଳୀୟ କାର୍ଯ୍ୟକର୍ତ୍ତାଙ୍କ ସହ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ରଙ୍କ ବୈଠକ




ହରିୟାଣା, ୧୫/୯ : ହରିୟାଣାର ବିକାଶକୁ ସମ୍ପୂର୍ଣ୍ଣ ବନ୍ଦ କରି ପୁଣି ଥରେ କୃଷକଙ୍କ ଜମି ଦଖଲ କରିବା, ଦଳିତ ଓ ମହିଳାଙ୍କ ଉପରେ ଅତ୍ୟାଚାର କରିବା ଏବଂ ଯୁବକମାନଙ୍କୁ ସେହି ପୁରୁଣା ସ୍ଥିତାବସ୍ଥାକୁ ଫେରାଇ ଆଣିବା କଂଗ୍ରେସର ମୂଳ ରାଜନୈତିକ ଉଦ୍ଦେଶ୍ୟ ରହିଛି ବୋଲି କହିଛନ୍ତି ହରିୟାଣା ନିର୍ବାଚନ ପ୍ରଭାରୀ ତଥା କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ହରିୟାଣା ଗସ୍ତରେ ଥିବା କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ ଆଜି କରନାଲରେ ବିଜେପି କାର୍ଯ୍ୟକର୍ତ୍ତାଙ୍କୁ ଭେଟିବା ସହ ସଂଗଠନାତ୍ମକ ବିଷୟ ଉପରେ ଆଲୋଚନା କରିଛନ୍ତି । ପ୍ରଚାର କରିବା ଅବସରରେ ସେ କହିଛନ୍ତି ହରିୟାଣାରେ ବିଜେପି ବିଜୟର ହ୍ୟାଟ୍ରିକ୍ ହେବାକୁ ଯାଉଛି । ବିଧାନସଭା ନିର୍ବାଚନ ପାଇଁ ବିଜେପି କାର୍ଯ୍ୟକର୍ତ୍ତାଙ୍କ ମଧ୍ୟରେ ମଧ୍ୟରେ ପ୍ରବଳ ଉତ୍ସାହ ଦେଖାଯାଇଛି । ବିଗତ ୧୦ ବର୍ଷରେ ରାଜ୍ୟରେ ଅନେକ ବିକାଶମୂଳକ କାର୍ଯ୍ୟ ହୋଇଛି । ବିଗତ ୧୦ ବର୍ଷ ଧରି ବିଜେପି ନିରନ୍ତର ଭାବେ ହରିୟାଣାର ସେବା କରିଆସୁଛି । ହରିୟାଣାର ମୁଖ୍ୟମନ୍ତ୍ରୀ ନାୟବ ସିଂହ ସୈନୀ ପ୍ରତ୍ୟେକ ବର୍ଗଙ୍କ କଲ୍ୟାଣ ପାଇଁ ଦୂରଦୃଷ୍ଟିସମ୍ପନ୍ନ ନିଷ୍ପତ୍ତି ନେଇଛନ୍ତି । କୃଷକମାନଙ୍କୁ ସମସ୍ତ କୃଷି ସାମଗ୍ରୀ ଉପରେ ସର୍ବନିମ୍ନ ସହାୟକ ମୂଲ୍ୟ(ଏମଏସପି)ର ଗ୍ୟାରେଣ୍ଟି ଦେବାରେ ହରିୟାଣା ହେଉଛି ପ୍ରଥମ ରାଜ୍ୟ । ବିଜେପି ସରକାରରେ ଏହି ରାଜ୍ୟରେ ଯୁବବର୍ଗଙ୍କ ସ୍ୱାର୍ଥକୁ ପ୍ରାଧାନ୍ୟ ଦିଆଯାଇ ସେମାନଙ୍କୁ ସରକାରୀ ଚାକିରି ପ୍ରଦାନ କରାଯାଇଛି । ଗୋଟିଏ ପଟେ ସୈନୀ ସରକାର ଚାଷୀଙ୍କ ସ୍ୱାର୍ଥ ପାଇଁ ଚିନ୍ତା କରୁଛନ୍ତି । ଅନ୍ୟ ଗୋଟିଏ ପକ୍ଷରେ ବାପା ପୁଅଙ୍କ ଶାସନରେ ଚାଷୀଙ୍କ ଚାଷଜମି ଦଖଲ କରିବା ପାଇଁ ଯୋଜନା କରାଯାଉଛି । ଯେଉଁମାନେ ଏମଏସପି ନାଁରେ ଚାଷୀଙ୍କୁ ଠକିଥା'ନ୍ତି ସେମାନେ କେବେ ବି ନିଜ ସରକାରରେ ଗ୍ୟାରେଣ୍ଟି ପୂରଣ କରନ୍ତି ନାହିଁ । କଂଗ୍ରେସ ଠାରୁ ଜନତା କେବଳ ମିଛର ଗ୍ୟାରେଣ୍ଟି ପାଇଥା'ନ୍ତି । ହରିୟାଣାର ସଚେତନ ଓ ସ୍ୱାଭିମାନୀ ଲୋକମାନେ କଂଗ୍ରେସର ହରିୟାଣା ବିରୋଧୀ ଓ ଜନବିରୋଧୀ ମାନସିକତାକୁ ଭଲ ଭାବରେ ବୁଝିଛନ୍ତି । ସେଥିପାଇଁ ଆଗାମୀ ବିଧାନସଭା ନିର୍ବାଚନରେ ଜନତା, କଂଗ୍ରେସ ଏବଂ ବାପା ପୁଅଙ୍କୁ ହରାଇ ସେମାନଙ୍କୁ ଏକ ଶିକ୍ଷା ଦେବାକୁ ଯାଉଛନ୍ତି । ଆହରିୟାଣାର ଡବଲ ଇଞ୍ଜିନ ସରକାର କୃଷକ, ମହିଳା, ଦଳିତ, ବଞ୍ଚିତ ଏବଂ ଯୁବବର୍ଗଙ୍କ ନନଷ୍ଟପ୍ ବିକାଶ କରି ବିକଶିତ ହରିୟାଣା ଗଠନ କରିବା କାମରେ ଲାଗିଛନ୍ତି । ହରିୟାଣାର ବିଜେପି ସରକାର ଉପରେ ଜନସାଧାରଣଙ୍କ ଅତୁଟ ବିଶ୍ୱାସ ରହିଛି ବୋଲି ଶ୍ରୀ ପ୍ରଧାନ କହିଛନ୍ତି।

## ହୀରାକୁଦ ଜଳଭଣ୍ଡାରର ୬ ସ୍ଲୁଇସ୍ ଗେଟ୍ ଦେଇ ବନ୍ୟାଜଳ ନିଷ୍କାସନ ଜାରି

ସମ୍ବଲପୁର, ୧୫/୯ (ନି.ପ୍ର): ହୀରାକୁଦ ଜଳଭଣ୍ଡାରରୁ ମୋଟ୍ ୬ ସ୍ଲୁଇସ୍ ଗେଟ୍ ଦେଇ ମହାନଦୀକୁ ବନ୍ୟାଜଳ ନିଷ୍କାସନ ଜାରି ରହିଛି । ଜଳଭଣ୍ଡାରର ବାମ ପାର୍ଶ୍ୱ ଡାଇକ୍ ର ୪ଟି ଓ ଡାହାଣ ପାର୍ଶ୍ୱ ଡାଇକ୍ ର ୨ଟି ସ୍ଲୁଇସ୍ ଗେଟ୍ ଖୋଲା ଅଛି । ଜଳଭଣ୍ଡର ମଧକୁ ପ୍ରତି ସେକେଣ୍ଡରେ ୧ ଲକ୍ଷ ୪୫ ହଜାର ୧୦୪ କ୍ୟୁସେକ ଜଳ ପ୍ରବେଶ କରୁଥିବା ବେଳେ ୬ଟି ସ୍ଲୁଇସ୍ ଗେଟ୍, ବିଭିନ୍ନ ସ୍ପିଲୱେ ଓ ପାୱାର ଚେନେଲ ଦେଇ ପ୍ରତି ସେକେଣ୍ଡରେ ୧ ଲକ୍ଷ ୨୧ ହଜାର ୨୯୯ କ୍ୟୁସେକ ଜଳ ନିଷ୍କାସନ ହେଉଛି । ରବିବାର ସଂନ୍ଧ୍ୟା ୬ଟା ସୁଦ୍ଧା ଜଳଭଣ୍ଡାରର ଜଳ ପତନ ୬୨୮.୧୦ ଫୁଟ୍ ରହିଛି। ଜଳଭଣ୍ଡାରର ଜଳ ପତନ ଉପରେ ବିଭାଗୀୟ ସର୍ବୋଚ୍ଚ ଯନ୍ତ୍ରୀ ଓ ବିଶେଷଜ୍ଞ ମାନେ ତୀକ୍ଷ୍ମ ଦୃଷ୍ଟି ରଖିଛନ୍ତି ।

# ଅଜଣା ରୋଗରେ ମେଧାବୀ ଛାତ୍ରୀ: ସୋମ ହସ୍ପିଟାଲର ଆଇସିୟୁରେ ଚିକିତ୍ସାଧୀନ



ନୀଳଗିରି, ୧୫/୯ (ନି.ପ୍ର): ବାପା ମାଆଙ୍କ ଏକମାତ୍ର ଝିଅର ଅଜଣା ରୋଗରେ ଭାରାକ୍ରାନ୍ତ ପରିବାର। ଝିଅ ସ୍ନେହାଶ୍ରୀ (୧୩) ଜଣେ ମେଧାବୀ ଛାତ୍ରୀ ଭାବରେ ଭଲ ପାଠ ପଢୁଥିବାରୁ ବାପା ମା ଅନେକ ସ୍ୱପ୍ନ ଦେଖିଥିଲେ। ପାଠ ପଢି ବାପା ମାଙ୍କ ନାମ ରଖିବା ସହିତ ଅଞ୍ଚଳବାସିଙ୍କ ପାଖରେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିବାର ଆଶା ଆଜି ଆଶାରେ ରହିବା ସହିତ ସମାନ। ସୂଚନା ଅନୁଯାୟୀ ନୀଳଗିରି ବ୍ଲକ୍ ଧୋବଶିଳା ଗ୍ରାମର ସୁଧିରଞ୍ଜନ ନାୟକ ଏବଂ ମାଆ ସଂଜୁରାଣୀ ନାୟକଙ୍କ ଏକମାତ୍ର କନ୍ୟା ସ୍ନେହାଶ୍ରୀ ଜାମୁଡ଼ିହା ସ୍ଥିତ ଆଦର୍ଶ ବିଦ୍ୟାଳୟରେ ଅଷ୍ଟମ ଶ୍ରେଣୀର ପଢୁଥିବା ବେଳେ କିଛିଦିନ ପୂର୍ବରୁ ଅସୁସ୍ଥତା କାରଣରୁ ବାଲେଶ୍ୱର ହସ୍ପିଟାଲରେ ଚିକିତ୍ସା କରାଇ ମେଡ଼ିସିନ ଖାଉଥିଲେ। ଇତିମଧ୍ୟରେ ବିଦ୍ୟାଳୟରେ ଅଗ୍ରପୂଜ୍ୟ ଗଣେଶଙ୍କ ପୂଜାରେ ସହପାଠୀଙ୍କ ସହିତ ପୂଜାରେ ଭାଗ ନେଇଥିଲେ। ବିଦ୍ୟାଳୟରେ ଅବସ୍ଥାନ କରୁଥିବା ବେଳେ ସ୍ନେହାଶ୍ରୀଙ୍କ ଦେହ ଅଧିକ ଖରାପ ହେବା ସହିତ ଜ୍ୱରରେ ପୀଡ଼ିତ ହୋଇ ଘରକୁ ଆସିଥିଲେ। ଧିରେ ଧିରେ ତାଙ୍କର ଶରୀରରେ ବିଭିନ୍ନ ସ୍ଥାନରେ ପାଣି ଫୋଟକା ଭଳି ବାହାରି ଶରୀରରୁ ଚମଡା ବାହାରିବାକୁ ଲାଗିଲା।ଅବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ ଭୁବନେଶ୍ୱର ସ୍ଥିତ ସୋମ ହସ୍ପିଟାଲ୍ ଶିଶୁବିଭାଗରେ ଆଡମିଟ୍ କରାଯାଇ ଚିକିତ୍ସା କରାଯାଉଥିବା ବେଳେ ଗତ ୯ତାରିଖରେ ତାଙ୍କ ଜେଜେବାପା ଉମ୍ବରୁଧରଙ୍କ ଦେହାନ୍ତ ହୋଇଥିଲା। ସେହିଦିନ ମଧ ସ୍ନେହାଶ୍ରୀଙ୍କ ଅବସ୍ଥା ଗୁରୁତର ହେବାରୁ ଆଇସିୟୁରେ ଭର୍ତ୍ତି କରାଯାଇଥିଲା। ଏବେବି ତାଙ୍କର ଅବସ୍ଥା ସଙ୍କଟାପନ୍ନ ଥିବାରୁ ତାଙ୍କୁ ଭେଣ୍ଟିଲେଟରରେ ରଖାଯାଇଥିବା ପରିବାର ସୂତ୍ରରୁ ପ୍ରକାଶ। ପ୍ରଫେସର ଡଃ ଦେବସ୍ମିତା ରଥ ଝିଅର ଚିକିତ୍ସା କରୁଥିବା ବେଳେ ଅଞ୍ଚଳବାସୀ ଝିଅର ଆଶୁ ଆରୋଗ୍ୟ କାମନା କରି ଶୀଘ୍ର ସୁସ୍ଥହୋଇ ଘରକୁ ଫେରନ୍ତୁ ବୋଲି ଡାକ୍ତରଙ୍କ ଠାରେ ନିବେଦନ କରିଛନ୍ତି। ବାପା ନୀଳଗିରି ସହରରେ ଏକ ଛୋଟିଆ ଲୁଗା ଦୋକାନ କରି ପରିବାର ପ୍ରତିପୋଷଣ କରୁଥିବା ବେଳେ ଝିଅର ଉନ୍ନତ ଚିକିତ୍ସା ପାଇଁ ଯଦି କୌଣସି ସ ହୃଦୟ ବ୍ୟକ୍ତି କିମ୍ବା ଅନୁଷ୍ଠାନ ଚାହାନ୍ତି ତାହେଲେ ଉକ୍ତ ମେଧାବୀ ଛାତ୍ରୀର ଜୀବନ ରକ୍ଷା ପାଇଁ ସାହାଯ୍ୟର ହତା ବଢ଼ାଇବାକୁ ଅନୁରୋଧ କରାଯାଇଛି। ଏନେଇ ଆଦର୍ଶ ବିଦ୍ୟାଳୟର କର୍ତ୍ତୃପକ୍ଷ ଛାତ୍ରୀ ସ୍ନେହାଶ୍ରୀଙ୍କ ପିତାଙ୍କର ୯୭୭୭୦୮୪୮୪୯ମୋବାଇଲ ନମ୍ବର ଜାରି କରି ସାହାଯ୍ୟର ହାତ ବଢ଼ାଇବାକୁ ଅନୁରୋଧ କରିଛନ୍ତି।

# ବୋମା ମାଡରେ କଂଗ୍ରେସ ନେତାଙ୍କ ମୃତ୍ୟୁ: ମାଲଦାରେ ଉତ୍ତେଜନା

ମାଲଦା, ୧୫ ସେପ୍ଟେମ୍ବର (ହି.ସ.)- ମାଲଦା ଜିଲ୍ଲା ଅନ୍ତର୍ଗତ ମାନିକଚକ ଅଂଚଳରେ ରବିବାର ସକାଳେ ଘଟିଥିବା ବୋମା ମାଡରେ ଜଣେ କଂଗ୍ରେସ ନେତାଙ୍କ ପ୍ରାଣହାନି ଘଟିଛି । ପୋଲିସ ସୂତ୍ରରୁ ପ୍ରାପ୍ତ ସୂଚନା ମୁତାବକ, ମୃତକଙ୍କ ନାମ ଶେଖ ସୈଫୁଦ୍ଦିନ ଅଟେ । ସେ କଂଗ୍ରେସର କାର୍ଯ୍ୟକର୍ତ୍ତା ଥିଲେ । ଘଟଣାକୁ ନେଇ ସେଠାରେ ଉତେଜନା ସୃଷ୍ଟି ହୋଇଛି । ମୃତକଙ୍କ ପରିବାର ଲୋକ ଅଭିଯୋଗ କରିଛନ୍ତି ଯେ, ତୃଣମୂଳ ନେତା ନାସିର ଶେଖ୍ଙ୍କ ସମର୍ଥକ ଏହି କାଣ୍ଡ ଘଟାଇଛନ୍ତି । ପ୍ରକାଶ ଥାଉକି, ଏହା ପୂର୍ବରୁ ମଧ ରାଜନୈତିକ ସଂଘର୍ଷର କାରଣ ଏକ ତୃଣମୂଳ କାର୍ଯ୍ୟକର୍ତ୍ତାଙ୍କ ମୃତ୍ୟୁ ଘଟିଛି । ପ୍ରାଥମିକ ତଦନ୍ତରୁ ପୋଲିସର ଅନୁମାନ ଯେ, ପ୍ରତିଶୋଧ ନେବାକୁ ଯାଇ ଏହି ହତ୍ୟାକାଣ୍ଡ ସଂଗଠିତ ହୋଇଛି ।

# 'ମୋନା' ଦେଲା ଧାରଣାର ଚେତାବନୀ: ମଦ ବିରୁଦ୍ଧରେ ଆନ୍ଦୋଳନ ପାଇଁ ଉଦଳାରେ ପ୍ରସ୍ତୁତି ପର୍ବ



ଉଦଳା , ୧୫/୯ (ନି.ପ୍ର): ମିଳିତ ଓଡ଼ିଶା ନିଶା ନିବାରଣ ଅଭିଯାନ (ମୋନା) ତରଫରୁ ଓଡ଼ିଶାରୁ ମଦ କୁ ସମ୍ପୂର୍ଣ୍ଣ ବନ୍ଦ କରିବା ପାଇଁ ପ୍ରସ୍ତୁତି ପର୍ବ ଆରମ୍ଭ ହୋଇଛି । 'ମୋନା'ର ଉଦଳା ଶାଖା ତରଫରୁ ଏଥିପାଇଁ ଧାରଣାର ଚେତାବନୀ ଦିଆଯାଇଛି । ଚଳିତ ସେପଟ୍ମ୍ବେର ୧୪ ତାରିଖ ଶନିବାର ଦିନ ଏଥିପାଇଁ ଉଦଳା ରୋଟାରି କ୍ଲବର ସଭାପତି ପ୍ରହ୍ଲାଦ ଦାସଙ୍କ ଅଧ୍ୟକ୍ଷତାରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇ ଯାଇଛି । 'ମୋନା'ର ରାଜ୍ୟ ସଂଗଠନ ସଚିବ ମନମୋହନ ମିଶ୍ର ପ୍ରାରମ୍ଭରେ ନିଶା ଦ୍ରବ୍ୟ ସେବନର ଭୟାବହତା ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିବା ସହ, ହେବାକୁ ଥିବା ଧାରଣାର ରୂପରେଖ କିପରି ରହିବ ସେଥିପାଇଁ ସମସ୍ତେ ମତାମତ ଦେବାକୁ ଅନୁରୋଧ ଜଣାଇଥିଲେ । ଏହାପରେ ଅଶୋକ କୁମାର ମହାନ୍ତି, ଅନନ୍ତ ଚରଣ ପାତ୍ର , ଚିତରଂଜନ ବାରିକ, ମିନୁ ସିଂ, ସାଇବାଣି ବିଶ୍ୱାଳ, ରେବତି ରାଉତ, ସୁବାସିନି ପଢ଼ିଆଳ ପ୍ରମୁଖ ନିଜ ନିଜର ମତାମତ ଉପସ୍ଥାପନ କରିଥିଲେ । ବୈଠକରେ ଚଳିତ ସେପଟ୍ମ୍ବେର ୨୭ ତାରିଖ ଶୁକ୍ରବାର ଦିନ ସ୍ଥାନୀୟ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାର ପର୍ବ ଅନୁଷ୍ଠିତ ହେବ ବୋଲି ନିଷ୍ପତି ନିଆଯାଇଛି । ଶେଷରେ ସୁବ୍ରତ କୁମାର ମହାନ୍ତି ଧନ୍ୟବାଦ ଅର୍ପଣ କରିବା ସହ ଧାରଣାକୁ ସଫଳ କରିବା ପାଇଁ ସମସ୍ତଙ୍କର ସହଯୋଗ କାମନା କରିଥିଲେ । ସ୍ୱେଚ୍ଛାକୃତ ଭାବେ ଯେଉଁମାନେ ଏହି ଆନ୍ଦୋଳନରେ ସାମିଲ ହେବାକୁ ଚାହୁଁଛନ୍ତି ସେମାନେ ମୋବାଇଲ ନମ୍ବର ୭୦୭୭୯୫୭୦୪୬ ସହିତ ଯୋଗାଯୋଗ କରିବାକୁ କୁହାଯାଇଛି ।

# ଲଗାଣ ବର୍ଷା ଯୋଗୁଁ ଜମିରେ ପର୍ଯ୍ୟାପ୍ତ ପାଣି: ଚାଷୀ ଆଶ୍ୱସ୍ତ

ଲଙ୍ଗଳେଶ୍ୱର, ୧୫/୯ (ନି.ପ୍ର): ଗଲା ତିନି ଦିନ ହେଲା ଲଘୁଚାପ ଜନିତ ଲଗାଣ ବର୍ଷା ଯୋଗୁଁ ଚାଷ ଜମିରେ ଏବେ ପର୍ଯ୍ୟାପ୍ତ ପରିମାଣରେ ପାଣି ହୋଇଛି।ଫଳରେ ଚାଷୀ ଆଶ୍ୱସ୍ତ ହୋଇଛନ୍ତି। ଚଳିତ ବର୍ଷ ବାଲିଆପାଳ ଅଞ୍ଚଳରେ ଖରିଫ ଧାନ ଚାଷ ପ୍ରଚୁର ପରିମାଣରେ ହୋଇଥିଲା। ତେବେ ବୃଷ୍ଟି ପାତ ସ୍ୱାଭାବିକ ଭାବେ ହେଉ ନ ଥିବାରୁ ଚାଷୀ ଚିନ୍ତାରେ ଥିଲେ। କେତେକ ଡିପ ଜମିରେ ଧାନ ଗଛ ପାଣି ଅଭାବରୁ ହଳଦିଆ ହୋଇ ଯାଇଥିଲା। ରୋଗ ପୋକର ମଧ ପାଦୁର୍ଭାବ ବୃଦ୍ଧି ପାଇଥିଲା। ଏପରିକି ଷୋଳସା ପାଣ୍ଡରେ ମଧ ଚାଷ ସେମିତି ଭଲ ହୋଇ ନ ଥିଲା। କାଳନ୍ଦା, ସୁନ୍ଦୁର କୋଇଲି, ମଧୁପୁରା ଆଦି ପାଣ୍ଡରେ ବିଳମ୍ବରେ ବୃଷ୍ଟି ପାତ ଯୋଗୁଁ ଚାଷ ଧିମେଇ ଯାଇଥିଲା। ରୋଗ ପୋକ କଥା ନ କହିବା ଭଲ। ତେବେ ଲଗାଣ ବର୍ଷା ଯୋଗୁଁ ରୋଗ ପୋକ ହ୍ରାସ ପାଇବ ବୋଲି ଚାଷୀମାନେ ଆଶା ବ୍ୟକ୍ତ କରିଛନ୍ତି। ବାଲିଆପାଳ ଅଞ୍ଚଳରେ ଧାନ ଚାଷ ଲୋକଙ୍କର ମୁଖ୍ୟ ଚାଷ ହୋଇ ଥିବାରୁ ଖରିଫ ଧାନ ଚାଷ ଉପରେ ଲୋକେ ବହୁ ଭାବରେ ନୀର୍ଭର କରନ୍ତି। ଚଳିତ ବର୍ଷ ପାଖା ପାଖି ସତୁରି ପ୍ରତିଶତ ଜମିରେ ଖରିଫ ଧାନ ଚାଷ ଆବାଦ ହୋଇଛି। ରାସାୟନିକ ସାର ଓ କୀଟ ନାଶକ ଔଷଧର ଅତ୍ୟଧିକ ଦର ସତ୍ତ୍ୱେ ଚାଷୀ ଜମିରେ



ରୁଆ ରୁଇ ସାରିଛନ୍ତି। ଆଗକୁ ଯଦି ଏଭଳି ଅନୁକୂଳ ପାଗ ଲାଗିରହେ ତାହେଲେ ଚାଷ ଭଲ ଭାବରେ ଅମଳ ହୋଇ ପାରିବ ବୋଲି ଶରତ ଚନ୍ଦ୍ର ପ୍ରଧାନ,ଅନନ୍ତ କୁମାର ରାଉତ, ମନ୍ମଥ କୁମାର ପାତ୍ର,ଅନନ୍ତ କୁମାର ଜେନା, ମୁରଲୀ ମୋହନ ଜେନା, ମୁକୁନ୍ଦ ପ୍ରସାଦ ସେନାପତି, ଗଜେନ୍ଦ୍ର କୁମାର ଜେନା, କାଳି ଚରଣ ସି, ମନମୋହନ ଟୁଡୁ ପ୍ରମୁଖ ଚାଷୀମାନେ ପ୍ରକାଶ କରିଛନ୍ତି । ଅନ୍ୟ ପକ୍ଷରେ କେନ୍ଦ୍ର ସରକାର ଧାନର ସର୍ବ ନିମ୍ନ ମୂଲ୍ୟ ତିନି ହଜାର ଟଙ୍କା ଧାର୍ଯ୍ୟ କରିଥିବାରୁ ଚଳିତ ବର୍ଷ ଏ ଅଞ୍ଚଳରେ ଅଧିକ ଖରିଫ ଧାନ ଚାଷ ହୋଇଛି।

## ଇଂଜିନିୟର୍ସ ଦିବସରେ ଶୁଭେଚ୍ଛା ଜଣାଇଲେ ପ୍ରଧାନମନ୍ତ୍ରୀ

ନୂଆଦିଲ୍ଲୀନୂଆଦିଲ୍ଲୀ, ୧୫/୯ : ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଇଂଜିନିୟରସ ଦିବସ ଅବସରରେ ଶୁଭେଚ୍ଛା ଜଣାଇଛନ୍ତି ।
ସେ ସୋସିଆଲ ମିଡିଆ ଏକ୍ସରେ ଲେଖିଛନ୍ତି, ସମସ୍ତ ଇଞ୍ଜିନିୟର୍ ମାନଙ୍କୁ ଇଞ୍ଜିନିୟର୍ସ ଡେ ଶୁଭେଚ୍ଛା, ଯେଉଁମାନେ ପ୍ରତ୍ୟେକ କ୍ଷେତ୍ରରେ ପ୍ରଗତିକୁ ଗତି ଦେଉଛନ୍ତି ଓ ନବାଚାର କରୁଛନ୍ତି । ବିଭିନ୍ନ ପ୍ରକାରର ଜଟିଳ ଆହ୍ୱାନର ସମାଧାନ କରୁଛନ୍ତି । ସାର୍ ଏମ୍ ବିଶ୍ୱେଶ୍ୱରେୟାଙ୍କୁ ମନେ କରୁଛି , ଯାହାଙ୍କର ଇଞ୍ଜିନିୟରିଂରେ ଅବଦାନ ବହୁଳ ଭାବରେ ଜଣାଶୁଣା।

# ବେତନଟୀରେ ରାଜ୍ୟସ୍ତରୀୟ ବାର୍ଷିକ ପ୍ରତିଯୋଗିତା ଅନୁଷ୍ଠିତ

ବେତନଟୀ , ୧୫/୯ (ନି.ପ୍ର): ବେତନଟୀ ମହାରାଜା ପ୍ରତାପ ଚନ୍ଦ୍ର ଉଚ୍ଚ ବିଦ୍ୟାଳୟରେ ଆଜି ସମ୍ବାଦ ଓ ଆମ ଓଡ଼ିଶା ତରଫରୁ ରାଜ୍ୟସ୍ତରୀୟ ବାର୍ଷିକ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ଏଥିରେ ବେତନଟୀ ବ୍ଲକ ସମ୍ବାଦ ପ୍ରତିନିଧି ଅନୁପ କୁମାର ଦଣ୍ଡପାଟଙ୍କ ସଂଯୋଜନାରେ ବେତନଟୀ ବ୍ଲକର ବିଭିନ୍ନ ବିଦ୍ୟାଳୟରୁ ଆସିଥିବା ଛାତ୍ରଛାତ୍ରୀମାନେ ଚିତ୍ରାଙ୍କନ, ହସ୍ତାକ୍ଷର ଓ ଭାଷାଜ୍ଞାନ ପ୍ରତିଯୋଗିତା ରେ ମୋଟ ୨୩୮ ଜଣ ଛାତ୍ରଛାତ୍ରୀ ଭାଗ ନେଇଥିଲେ । ଏଥିରେ କୃତକାର୍ଯ୍ୟ ହୋଇଥିବା ଛାତ୍ରଛାତ୍ରୀ ମାନଙ୍କୁ ସମ୍ବାଦ ତରଫରୁ ପୁରସ୍କାର ପ୍ରଦାନ କରାଯାଇଥିଲା । ବେତନଟୀ ସମ୍ବାଦ ସାହିତ୍ୟ ଘରର ସଭାପତି ମନ୍ଦାକିନୀ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟ ଅତିଥି ଭାବରେ ବଡସାହି ବିଧାୟକ ସନାତନ ବିଜୁଳି , ମୁଖ୍ୟ ବକ୍ତା ଭାବରେ ଏମପିସି ହାଇସ୍କୁଲ ର ପ୍ରଧାନ ଶିକ୍ଷକ ଅର୍ଜୁନ ସିଂ, ସମ୍ମାନୀତ ଅତିଥି ଭାବରେ ବେତନଟୀ ଅତିରିକ୍ତ ଶିକ୍ଷାଧିକାରୀ ରମାକାନ୍ତ ମହାନ୍ତ, ୩୫ ନମ୍ବର ମଣ୍ଡଳ ସମ୍ପାଦକ ଜୀବନ ପରିଡ଼ା , ୩୫ ନମ୍ବର ମହିଳା ମୋର୍ଚ୍ଚା ମଣ୍ଡଳ ସଭାପତି ମିନା ମହାନ୍ତି ପ୍ରମୁଖ ଉପସ୍ଥିତ ରହି କୃତୀ ଛାତ୍ରଛାତ୍ରୀ ମାନଙ୍କୁ ପୁରସ୍କୃତ କରିଥିଲେ । ମଞ୍ଚ ପରିଚାଳନା ରେ ଲେଖକ ପର୍ଶୁରାମ ସାହୁ ଦାଇତ୍ୱ ତୁଲାଇଥିଲା ବେଳେ ଏହି କାର୍ଯ୍ୟକ୍ରମକୁ ଯୁବ ସଙ୍ଗଠକ ଚନ୍ଦ୍ର ଶେଖର ବେରା , ଶିକ୍ଷକ ନରୋତ୍ତମ ମହାନ୍ତ , ସଂଜୟ ମଢୁଆଳ , ଯୁବ ନେତା ବିକାଶ କୁମାର ଦାସ , ସଂଜୀବ କୁମାର ଜେନା , ପଦ୍ମମାଳୀ ମହିଳା ସଙ୍ଗଠନର ସଦସ୍ୟା ଗୀତାଞ୍ଜଳୀ ଭୂୟାଁ, ସୋନା ଖାତୁନ, ମନୋରମା ସାହୁ, ପିଙ୍କି ସ୍ୱାଇଁ , ପାମେଲା ଜେନା , ବେତନଟୀ ସମ୍ବାଦ ବିତରକ କମଳଲୋଚନ କର , ବିର କିଶୋର ବିଶ୍ୱାଳ , ସୁମନ୍ତ ପରିଡ଼ା , ରବିନ୍ଦ୍ର ମହାନ୍ତି ପ୍ରମୁଖ ସହଯୋଗ କରିଥିଲେ । ସର୍ବ ଶେଷରେ ସମ୍ବାଦ ସାହିତ୍ୟ ଘର ର କାର୍ଯ୍ୟକାରୀ ସଭାପତି ପ୍ରଭାତି ମହାନ୍ତି ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ପୁଅର କାଠ ଫାଳିଆ ମାଡ଼ରେ ମା' ମୃତ, ଭଉଣୀ ଗୁରୁତର

ଚମ୍ପୁଆ, ୧୫/୯ (ନି.ପ୍ର): ଚମ୍ପୁଆ ଉପଖଣ୍ଡସ୍ଥ ଯୋଡ଼ା ଥାନା ଅନ୍ତର୍ଗତ ଲହଣ୍ଡା ମୁଣ୍ଡା ସାହିରେ ଏକ ଅଭାବନୀୟ ଘଟଣା ଘଟି ଯାଇଛି। ଜଣେ ଯୁବକ ନିଜ ମାଆ ଓ ଭଉଣୀଙ୍କୁ କାଠ ଫାଳିଆରେ ମରଣାନ୍ତକ ଆକ୍ରମଣ କରିଛି। ଆକ୍ରମଣରେ ମା' ଗୁରୁବାରୀ ମୁଣ୍ଡାଙ୍କ ମୃତ୍ୟୁ ହୋଇଥିବା ବେଳେ, ଝିଅ ପାନମତୀ ମୁଣ୍ଡାଙ୍କ ଅବସ୍ଥା ଅତ୍ୟନ୍ତ ଗୁରୁତର ରହିଛି। ସ୍ଥାନୀୟ ଲୋକେ ପାନମତୀଙ୍କୁ ସଙ୍କଟାପନ୍ନ ଅବସ୍ଥାରେ ଉଦ୍ଧାର କରି ନିକଟସ୍ଥ ବାସୁଦେବପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିବା ସହିତ ଅମାନୁଷିକ ଘଟଣା ଘଟାଇଥିବା ଅଭିଯୁକ୍ତ ପୁଅ ସିମଲ୍ ମୁଣ୍ଡାକୁ କାବୁ କରି ପୋଲିସକୁ ଜିମା ଦେଇଛନ୍ତି ସ୍ଥାନୀୟ ଗ୍ରାମବାସୀ। ଶନିବାର ସନ୍ଧ୍ୟା ପ୍ରାୟ ୭ଟା ସମୟରେ ଏହି ଦୁଃଖଦ ଘଟଣା ଘଟି ଯାଇଛି। ତେବେ ପୁଅ ସିମଲ୍ ମୁଣ୍ଡା ଏଭଳି କାଣ୍ଡ କାହିଁକି ଘଟାଇଲା ସେନେଇ କିଛି ସ୍ପଷ୍ଟ ହୋଇପାରି ନ ଥିବା ବେଳେ ପାରିବାରିକ କଳହରୁ ଏଭଳି ଘଟିଥିବା ସନ୍ଦେହ କରାଯାଉଛି। ଯୋଡ଼ା ପୋଲିସ ଘଟଣା ସ୍ଥଳରେ ପହଂଚି ଶବକୁ ଜବତ କରିବା ସହିତ ତଦନ୍ତ ଆରମ୍ଭ କରିଛି । ଅନ୍ୟ ପଟେ ଭଉଣୀ ପାନମତୀର ସ୍ଥିତି ଗମ୍ଭୀର ଥିବା ଜଣାପଡିଛି।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❒ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704,267078

❒ Managing & Executive Editor : Srustidhar Parida
❒ Editor: Sairindhree Sahoo